

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୪ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 June 2024

Vol.No. 35 ■ No.149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମତଦାନରେ ୱାର୍ଲ୍ଡ ରେକର୍ଡ କରିଛି ଭାରତ




ଭୁବନେଶ୍ୱର, ୩/୬ (ନି.ପ୍ର): 'ଚଳିତଥର ଐତିହାସିକ ରେକର୍ଡ ହାସଲ କରିଛି ଭାରତ। ମତଦାନରେ ଭାରତ କରିଛି ୱାର୍ଲ୍ଡ ରେକର୍ଡ।' ଆସନ୍ତାକାଲି ପ୍ରକାଶ ପାଇବ ଚଳିତ ଲୋକସଭା ନିର୍ବାଚନର ଫଳାଫଳ। ଏଥିପାଇଁ ସକାଳ ୮ଟାରୁ ଭୋଟ୍ ଗଣତି ହେବ। ତେବେ ଭୋଟ୍ ଗଣତି ପୂର୍ବରୁ ଭାରତୀୟ ନିର୍ବାଚନ କମିଶନ ପ୍ରେସମିଟ୍ କରି ଏଭଳି କିଛି ସୂଚନା ଦେଇଛନ୍ତି। ଚଳିତଥର ମତଦାନରେ ଭାରତ ଐତିହାସିକ ରେକର୍ଡ ହାସଲ କରିଛି। ଭାରତରେ ୬୪୨ ନିୟୁତ ଭୋଟର ଅଛନ୍ତି। ଏହି ସଂଖ୍ୟା ବିଶ୍ୱରେ ଥିବା ୨୭ଟି ଦେଶର ଭୋଟରଙ୍କ ତୁଳନାରେ ପାଞ୍ଚ ଗୁଣ ଅଧିକ। ଚଳିତ ନିର୍ବାଚନରେ ୬୪ କୋଟିରୁ ଅଧିକ ଲୋକ ଭୋଟ୍ ଦେଇଛନ୍ତି। ଏହି ନିର୍ବାଚନରେ ଭାରତ ବିଶ୍ୱ ରେକର୍ଡ ସୃଷ୍ଟି କରିଛି ବୋଲି ବୋଲି ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାର କହିଛନ୍ତି। କେବଳ ସେତିକି ନୁହେଁ, ଉକ୍ତ ପ୍ରେସ୍‌ମିଟ୍‌ରେ ଛିଡ଼ା ହୋଇ ମୁଖ୍ୟ ନିର୍ବାଚନ କମିଶନର ମହିଳା ଭୋଟରଙ୍କୁ ସମ୍ମାନ ଜଣାଇଛନ୍ତି। ୨୦୧୯ ଠାରୁ ୨୦୨୪ରେ ଦେଶରେ ଅଧିକ ମହିଳା ମତଦାତା ଅଛନ୍ତି। ୩୧ କୋଟିରୁ ଅଧିକ ମହିଳା ଭୋଟରଙ୍କୁ ନେଇ ମତଦାନ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ନିର୍ବାଚନ କମିଶନ। ଆମେ ବୃଦ୍ଧଙ୍କ ଘରକୁ ଘର ଯାଇ ସେମାନଙ୍କ ଭୋଟ୍ ନେଇଛୁ। ୮୫ରୁ ଅଧିକ ବୟସ୍କ ଭୋଟରମାନେ ଘରୁ ଭୋଟ୍ ଦେଇଛନ୍ତି। ଜମ୍ମୁ-କଶ୍ମୀରରେ ରେକର୍ଡ ମତଦାନ ହୋଇଛି। ଚଳିତ ବର୍ଷ ଗତ ୪ ଦଶନ୍ଧି ମଧ୍ୟରେ ଜମ୍ମୁ କାଶ୍ମୀରରେ ସର୍ବାଧିକ ମତଦାନ ହୋଇଛି। ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶା ଭଳି ନକ୍ସଲପ୍ରବଣ ଅଞ୍ଚଳରେ ମାଓ ହିଂସା ହୋଇନି ବୋଲି ମୁଖ୍ୟ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ସେହିପରି ଚଳିତ ଲୋକସଭା ନିର୍ବାଚନରେ ରି-ପୋଲିଂ କମିଛି। ୨୭ ରାଜ୍ୟର କୌଣସି ବି ବୁଥ୍‌ରେ ହୋଇନି ପୁନଃ ମତଦାନ। ୨୦୧୯ ନିର୍ବାଚନରେ ୫୪୦ ସ୍ଥାନରେ ରି-ପୋଲିଂ ହୋଇଥିଲା। ହେଲେ ୨୦୨୪ରେ ମାତ୍ର ୩୯ଟି ବୁଥ୍‌ରେ ସାନି ମତଦାନ ହୋଇଛି। ମଣିପୁର, ଅରୁଣାଚଳ ପ୍ରଦେଶର ସର୍ବାଧିକ ୨୫ଟି ବୁଥ୍‌ରେ ସାନି ମତଦାନ ହୋଇଛି। ବାକି ୧୪ଟି ସାନି ମତଦାନ ଅନ୍ୟ ରାଜ୍ୟର ବୁଥ୍‌ରେ ହୋଇଛି ବୋଲି ଇସି କହିଛନ୍ତି। ୧.୫ କୋଟି ଭୋଟର ଏବଂ ସୁରକ୍ଷା କର୍ମୀ ଯାତାୟତ ପାଇଁ ୧୩୫ଟି ସ୍ୱତନ୍ତ୍ର ଟ୍ରେନ୍, ୪ ଲକ୍ଷ ବାହାନ ଏବଂ ୧୬୯୨ଟି ଫ୍ଲାଟ ବ୍ୟବହାର କରାଯାଇଥିଲା ୬୮୭୬୩ ମନିଟରିଂ ଦଳ ନିର୍ବାଚନ ଉପରେ ନଜର ରଖିଥିଲେ ବୋଲି ଇସିଆଇ କହିଛନ୍ତି।

## ଷୋଡ଼ଶ ବିଧାନସଭା ଭଙ୍ଗ କଲେ ରାଜ୍ୟପାଳ: ବିଜ୍ଞପ୍ତି ଜାରି




ଭୁବନେଶ୍ୱର, ୩/୬ (ନି.ପ୍ର): ରାଜ୍ୟ କ୍ୟାବିନେଟର ସୁପାରିଶ ପରେ ଆଜି ଷୋଡ଼ଶ ବିଧାନସଭାକୁ ଭଙ୍ଗ କରିଛନ୍ତି ରାଜ୍ୟପାଳ ରଘୁବର ଦାସ । ଆଜି ଏନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ବିଧାନସଭା ନିର୍ବାଚନ ଭୋଟ ଗଣତିର ଦିନକ ପୂର୍ବରୁ ଷୋଡ଼ଶ ବିଧାନସଭାକୁ ଭଙ୍ଗ ପାଇଁ ରାଜ୍ୟ କ୍ୟାବିନେଟ୍ ସୁପାରିଶ କରିଥିଲେ । ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭାରତୀୟ ସମ୍ବିଧାନର ଧାରା ୧୭୪(୨)(ଖ)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ଜାତୀୟ ନିର୍ବାଚନ କମିଶନଙ୍କ ୨୦୧୯ ମେ' ୨୫ତାରିଖ ବିଜ୍ଞପ୍ତି ଆଧାରରେ ଗଠିତ ଓଡ଼ିଶା ବିଧାନସଭାକୁ ଭଙ୍ଗ କରାଗଲା । ଯାହାକି ନିର୍ବାଚନ ଆୟୋଗଙ୍କ ଦ୍ୱାରା ନବ ନିର୍ବାଚିତ ବିଧାୟକଙ୍କୁ ନେଇ ଗଠନ ଦିନଠୁ ପ୍ରଭାବୀ ହେବ । ରାଜ୍ୟପାଳଙ୍କ ଏହି ନିର୍ଦ୍ଦେଶ ସଂକ୍ରାନ୍ତ ବିଜ୍ଞପ୍ତିକୁ ଆଜି ସାଧାରଣ ବିଜ୍ଞପ୍ତି ଆକାରରେ ମୁଖ୍ୟ ସଚିବଙ୍କ ଦ୍ୱାରା ଜାରି ହୋଇଛି । ଉଲ୍ଲେଖଯୋଗ୍ୟ, ଆଜି ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିଶ କରାଯାଇଥିଲା । ସୂଚନାଯୋଗ୍ୟ, ପ୍ରଚଳିତ ପ୍ରାବଧାନ ଅନୁସାରେ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ବିଧାନସଭାକୁ ଭଙ୍ଗ କରାଯାଇଥାଏ । ମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ୍ ମନ୍ତ୍ରୀମାନେ ଇସ୍ତଫା ଦେଇଥାନ୍ତି । ଆଉ ନୂଆ ସରକାର ଦାୟିତ୍ୱ ନେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କାମଚଳା ଦାୟିତ୍ୱରେ ରହିଥାନ୍ତି ।

## ରାୟଗଡାରେ ବଜ୍ରାଘାତରେ ୨ ମୃତ

ଭୁବନେଶ୍ୱର/ରାୟଗଡା, ୩/୬ (ନି.ପ୍ର): ରାୟଗଡାରେ ବଜ୍ରାଘାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଗତକାଲି ରାୟଗଡା ବ୍ଲକରେ ବଜ୍ରାଘାତରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ମିରାବାଲି ପଂଚାୟତ ମିରାବାଲି ଗ୍ରାମର ୩୮ ବର୍ଷୀୟ ଶୀତେଇ ଜିଲାକାରଙ୍କର ମୃତ୍ୟ ଘଟିଥିବା ସମୟରେ କାରୁବାଇ ପଂଚାୟତର କାରୁବାଇ ଗ୍ରାମରେ ୪୫ ବର୍ଷୀୟ ମୁତୃକା ମଣ୍ଡାଙ୍ଗୀଙ୍କର ମୃତ୍ୟୁ ଘଟିଛି । ଉଭୟ ଗତକାଲି ବର୍ଷା ପବନରେ ଗାଁ ନିକଟରୁ ଆମ୍ବ ସଂଗ୍ରହ କରିବାକୁ ଯାଇଥିବା ସମୟରେ ବଜ୍ରାଘାତର ଶିକାର ହୋଇଥିଲେ । ଉଭୟଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି ।

## ରାଜ୍ୟରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ୩୦କୁ ବୃଦ୍ଧି

ଭୁବନେଶ୍ୱର, ୩/୬ (ନି.ପ୍ର): ରାଜ୍ୟରେ ଅଂଶୁଘାତ ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି। ସରକାରୀ ଭାବେ ଗତ ୨୪ ଘଣ୍ଟାରେ ଗଲାଣି ୪ ଜୀବନ। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ମୋଟ ୧୪୭ଟି ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୫୦ଟି ମାମଲାର ତଦନ୍ତ ସରିଥିବା ବେଳେ, ୩୦ଟି ଅଂଶୁଘାତ ଜନିତ ଓ ଅନ୍ୟ ୨୦ଟି ଅଂଶୁଘାତ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ବାକି ୯୭ଟି ମୃତ୍ୟୁ ମାମଲାର ତଦନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ପୂର୍ବରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଥିଲେ ଯେ, ସୁନ୍ଦରଗଡ଼ ଓ ଝାରସୁଗଡ଼ା ଆଦି ଖଣି ଅଞ୍ଚଳରୁ ଅଧିକ ହିଟୱେଭେ ମାମଲା ଆସୁଛି। ରାଉରକେଲାରେ ମୃତକଙ୍କ ଭିତରୁ ହସ୍ପିଟାଲ ଆସିବା ପୂର୍ବରୁ କିଛି ରୋଗୀଙ୍କ ପ୍ରାଣ ହରାଇଥିଲେ। ଆଉ କିଛି ମୃତକଙ୍କ ପୋଷ୍ଟମର୍ଟମ ଚାଲିଛି। ଅସ୍ୱାଭାବିକ ମୃତ୍ୟୁର ଯୁଗ୍ମ ତଦନ୍ତ ଚାଲିଛି। ଏବେ କିଛି ଅଂଶୁଘାତ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲାପାଳ ଓ ଉଉଗଡ ମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।

## ଆଜି ଭୋଟ୍ ଗଣତି : ୭୦ଟି କେନ୍ଦ୍ରରେ ହେବ ମତଗଣନା



ଭୁବନେଶ୍ୱର, ୩/୬ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ବାହାରିବ ୨୦୨୪ର ଫଳ। ରାଜ୍ୟର ୧୪୭ ବିଧାନସଭା ଆସନ ଓ ୨୧ ଟି ସଂସଦୀୟ ଆସନରେ ହୋଇଥିବା ୪ ଟି ପର୍ଯ୍ୟାୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଆସନ୍ତାକାଲି ୭୦ଟି କେନ୍ଦ୍ରରେ ମତଗଣନା କରାଯିବ। ସୋମବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ୪ଟି ପର୍ଯ୍ୟାୟ ନିର୍ବାଚନରେ ଅଢେଇ କୋଟିରୁ ଅଧିକ ଭୋଟର ମତଦାନ କରିଛନ୍ତି। ୨୦୧୯ ତୁଳନାରେ ୨୦୨୪ରେ ମତଦାନ ହାର ବଢ଼ିଛି । ୨୦୧୯ରେ ୭୩.୦୯% ଓ ୨୦୨୪ରେ ୭୪.୪୪% ମତଦାନ ହୋଇଛି । ଏଥିମଧ୍ୟରେ ପୁରୁଷ ୭୩.୦୩% ଓ ୭୫.୫୫% ମହିଳା ଭୋଟର ଭୋଟ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ଭୋଟ ଗଣତି ଓ ଫଳାଫଳ ପ୍ରକାଶ ପ୍ରସ୍ତୁତି ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୭୦ଟି ଭୋଟ ଗଣତି କେନ୍ଦ୍ରରେ ହେବ ଭୋଟ ଗଣତି । ୬୯ଟି ସେଂଟରରେ ଇଭିଏମ କାଉଂଟ ହେବ । ୬୦ଟି ହଲରେ ଉଭୟ ବିଧାନସଭା ଓ ସଂସଦୀୟ କ୍ଷେତ୍ରର ଭୋଟ ଗଣତି ହେବ । ଭାରତୀୟ ନିର୍ବାଚନ କମିଶନଙ୍କ ତରଫରୁ ୧୨୪ ଜଣ ଅବଜରର୍ଭର ନିଯୁକ୍ତି ହୋଇଛନ୍ତି । ଛତ୍ରପୁରରେ ଆସ୍କା ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପୋଷ୍ଟାଲ ବ୍ୟାଲେଟ ଗଣତି ହେବ। ୧ ଲକ୍ଷ ୪୬

▶▶ପୃଷ୍ଠା ୭

## ଦିଲ୍ଲୀରୁ ଝାନ୍ସି ଯାଉଥିବା ତାଜ୍ ଏକ୍ସପ୍ରେସରେ ନିଆଁ

ନୂଆଦିଲ୍ଲୀ, ୩/୬ : ଦିଲ୍ଲୀରୁ ଝାନ୍ସି ଅଭିମୁଖେ ଯାଉଥିବା ତାଜ ଏକ୍ସପ୍ରେସରେ ଆଜି ନିଆଁ ଲାଗିଯାଇଥିବା ସୂଚନା ମିଳିଛି। ଦିଲ୍ଲୀର ଓଖଲା ଓ ତୁଗଲକାବାଦ ଷ୍ଟେସନ ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୨ଟି ବଗି ପୋଡ଼ି ପାଉଁଶ ହୋଇଯାଇଛି। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ଯାତ୍ରୀ ଫସି ନଥିଲେ। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଉତ୍ତର ରେଳବାଇର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର କହିଛନ୍ତି ଯେ ଆଜି ନୂଆଦିଲ୍ଲୀ ଷ୍ଟେସନରୁ ୧୨୨୮୦ ତାଜ ଏକ୍ସପ୍ରେସ ବାହାରିଥିଲା। ଟ୍ରେନ୍‌ଟି ଓଖଲା ଓ ତୁଗଲକାବାଦ ମଧ୍ୟରେ ଥିବା ବେଳେ ଦୁଇଟି ବଗିରେ ନିଆଁ ଲାଗିଯାଇଥିଲା। କୋଚରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ପୁରୀରେ ଗଣତି ପରବର୍ତ୍ତୀ ବିଜୟ ଉତ୍ସବ ପାଳନ ଉପରେ କଟକଣା



ପୁରୀ, ୩/୬ (ନି.ପ୍ର): ପୁରୀରେ ଗଣତି ପରବର୍ତ୍ତୀ ବିଜୟ ଉତ୍ସବ ପାଳନରେ ଲାଗିଲା କଟକଣା। ବାଣ ଟ୍ରାଜେଡିକୁ ଦୃଷ୍ଟିରେ ରଖି ପୁଲିସ ଓ ଜିଲ୍ଲା ପ୍ରଶାସନ ନେଇଛି ଏହି ପଦକ୍ଷେପ। ଫଳାଫଳ ଆସିବା ପରେ କୌଣସି ପ୍ରକାର ଡିଜେ ବଜାଇବା ଓ ବାଣ ଫୁଟାଇବାକୁ ବାରଣ କରାଯାଇଛି।

▶▶ପୃଷ୍ଠା ୭

## ପ୍ରକାଶ ପାଇଲା ଓଜେଇଇ ରେଜଲ୍ଟ: ବି.ଫାର୍ମାରେ ସାଗରିକା ଦାଶ ଟପ୍ପର



ଭୁବନେଶ୍ୱର, ୩/୬ (ନି.ପ୍ର): ପ୍ରକାଶ ପାଇଛି ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା ରେଜଲ୍ଟ। ୬୫ ହଜାର ୭୪୨ ଛାତ୍ରଛାତ୍ରୀ ଓଜେଇଇ ପରୀକ୍ଷା ଦେଇଥିବା ବେଳେ ୫୬ହଜାର ୪୭ ଜଣ ରାଙ୍କ ପାଇଛନ୍ତି। ବି.ଫାର୍ମାରେ ସାଗରିକା ଦାଶ ଟପ୍ପର ହୋଇଥିବା ବେଳେ ଏମ୍. ଫାର୍ମାରେ ପଦ୍ମାଳୟା ମିଶ୍ର ଟପ୍ପର ହୋଇଛନ୍ତି। ସେହିପରି ଏଲ୍‌ଇ.ଟେକ୍ (ଡିପ୍ଲୋମା)ରେ ବିଲ୍‌ଟୁ ମଣ୍ଡଳ ଟପ୍ପର ହୋଇଥିବା ବେଳେ ଏମ୍‌ବିଏରେ ସୂର୍ଯ୍ୟକାନ୍ତ ପୃଷ୍ଟି , ସିଭିଲ୍ ଇଂଜିନିୟରିଂ ରବୀନ୍ଦ୍ର ସାହୁ ଓ କମ୍ପୁଟର ସାଇନ୍ସରେ ବ୍ରହ୍ମାନନ୍ଦ ମହାରଣା ଟପ୍ପର ହୋଇଛନ୍ତି। ଗତମାସ ୬ ତାରିଖରୁ ଓଜେଇଇ ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୬୫ ହଜାର ୭୪୨ ଛାତ୍ରଛାତ୍ରୀ ଲାଟରାଲ ଏଣ୍ଟ୍ରି, ଏମଟେକ୍, ଏମବିଏ, ଏମସିଏ ଭଳି ପ୍ରଫେସନାଲ କୋର୍ସରେ ଆଡମିଶନ ଲାଗି ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## 'ମୋଦୀ ପୁଣି ଥରେ କ୍ଷମତାକୁ ଫେରିଲେ ଭାରତ-ଚୀନ୍ ହେବନି ଲଢ଼େଇ' : ସି ଜିନପିଙ୍ଗଙ୍କ ମୁଖପତ୍ରରେ ପ୍ରକାଶ



ନୂଆଦିଲ୍ଲୀ, ୩/୬ : ଲୋକସଭା ନିର୍ବାଚନର ଅଧିକାଂଶ ଏକଜିଟ୍ ପୋଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ପୁଣି ଥରେ କ୍ଷମତାକୁ ଫେରିବା ପୂର୍ବାନୁମାନ କରିଛନ୍ତି। ଯଦି ଏକଜିଟ୍ ପୋଲକୁ ବିଶ୍ୱାସ କରାଯାଏ, ତେବେ ତୃତୀୟ ଥର ପାଇଁ ଭାରତରେ ମୋଦୀ ସରକାର କ୍ଷମତାକୁ ଆସିବାର ସମସ୍ତ ସମ୍ଭାବନା ରହିଛି। ଅନେକ ଏକଜିଟ୍ ପୋଲରେ ବିଜେପିର ସ୍ଲୋଗାନ ୪୦୦ ପାର୍ ଉପରେ ଗୁରୁତ୍ୱାରୋପ କରାଯାଇଛି। ତେବେ ଲୋକସଭା ନିର୍ବାଚନର ଅନ୍ତିମ ଫଳାଫଳ ଜୁନ୍ ୪ ରେ ଆସିବ। ସେପଟେ ଲୋକସଭା ନିର୍ବାଚନରେ ବିଜେପିର ବିଜୟ ହେବାର ସମ୍ଭାବନାକୁ ମଧ୍ୟ ଚୀନ୍ ତୀକ୍ଷଣ ନଜର ରଖିଛି। ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମୁଖପାତ୍ର ଗ୍ଲୋବାଲ ଟାଇମ୍ସ ଯଦି ନରେନ୍ଦ୍ର ମୋଦୀ ପୁଣି ଥରେ ପ୍ରଧାନମନ୍ତ୍ରୀ ହୁଅନ୍ତି ତେବେ ଭାରତ-ଚୀନ୍ ବନ୍ଧୁତ୍ୱର ସମ୍ଭାବନା ପ୍ରକାଶ କରିଛନ୍ତି। ଭାରତ ଚୀନ୍ ମଧ୍ୟରେ ଆଉ ଲଢ଼େଇ ହେବନି ବୋଲି ଏଥିରେ ପ୍ରକାଶ ପାଇଛି। ଗ୍ଲୋବାଲ ଟାଇମ୍ସ ହେଉଛି ଚୀନର ଜିନପିଙ୍ଗ ସରକାରଙ୍କ ସରକାରୀ ଖବରକାଗଜ। ଗ୍ଲୋବାଲ ଟାଇମ୍ସର ଦୃଷ୍ଟିକୋଣକୁ ଚୀନର ମତ ବୋଲି ବିବେଚନା କରାଯାଇଥାଏ। ଏପରି ପରିସ୍ଥିତିରେ, ଗ୍ଲୋବାଲ୍ ଟାଇମ୍ସର ବିଶେଷଜ୍ଞଙ୍କ ଉଦ୍ଧୃତ ଏହି ଆର୍ଟିକିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବାସ୍ତବରେ ଚୀନ୍ ମିଡିଆ ଗ୍ଲୋବାଲ୍ ଟାଇମ୍ସ ଏହାର ଆର୍ଟିକିଲରେ ଲେଖିଛି ପ୍ରଧାନମନ୍ତ୍ରୀ ମୋଦୀ କ୍ଷମତାକୁ ଫେରିବା ପରେ ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପର୍କ ମଧ୍ୟ ସୁଦୃଢ଼ ହେବ। ଚାଇନାର ବିଶେଷଜ୍ଞଙ୍କ ଉଦ୍ଦେଶ୍ୟରେ ଗ୍ଲୋବାଲ ଟାଇମ୍ସ ଲେଖିଛି ନରେନ୍ଦ୍ର ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବା ସହିତ ଭାରତର ବୈଦେଶିକ ନୀତି ଏବଂ କୂଟନୀତି ଅଧିକ ଶକ୍ତିଶାଳୀ ହେବ। ଏକଜିଟ୍ ପୋଲ୍ ବିଷୟରେ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ନରେନ୍ଦ୍ର ମୋଦୀଙ୍କ ବିଜୟ ସହିତ ଭାରତର ସାମଗ୍ରିକ ଘରୋଇ ତଥା ବୈଦେଶିକ ନୀତି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଉଦ୍ୟମ ଜାରି ରଖିବେ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖ କରିବା ଜରୁରୀ ଚୀନ୍ ସରକାରଙ୍କ ସହମତି ବିନା ଗ୍ଲୋବାଲ୍ ଟାଇମ୍ସରେ କିଛି ଲେଖା ନାହିଁ।

## ଉଚ୍ଛୁଳିଲା ସେୟାର ମାର୍କେଟ: ସାଢ଼େ ୧୨ ଲକ୍ଷ କୋଟି ବଢ଼ିଲା ନିବେଶକଙ୍କ ସମ୍ପତ୍ତି




ନୂଆଦିଲ୍ଲୀ, ୩/୬ : ଏଗଜିଟ୍ ପୋଲ ପୂର୍ବାନୁମାନ ପରେ ସେୟାର ମାର୍କେଟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି । ଗଣତିର ଦିନକ ପୂର୍ବରୁ ରକେଟ ଭଳି ଉପରକୁ ଉଠିଛି ବଜାର । ୩ ପ୍ରତିଶତ ବଢ଼ିଲା ନିଫ୍ଟି ଓ ସେନସେକ୍ସ । ବ୍ୟାଙ୍କ ନିଫ୍ଟି ୫୧ ହଜାର ପାଖାପାଖି ପହଁଚିଯାଇଛି । ସାଢ଼େ ୧୨ ଲକ୍ଷ କୋଟି ବଢ଼ିଛି ନିବେଶକଙ୍କ ସଂପତି । ପାଖାପାଖି ୩ ମାସ ଧରି ସେୟାର ବଜାର କେତେବେଳେ ଉଠୁଥିଲା, ତ କେତେବେଳେ ପଡୁଥିଲା । ତେବେ ଆଜି ରକେଟ୍ ଭଳି ଉପରକୁ ଉଠିଛି ସେୟାର ମାର୍କେଟ । ଟ୍ରେଡିଂ ଆରମ୍ଭ ହେବା ମାତ୍ରେ ଗୋଟିଏ ପରେ ଗୋଟିଏ ରେଂଜ ଭାଙ୍ଗି ଆକାଶଛୁଆଁ ହୋଇ ଯାଇଥିଲା ବଜାର । ଗୋଟିଏ ପଟେ ଜିଡିପି ଅଭିବୃଦ୍ଧି ୮.୨ ପ୍ରତିଶତ ଓ ଅନ୍ୟପଟେ ଏଗଜିଟ୍ ପୋଲ ଆକଳନ, ବଜାରର ଉତ୍ସାହକୁ ବଢ଼ାଇ ଦେଇଥିଲା । ତୃତୀୟ ଥର ମୋଦୀ ସରକାର ଗଢ଼ିବା ନେଇ ବୁଥ ବାହୁଡ଼ା ମତ ଆସିବା ପରେ କର୍ପୋରେଟ୍ ଜଗତ

▶▶ପୃଷ୍ଠା ୭

# ବଲାଙ୍ଗିର ନାଗରିକ କମିଟିର ଟାଟା ପାୱାର ସ୍ମାର୍ଟ ମିଟର ଲଗାଣ ବିରୋଧରେ ଗଣଧାରଣ ଓ ଦାବିପତ୍ର ପ୍ରଦାନ

ବଲାଙ୍ଗୀର, ୩/୬ (ନି.ପ୍ର): ଟାଟା ପାୱାର ଲଗାଉଥିବା ସ୍ମାଟ ମିଟର କୁ ବିରୋଧ କରି ବଲାଙ୍ଗିର ନାଗରିକ କମିଟି ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ଘ.୯ ରୁ ଘ.୧୧ ପର୍ଯ୍ୟନ୍ତ ଗଣଧାରଣା ଦେଇଥିଲା । ପ୍ରଥମେ ଅନୁପ କୁମାର ସିଂହ ଯିଏ କି ବିଦ୍ୟୁତ ବିଭାଗରେ ଅସ୍ଥାୟୀ ଲାଇନମେନ ଥିଲେ ଓ ଗତ କାଲି କାର୍ଯ୍ୟରତ ଥିବା ସମୟରେ ବିଦ୍ୟୁତ ଖୁଣ୍ଟରେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ସମସ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ନାଗରିକ କମିଟି ସାଧାରଣ ସଂପାଦକ ମଧୁ ସୁଦନ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଏହି ଧାରଣା ଦେବା ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ସଭାପତି ଡ. ଶ୍ରୀକର ମିଶ୍ର ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ରଖିଥିଲେ । ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦିଆଯାଉଥିବା ଦାବିପତ୍ର ରେ ଉଲ୍ଲିଖିତ ତିନୋଟି ବିଷୟ ଉପରେ ଡ. ମିଶ୍ର ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ପରେ ପରେ ବିଦ୍ୟୁତ ବିଭାଗ ର ପରିଚାଳନା ଗତ ତୃଟି ଓ ଦୁର୍ବଳ ସେବା ପ୍ରଦାନ ସମ୍ପର୍କରେ ନାଗରିକ କମିଟିର ସଦସ୍ୟମାନେ ନିଜସ୍ୱ ମତ ପୋଷଣ କରିଥିଲେ । ବିଦ୍ୟୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନାଗରିକ କମିଟି ଦ୍ୱାରା ପ୍ରସ୍ତୁତ ତିନି ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ । ପ୍ରଥମ ଦାବି ଥିଲା ଗ୍ରାହକମାନଙ୍କୁ ଉତମ ସେବା ଯୋଗାଇ ଦିଆଯାଇ ଲୋ ଭୋଲଟେଜ୍ ଓ ପାୱାର କଟ୍ ବନ୍ଦ ହେଉ । ଦ୍ୱିତୀୟରେ ବିଦ୍ୟୁତ ତାର ଦ୍ୱାହି ଦେଇ ଅନାବଶ୍ୟକ ବୃକ୍ଷ କର୍ତନ ବନ୍ଦ କରାଯାଉ। ତୃତୀୟରେ ସ୍ମାର୍ଟ ମିଟର ଶୋଷଣର ପ୍ରତୀକ ହୋଇଥିବାରୁ ତାହାକୁ ଲଗାଇବା ବନ୍ଦ କରାଯାଉ । ଅଧିକ୍ଷଣ ଯନ୍ତ୍ରୀ ଏହା ଉପରେ ଉତର ରଖିଥିଲେ ମଧ ତାହା ସନ୍ତୋଷଜନକ ପ୍ରତୀୟମାନ ହୋଇନଥିଲା । ନାଗରିକ କମିଟି ଦାବି କଲା ଯେ ପ୍ରଥମେ ଟାଟା ପାୱାର ସ୍ମାର୍ଟ ସେବା ଯୋଗାଉ ଯେପରି କି ଲୋ ଭୋଲଟେଜ୍, ଅଧିକ ସମୟ ପାୱାର ଫେଲ, ପାୱାର କଟ୍ ଓ ଅଧିକ ବିଲିଂ ଜନିତ ସମସ୍ୟା ରହିବ ନାହିଁ । ତାପରେ ସ୍ମାର୍ଟ ମିଟର କଥା ଉଠାଇବ । ଉପଯୁକ୍ତ ପରିଚାଳନା ଓ ଉତମ ସେବା ଯୋଗାଇ ନ ପାରିଲେ ବଲାଙ୍ଗିର ଛାଡୁ। ଦିଆଯାଇଥିବା ଦାବିମାନଙ୍କ ଉପରେ ବିହିତ ତଥା ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାନଗଲେ ପରବର୍ତି ସମୟରେ ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରି ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ବଲାଙ୍ଗିର ନାଗରିକ କମିଟି ଚେତାବନି ଦେଇଛି । ଏହି କାର୍ଯ୍ୟକ୍ରମରେ ଗୌର ଚନ୍ଦ୍ର ପୁରୋହିତ, ଶରତ ଚନ୍ଦ୍ର ମହାକୁର, ବିରଂଚି ବହିଦାର, ଗୋପବନ୍ଧୁ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ସୁନିଲ ଚନ୍ଦ୍ର ବିଶ୍ୱାଲ, ଋତୁରାଜ ସିଂ, ଡ. ପ୍ରମୋଦ କୁମାର ମିଶ୍ର, ଆଇନଜିବୀ ଅଶୋକ କୁମାର ମିଶ୍ରଙ୍କ ସମେତ ଶହ ସଂଖ୍ୟାରେ ସଭ୍ୟବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବିଜ୍ଞାପନ ପ୍ରକାଶ କରିବା ପୂର୍ବରୁ ବିଜ୍ଞାପନଦାତା/ବିଜ୍ଞାପନ ଏଜେନ୍ସିମାନଙ୍କ ଦ୍ୱାରା ସ୍ୱ-ଘୋଷଣାପତ୍ର ଦାଖଲ କରିବାକୁ ବାଧ୍ୟତାମୂଳକ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩/୬ : କୌଣସି ବିଜ୍ଞାପନ ପ୍ରକାଶ କିମ୍ବା ପ୍ରସାରଣ କରିବା ପୂର୍ବରୁ ସମସ୍ତ ବିଜ୍ଞାପନଦାତା / ବିଜ୍ଞାପନ ଏଜେନ୍ସି 'ସେଲ୍ଫ-ଡିକ୍ଲାରେସନ୍ ସାର୍ଟିଫିକେଟ୍' ବା 'ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିବା ଆବଶ୍ୟକ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରିଟ୍ ପିଟିସନ ସିଭିଲ ସଂଖ୍ୟା ୬୪୫/୨୦୨୨-ଆଇଏମଏ ଏବଂ ଏଏନଆର ବନାମ ୟୁଓଆଇ ଆଣ୍ଡ ଅନ୍ୟାନ୍ୟଙ୍କ ମାମଲାରେ ୦୭.୦୫.୨୦୨୪ ରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଓ ରେଡିଓ ବିଜ୍ଞାପନ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରସାରଣ ସେବା ପୋର୍ଟାଲରେ ଏବଂ ପ୍ରିଣ୍ଟ ଓ ଡିଜିଟାଲ/ଇଣ୍ଟରନେଟ୍ ବିଜ୍ଞାପନ ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆର ପୋର୍ଟାଲରେ ଏକ ନୂଆ ଫିଚର ବା ବୈଶିଷ୍ଟ୍ୟ ଆରମ୍ଭ କରିଛି । ବିଜ୍ଞାପନଦାତା/ବିଜ୍ଞାପନ ଏଜେନ୍ସିର ଜଣେ ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ସ୍ୱାକ୍ଷରିତ ପ୍ରମାଣପତ୍ର ଏହି ପୋର୍ଟାଲ ମାଧ୍ୟମରେ ଦାଖଲ କରିବା ଆବଶ୍ୟକ।

ଏହି ପୋର୍ଟାଲ ୪ ଜୁନ୍ ୨୦୨୪ରେ କାର୍ଯ୍ୟକ୍ଷମ ହେବ। ୧୮ ଜୁନ୍, ୨୦୨୪ କିମ୍ବା ତା'ପରେ ଜାରି/ ପ୍ରସାରଣ/ପ୍ରକାଶିତ ହେବାକୁ ଥିବା ସମସ୍ତ ନୂତନ ବିଜ୍ଞାପନ ପାଇଁ ସମସ୍ତ ବିଜ୍ଞାପନଦାତା ଏବଂ ବିଜ୍ଞାପନ ଏଜେନ୍ସିମାନଙ୍କ ଦ୍ୱାରା ସ୍ୱ-ଘୋଷଣା ପ୍ରମାଣପତ୍ର ପ୍ରାପ୍ତ କରିବା ଆବଶ୍ୟକ । ସମସ୍ତ ଅଂଶୀଦାରଙ୍କୁ ସ୍ୱ-ପ୍ରମାଣପତ୍ର ପ୍ରକ୍ରିୟା ସହିତ ପରିଚିତ ହେବା ପାଇଁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରିବା ପାଇଁ ଦୁଇ ସପ୍ତାହର ବଫର ଅବଧି ରଖାଯାଇଛି। ଜାରି ରହିଥିବା ବିଜ୍ଞାପନରେ ବର୍ତ୍ତମାନ ସ୍ୱ-ଘୋଷଣା ପ୍ରମାଣପତ୍ର ର ଆବଶ୍ୟକତା ନାହିଁ ।

ବିଜ୍ଞାପନରେ ବିଭ୍ରାନ୍ତିକର ଦାବି ନାହିଁ, ଏବଂ (ସସ) କେବୁଲ ଟେଲିଭିଜନ ନେଟୱାର୍କ ନିୟମ, ୧୯୯୪ ର ନିୟମ ୭ ଏବଂ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସାମ୍ବାଦିକତା ଆଚରଣ ସଂହିତା ସମେତ ସମସ୍ତ ପ୍ରାସଙ୍ଗିକ ନିୟାମକ ନିର୍ଦ୍ଦେଶାବଳୀକୁ ବିଜ୍ଞାପନରେ ପାଳନ କରାଯାଇଛି ବୋଲି ଦର୍ଶାଇବା ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲର ଉଦ୍ଦେଶ୍ୟ। ସମ୍ପୃକ୍ତ ପ୍ରସାରଣକାରୀ, ମୁଦ୍ରାକର (ପ୍ରିଣ୍ଟର୍), ପ୍ରକାଶକ କିମ୍ବା ଇଲେକ୍ଟ୍ରୋନିକ୍ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ସେମାନଙ୍କ ରେକର୍ଡ ପାଇଁ ବିଜ୍ଞାପନଦାତା ସ୍ୱ-ଘୋଷଣା ପ୍ରମାଣପତ୍ର ଅପଲୋଡ୍ କରିବାର ପ୍ରମାଣ ପ୍ରଦାନ କରିବା ଆବଶ୍ୟକ । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ବୈଧ ସ୍ୱ-ଘୋଷଣା ପ୍ରମାଣପତ୍ର ବିନା ଟେଲିଭିଜନ, ପ୍ରିଣ୍ଟ ମିଡିଆ କିମ୍ବା ଇଣ୍ଟରନେଟରେ କୌଣସି ବିଜ୍ଞାପନ ଚଳାଇବାକୁ ଅନୁମତି ଦିଆଯିବ ନାହିଁ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସ୍ୱଚ୍ଛତା, ଉପଭୋକ୍ତା ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ବିଜ୍ଞାପନ ଅଭ୍ୟାସ ସୁନିଶ୍ଚିତ କରିବା ଦିଗରେ ଏକ ପଦକ୍ଷେପ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସମସ୍ତ ବିଜ୍ଞାପନଦାତା, ପ୍ରସାରଣକାରୀ ଏବଂ ପ୍ରକାଶକମାନଙ୍କୁ ଏହି ନିର୍ଦ୍ଦେଶନାମାକୁ ନିଷ୍ଠାର ସହ ପାଳନ କରିବାକୁ ଅନୁରୋଧ କରିଛି।

## ପଶୁ ପକ୍ଷୀଙ୍କ ପାଇଁ ଜଳଛତ୍ର

ଗଞ୍ଜାମ, ୩/୬ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଂଗଳ ଓ ସାଂସ୍କୃତିକ କେନ୍ଦ୍ରର ଏକ ସାଧାରଣ ବୈଠକ ବ୍ରହ୍ମପୁର ଉତ୍କଳ ଆଶ୍ରମ ରୋଡ ସ୍ଥିତ ପାତ୍ର ହସ୍ପିଟାଲ ପରିସରରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂପାଦକ ମହମ୍ମଦ ଆସଲାମଙ୍କ ପ୍ରଚେଷ୍ଟାରେ ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର ପାଇଁ ପାତ୍ର ବିତରଣ କରାଯାଇ ଉପଯୁକ୍ତ ଯତ୍ନ ନେବାପାଇଁ ଅନୁରୋଧ କରାଗଲା। ଆଗାମୀ ଜୁନ୍ ୫ ତାରିଖରେ ପରିବେଶ ଦିବସ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ବୃକ୍ଷରୋପଣ ଓ ଏକ ଆଲୋଚନା କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା।

# ଅବସର ଗ୍ରହଣ ଦିନରେ ଶିକ୍ଷା ବିଭାଗର ପେନସନ ପ୍ରଦାନ

ସୋନପୁର, ୩/୬ (ନି.ପ୍ର): ସୋନପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୫ ଜଣ ଶିକ୍ଷକ ଓ କର୍ମଚାରୀ ଆଜି ସେମାନଙ୍କର ସରକାରୀ ଚାକିରିରୁ ଅବସର ନେଇଛନ୍ତି । ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ସର୍ବମୋଟ ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଆଜି ଅବସର ଦିନ ହିଁ ଫାଇନାଲ୍ ପେନ୍‌ସନ୍ ଓ ବାକି ଦୁଇ ଜଣଙ୍କୁ ପ୍ରୋଭିଜନାଲ୍ ପେନ୍‌ସନ୍ ପ୍ରଦାନ କରାଯାଇଛି । ଯେଉଁ ତିନି ଜଣଙ୍କୁ ଫାଇନାଲ ପେନ୍‌ସନ୍ ପ୍ରଦାନ କରାଗଲା ସେମାନେ ହେଲେ ପଂଚାୟତ ଉଚ୍ଚ ବିଦ୍ୟାଳୟ ବଡ଼କରଲେର ସହକାରୀ ଶିକ୍ଷକ ପ୍ରମୋଦ କୁମାର ପଧାନ, ଆଦିବାସୀ ପଂଚାୟତ ଉଚ୍ଚ ବିଦ୍ୟାଳୟ ସହଲାର କ୍ରୀଡା ଶିକ୍ଷକ ଜିତେନ୍ଦ୍ରିୟ ବୁଡ଼େକ ଓ କମସରା ଉଚ୍ଚ ବିଦ୍ୟାଳୟ କମସରାର ପିଅନ୍ ପଂଚାନନ ସାମନ୍ତରାୟ । ସେହିପରି ଯେଉଁ ଦୁଇ ଜଣଙ୍କୁ ପ୍ରୋଭିଜନାଲ୍ ପେନ୍‌ସନ୍ ପ୍ରଦାନ କରାଯାଇଛି ସେମାନେ ହେଲେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ତରଭାର ପ୍ରଧାନ ଶିକ୍ଷକ ଅଶୋକ କୁମାର ରଥ ଓ ଗୋପାଳଜୀ ଉଚ୍ଚ ବିଦ୍ୟାଳୟ ସିଲାଟିର ଖେଳ ଶିକ୍ଷକ ଶେଷଦେବ ହୋତା । ଏହି ଉପଲକ୍ଷେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସମସ୍ତ ପ୍ରାପ୍ୟ ସମ୍ବନ୍ଧୀୟ କାଗଜ ପତ୍ର ସମସ୍ତ ୫ ଜଣ ଶିକ୍ଷକ ଓ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଉପରୋକ୍ତ କର୍ମଚାରୀ ମାନଙ୍କୁ ସଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଥିବାରୁ ସୋନପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ କନ୍ ଟ୍ରୋଲର୍ ଅଫ ଆକାଉଂଟ ଅଶୋକ କୁମାର ମହାନ୍ତି ଓ ଆସିଷ୍ଟାନ କନ୍‌ଟ୍ରୋଲର୍ ଅଫ ଆକାଉଂଟ ପଦାରବିନ୍ଦ ମହାପାତ୍ରଙ୍କୁ ସାଧୁବାଦ ଜଣାଯାଇଛି । ସୋନପୁର ଶିକ୍ଷା କାର୍ଯ୍ୟାଳୟର ଏହି କାର୍ଯ୍ୟକୁ ଜିଲ୍ଲାର ବୁଦ୍ଧିଜୀବି ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି ।

# ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କୁ ଆକ୍ରମଣ ପ୍ରସଙ୍ଗ: ଡିଜି ଅଫିସ ଘେରିଲା ବିଜେପି ଯୁବମୋର୍ଚ୍ଚା

ଭୁବନେଶ୍ୱର, ୩/୬ (ନି.ପ୍ର): ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଓ କର୍ମୀଙ୍କୁ ଆକ୍ରମଣ ଘଟଣାରେ ମାତ୍ର ପୋଲିସ ଏ ପର୍ଯ୍ୟନ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହାର ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସୋମବାର କଟକରେ ଡିଜିପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିରେ ହଜାର ହଜାର ସଂଖ୍ୟାରେ ବିଜେପି ଯୁବମୋର୍ଚ୍ଚାର କର୍ମକର୍ତା ସାମିଲ ହୋଇଥିଲେ। କଟକର ସମାଜ କାର୍ଯ୍ୟାଳୟଠାରୁ ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ଡିଜିପିଙ୍କ କାର୍ଯ୍ୟାଳୟରେ ପହଁଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଜେପି ଯୁବମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ ଡିଜିଙ୍କୁ ସାକ୍ଷାତ କରି ରାଜ୍ୟ ସଭାପତିଙ୍କୁ ହୋଇଥିବା ଆକ୍ରମଣ ବିଷୟରେ ଆଲୋଚନା କରିଥିଲେ। ଘଟଣା ଘଟିବାର ୭୨ ଘଂଟା ପରେ ବି ପୋଲିସ ପ୍ରଶାସନ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ସେମାନେ ନିନ୍ଦା କରିଥିଲେ। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୁଣି ଦାବି କରିଥିଲେ। ସୂଚନାଯୋଗ୍ୟ, ମେ' ମାସ ୩୦ ତାରିଖରେ 'ଯୁବମୋର୍ଚ୍ଚା' ରାଜ୍ୟ ସଭାପତି ଅଭିଲାଷ ନିର୍ବାଚନୀ ପ୍ରଚାର କାର୍ଯ୍ୟ ସାରି କାର୍ଯ୍ୟକର୍ତାଙ୍କ ସହ ଫେରୁଥିବା ବେଳେ ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଧାନକୁଟା ପଂଚାୟତ କରଞ୍ଜମାଲ ଗ୍ରାମରେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସରପଂଚ ପ୍ରତିନିଧି ରମେଶ ନାୟକ, ତାଙ୍କ ପୁତୁରା ପ୍ରମୋଦ ନାୟକ, ସାନଭାଇ ଅକ୍ଷୟ ନାୟକ, ମଂଟୁ ନାୟକ, ଧୂସା ମଣ୍ଡଳଙ୍କ ସହ ବିଜୁ ଜନତା ଦଳର ଭଡ଼ାଟିଆ ଗୁଣ୍ଡାମାନେ ସେମାନଙ୍କୁ ଖଣ୍ଡା, ଭୁଜାଲି, ପଥର ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ କରିବା ସହ ମୋବାଇଲ୍ ଭାଙ୍ଗି ଦେଇଥିଲେ। ଏହି ଆକ୍ରମଣରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀ ପଣ୍ଡାଙ୍କ ସହ, ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂ, ସମ୍ପାଦକ ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ରାଜ୍ୟ ସହ ସଂଯୋଜକ ଆଶୁତୋଷ ନାୟକ ଏବଂ ଆଉ କେତେଜଣ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତା ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଏହି ବିକ୍ଷୋଭରେ ପ୍ରଦର୍ଶନବେଳେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ ପାତ୍ର, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ସୁଜିତ ସିଂ, ରାଜ୍ୟ ସମ୍ପାଦକ ଗଗନ ଓଝା, ମାନସ ସାହୁ, ତୁତୁନ ପାତ୍ର, ରାଜ୍ୟ ସଂଯୋଜକ ଚଣ୍ଡୀପ୍ରସାଦ ବେହେରା, ସ୍ମୃତିରଞ୍ଜନ ଦାସ, ଆଶୁତୋଷ ବେହେରା, ଯୁବମୋର୍ଚ୍ଚା କଟକ ଜିଲା ସଭାପତି ନଳିନୀ ରାୟ, ଭୁବନେଶ୍ୱର ଜିଲା ସଭାପତି ସ୍ୱୟଂ ସେବକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜିଲ୍ଲାରେ ସକାଳ ୮ରୁ ଭୋଟ୍ ଗଣତି

ଭୁବନେଶ୍ୱର, ୩/୬ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନର ଅନ୍ତିମ ପ୍ରକ୍ରିୟା ସ୍ୱରୂପ ଆସନ୍ତାକାଲି (ମଙ୍ଗଳବାର)ସକାଳ ୮ ଘଟିକାରେ ଭୋଟ ଗଣନା ଆରମ୍ଭ ହେବ। ଖୋରଧା ଜିଲ୍ଲାର ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତର, ଭୁବନେଶ୍ୱର-ଏକାମ୍ର ଓ ଜଟଣୀ ବିଧାନସଭା କ୍ଷେତ୍ର ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଚିଲିକା ବିଧାନସଭା କ୍ଷେତ୍ର ପାଇଁ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବେଗୁନିଆ ଓ ଖୋର୍ଦ୍ଧା ନିମନ୍ତେ ଜିଲ୍ଲା ୱେର ହାଉସ ଠାରେ ଭୋଟ ଗଣତି ହେବ। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାରେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଭାବେ ନିର୍ବାଚନ ପରିଚାଳନା ଏବଂ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଯାରି ନିର୍ଦ୍ଦେଶାନାମାର ପାଳନ ପୂର୍ବକ ମତଦାନ ଗଣନା କେନ୍ଦ୍ର ପରିସରରେ କୌଣସି ପ୍ରକାର ମୋବାଇଲ ଫୋନ, ଟାବଲେଟ, ସ୍ମାର୍ଟ ୱ୍ୟାଚ, ଯୋଗାଯୋଗ ରକ୍ଷା ଓ ରେକର୍ଡ଼ିଂ କରିବା ଭଳି ଇଲୋକ୍ଟ୍ରୋନିକ୍ସ ଯନ୍ତ୍ରପାତି ବ୍ୟବହାର ଉପରେ ନିଷେଧାଦେଶ ଯାରି କରାଯାଇଛି। କେବଳ ଅନୁମତି ପ୍ରାପ୍ତ ବ୍ୟକ୍ତିବିଶେଷ ଏହାକୁ ନେଇ ପାରିବେ କିମ୍ବା ବ୍ୟବହାର କରିପାରିବେ। ଏହି ନିଷେଧଦେଶ ଆସନ୍ତାକାଲି ଭୋର ୪ ଘଟିକା ଠାରୁ ଗଣନା କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ବଳବତର ରହିବା ନେଇ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଂଚଳ ରାଣା ଏକ ନିର୍ଦ୍ଦେଶନାମା ଯାରି କରିଛନ୍ତି। ଖିଲାପ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ ଆଇନର ଧାରା-୧୮୮ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହି ନିର୍ଦ୍ଦେଶାନାମାରେ ଉଲ୍ଲେଖ ରହିଛି।

# ବିଶ୍ୱ ବାଇସାଇକେଲ୍ ଦିବସରେ ସାଇକେଲ୍ ଚଳାଇ ସଚେତନତା ସୃଷ୍ଟିକଲେ ଯୁବଗୋଷ୍ଠୀ

ଭୁବନେଶ୍ୱର, ୩/୬ (ନି.ପ୍ର): ୟୁଥ୍ ଫର ଭଲ୍ୟୁଂଟାରୀ ୱାର୍କ ଓ ସୁଇଚ୍ ଅନ୍ ଫାଉଣ୍ଡେସନ୍ ତରଫରୁ 'ବିଶ୍ୱ ବାଇସାଇକେଲ୍ ଦିବସ' ଉପଲକ୍ଷେ ଏକ ସାଇକେଲ୍ ଶୋଭାଯାତ୍ରା ଭୁବନେଶ୍ୱରସ୍ଥିତ ଶିଶୁଭବନ ଛକ ଠାରୁ ମାଷ୍ଟରକ୍ୟାଂଟିନ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସାଇକେଲ୍ ଶୋଭାଯାତ୍ରା ସହ ପରିବେଶ ପ୍ରଦୂଷଣ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ୱେଷ୍ଟ ପିକପ୍ ଡ୍ରାଇଭ୍' ଅଭିଯାନରେ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ, ଆବର୍ଜନା ସଫା କରିବା ସହ ପରିବେଶ ପ୍ରଦୂଷଣ ସମ୍ବନ୍ଧେ ବାର୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀ, ଦେବରାୟ କଲେଜ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସ୍‌ର ପୂର୍ଣ୍ଣଚନ୍ଦ୍ର ସାହୁ, ସୁଇଚ୍ ଅନ୍ ଫାଉଣ୍ଡେସନ୍ ତରଫରୁ ମୋନାଲିସା ବେହେରା ଓ ଛାତ୍ରନେତା ତାପସ ଦେ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ସାଇକେଲ୍ ଚଳାଇବା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଉତ୍ତମ ରହିବା ସହ ପରିବେଶ ପ୍ରଦୂଷଣରୁ ମୁକ୍ତ, ଆଗାମୀ ପିଢୀ ପାଇଁ ଡିଜେଲ୍ ଓ ପେଟ୍ରୋଲ୍‌ର ସଂରକ୍ଷଣ ପ୍ରଭୃତି ସୁଚାରୁ ରୂପେ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତସ୍ତରୀୟ ପ୍ରଶିକ୍ଷଣ ବର୍ଗ ଆରମ୍ଭ

କଟକ/ଭୁବନେଶ୍ୱର, ୩/୬ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବର ସଂଘଶିକ୍ଷା ବର୍ଗ (ସାମାନ୍ୟ) ୧୫ ଦିବସୀୟ ପ୍ରଶିକ୍ଷଣ ବର୍ଗ କଟକ ଗତିରାଉତ ପାଟଣା ସ୍ଥିତ ଶିଶୁବିଦ୍ୟାମନ୍ଦିର ପରିସରରେ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ ବର୍ଗରେ ଓଡ଼ିଶାର ୧୯ଟି ଜିଲ୍ଲା ଓ ୨ଟି ମହାନଗରରୁ ୨୫୯ ପ୍ରଶିକ୍ଷାର୍ଥୀ ଭାଗ ନେଇଛନ୍ତି । ବର୍ଗର ସର୍ବାଧିକାରୀ ଭାବେ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମନୋରଞ୍ଜନ ସାହୁ, ବର୍ଗକାର୍ଯ୍ୟବାହ ରବି ନାରାୟଣ ପଣ୍ଡା, ବର୍ଗପାଳକ ଅସିତ କୁମାର ସାହୁ, ମୁଖ୍ୟଶିକ୍ଷକ ହିମାଂଶୁ ରାଉତ ଏବଂ ପ୍ରଦୀପ ସାମନ୍ତ ବୌଦ୍ଧିକ ପ୍ରମୁଖ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ବର୍ଗର ଉଦ୍‌ଘାଟନ ଉତ୍ସବରେ ସଂଘର ପ୍ରାନ୍ତ କାର୍ଯ୍ୟବାହ ଡ. ଅନୀଲ କୁମାର ମିଶ୍ର ଅତିଥି ପରିଚୟ ଓ ଆବଶ୍ୟକୀୟ ଅନୁଶାସନ ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଭାବରେ ସହପ୍ରାନ୍ତ ସଂଘଚାଳକ ମନସୁଖଲାଲ ସେଠିଆ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ବର୍ଗର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ । ସେ କହିଥିଲେ ଯେ, ଉତ୍କୃଷ୍ଟ ଚିନ୍ତନକୁ କ୍ରିୟାନ୍ୱୟନ କରିବା ପାଇଁ ଯେଉଁ ଦେଶଭକ୍ତମାନଙ୍କର ଆବଶ୍ୟକତା ଅଛି ତାକୁ ସମାଜରେ ଠିଆ କରାଇବାର ସଂକଳ୍ପ ନେଇ ଡକ୍ଟରଜୀ ୧୯୨୫ ମସିହରେ ସଂଘ ପ୍ରତିଷ୍ଠା କରିଥିଲେ । ସେହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ପ୍ରଶିକ୍ଷିତ କାର୍ଯ୍ୟକର୍ତା ଆବଶ୍ୟକ । ଏ ଦୃଷ୍ଟିରୁ ପ୍ରଶିକ୍ଷଣ ବର୍ଗର ଗୁରୁତ୍ୱ ରହିଛି । ଶାରୀରିକ ପ୍ରଶିକ୍ଷଣ ସହିତ ବୌଦ୍ଧିକର ସମସ୍ତ ବିଭାଗରେ ଭାଗ ନେଇ ନିଜକୁ ଜଣେ ଉତମ କାର୍ଯ୍ୟକର୍ତା ରୂପେ ଗଢ଼ିତୋଳିବାକୁ ସେ ପରାମର୍ଶ ଦେଇଥିଲେ। ଦେଶର ଇତିହାସ, ସଂସ୍କୃତି, ପରମ୍ପରା ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ ପାଇଁ ପ୍ରଶିକ୍ଷଣ ବର୍ଗରେ ସୁଯୋଗ ମିଳିଥାଏ । ସାମୂହିକ ଭାବେ ରହିବା, ସମସ୍ତଙ୍କ ପ୍ରତି ପ୍ରେମପୂର୍ଣ୍ଣ ବ୍ୟବହାର କରିବା ଏବଂ ପ୍ରଶିକ୍ଷଣ ବର୍ଗରୁ ଆନନ୍ଦ ପ୍ରାପ୍ତ ନିମନ୍ତେ ସେ ଆଗ୍ରହ କରିଥିଲେ । ବର୍ଗର ସଂଚାଳନ ଦୃଷ୍ଟିରୁ ଅନ୍ୟମାନଙ୍କ ମଧ୍ୟରେ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା, ସେବା ପ୍ରମୁଖ ଖଗେଶ୍ୱର ମହନ୍ତ ଓ ବ୍ୟବସ୍ଥା ପ୍ରମୁଖ ଶରତ ଚନ୍ଦ୍ର ସେନ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସହପ୍ରାନ୍ତ କାର୍ଯ୍ୟବାହ ଇଂ ସୁଦର୍ଶନ ଦାସ, ପ୍ରାନ୍ତ ସମ୍ପର୍କ ପ୍ରମୁଖ ଆଇନଜୀବୀ ସର୍ବେଶ୍ୱର ବେହେରା ଓ ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ ଉପସ୍ଥିତ ଥିଲେ । ଏହି ବର୍ଗର ସମାରୋପ କାର୍ଯ୍ୟକ୍ରମ ଚଳିତ ମାସ ୧୭ ତାରିଖ ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହେବ । ଉକ୍ତ ଭବ୍ୟ କାର୍ଯ୍ୟକ୍ରମରେ ଶାରୀରିକ ଓ ଘୋଷ ପ୍ରଦର୍ଶନ ସହିତ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହେବ ।

# ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପ୍ରସାରଣ କରିବ ଦୂରଦର୍ଶନ

ଭୁବନେଶ୍ୱର, ୩/୬ (ନି.ପ୍ର): ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଆୟୋଜିତ ହେବାକୁ ଥିବା ଟି-୨୦ ବିଶ୍ୱକପ୍ କୁ ଡିଡି ଫ୍ରି ଡିସ୍ ପ୍ଲାଟଫର୍ମରେ ପ୍ରସାରଣ କରାଯିବ ବୋଲି ପ୍ରସାର ଭାରତୀ ଆଜି ଘୋଷଣା କରିଛି। ଦୂରଦର୍ଶନ ଟି-୨୦ ବିଶ୍ୱ କପର ହାଇ ପ୍ରୋଫାଇଲ୍ କଭରେଜ୍ ଫଲୋ ଅପ୍ କରିବ ଏବଂ ଅନେକ ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟର ପ୍ରସାରଣ କରିବ। ଏଥିରେ ପ୍ୟାରିସ୍ ଅଲିମ୍ପିକ୍ସ ଗେମ୍ସ ୨୦୨୪ (୨୬ ଜୁଲାଇ-୧୧ ଅଗଷ୍ଟ ୨୦୨୪), ପ୍ୟାରିସ୍ ପାରାଲିମ୍ପିକ୍ ଗେମ୍ସ (୨୮ ଅଗଷ୍ଟ-୮ ସେପ୍ଟେମ୍ବର ୨୦୨୪), ଭାରତ ବନାମ ଜିମ୍ବାୱେ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍ (୬ ଜୁଲାଇ-୧୪ ଜୁଲାଇ ୨୦୨୪) ଏବଂ ଭାରତ ବନାମ ଶ୍ରୀଲଙ୍କା (୨୭ ଜୁଲାଇ-୭ ଅଗଷ୍ଟ ୨୦୨୪ ) ଏବଂ ଫ୍ରେଞ୍ଚ ଓପନ୍ ୨୦୨୪ ର ମହିଳା ଓ ପୁରୁଷ ଫାଇନାଲ୍ (୮ ଓ ୯ ଜୁନ୍ ୨୦୨୪) ଏବଂ ୱିମ୍ବଲଡନ୍ ୨୦୨୪ (ଜୁଲାଇ ୧୩ ଓ ୧୪) ଲାଇଭ୍/ ଡେଫରଡ୍ ଲାଇଭ୍ ଅନ୍ତର୍ଭୁକ୍ତ ରହିଛି। ପ୍ରସାର ଭାରତୀର ସିଇଓ ଗୌରବ ଦ୍ୱିବେଦୀ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତା। ସମୟରେ ଏହି ଘୋଷଣା କରିଛନ୍ତି। ଏହି ଆଲୋଚନା ସମୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ପ୍ରସାର ଭାରତୀର ଅଧ୍ୟକ୍ଷ ନବନୀତ କୁମାର ସେହଗଲ, ପ୍ରସାର ଭାରତୀର ସିଇଓ ଗୌରବ ଦ୍ୱିବେଦୀ ଏବଂ ଦୂରଦର୍ଶନର ଡିଜି କାଞ୍ଚନ ପ୍ରସାଦ ଶ୍ରୀ ସୁଖବିନ୍ଦର ସିଂ ଗାଇଥିବା ଟି-୨୦ ବିଶ୍ୱକପ୍ ପାଇଁ ଏକ ସ୍ୱତନ୍ତ୍ର ସଙ୍ଗୀତ 'ଜଜବା'ର ଶୁଭାରମ୍ଭ କରିଥିଲେ। ପ୍ରଖ୍ୟାତ କାହାଣୀକାର ଶ୍ରୀ ନୀଲେଶ ମିଶ୍ରଙ୍କ ସ୍ୱରରେ ବର୍ଣ୍ଣିତ ଗାଲା ଟି-୨୦ କାର୍ଯ୍ୟକ୍ରମର ଏକ ପ୍ରମୋର ମଧ ସଚିବ ଶୁଭାରମ୍ଭ କରିଥିଲେ।

ସୂଚନାଯୋଗ୍ୟ, ଦୂରଦର୍ଶନ ଡିଡି ସ୍ପୋର୍ଟସରେ ସେମାନଙ୍କ ବିଷୟବସ୍ତୁ ପ୍ରଦର୍ଶନ ପାଇଁ ଏନବିଏ ଏବଂ ପିଜିଟିଏ ଭଳି ଅଗ୍ରଣୀ ବିଶ୍ୱ କ୍ରୀଡ଼ା ସଂଗଠନ ସହ ବୁଝାମଣା କରିଛି। ଏନବିଏର ଲୋକପ୍ରିୟ ଇ-ସ୍ପୋର୍ଟସ ସମ୍ପ୍ରତି ଏନବିଏ ୨କେ ଲିଗ୍ ମ୍ୟାଚ୍ ଡିଡି ସ୍ପୋର୍ଟସ ଚ୍ୟାନେଲରେ ପ୍ରସାରିତ ହେଉଛି । ପ୍ରସାର ଭାରତୀ ଏହାର କ୍ରୀଡ଼ା ଚ୍ୟାନେଲରେ ବିଭିନ୍ନ କ୍ରୀଡ଼ା ଲିଗ୍ ଏବଂ ପ୍ରପର୍ଟିକୁ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ କ୍ରୀଡ଼ା ସଂଗଠନ ଏବଂ ଏଜେନ୍ସି ସହିତ ଆଲୋଚନାର ଆଗୁଆ ପର୍ଯ୍ୟାୟରେ ଅଛି । ଯେତେବେଳେ ଆମେ ଏହି ଭାଗିଦାରୀକୁ ସୁଦୃଢ଼ କରିବୁ ସେତେବେଳେ ଆମେ ଗଣମାଧ୍ୟମକୁ ଅପଡେଟ୍ କରିବୁ । ମଙ୍ଗଳବାର ଗଣତି ପ୍ରକ୍ରିୟା ପାଇଁ ଉଭୟ ଦୂରଦର୍ଶନ ଓ ଅଲ୍ ଇଣ୍ଡିଆ ରେଡିଓ ପକ୍ଷରୁ କରାଯାଇଥିବା ବ୍ୟାପକ ବ୍ୟବସ୍ଥା ସମ୍ପର୍କରେ ଶ୍ରୀ ଗୌରବ ଦ୍ୱିବେଦୀ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ। ଗତ ବର୍ଷ ଡିଡି ସ୍ପୋର୍ଟସ ପକ୍ଷରୁ ଦେଶବ୍ୟାପୀ ବହୁକ୍ରୀଡ଼ା ଇଭେଣ୍ଟର ପ୍ରଯୋଜନା ଓ ପ୍ରସାରଣ କରାଯାଇଥିଲା। ଏହା ମଧ୍ୟରେ ଅଷ୍ଟଲକ୍ଷ୍ମୀରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (ଉତ୍ତର ପୂର୍ବର ୮ଟି ରାଜ୍ୟ), ତାମିଲନାଡୁରେ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା, ଗୋଆରେ ଜାତୀୟ କ୍ରୀଡ଼ା, ନୂଆଦିଲ୍ଲୀରେ ଖେଲୋ ଇଣ୍ଡିଆ ପାରା ଗେମ୍ସର ଉଦଘାଟନୀ ସଂସ୍କରଣ ଏବଂ ଗୁଲମାର୍ଗ ଏବଂ ଲେହରେ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଅନ୍ତର୍ଭୁକ୍ତ। ଡିଡି ସ୍ପୋର୍ଟସରେ ଏହାର ପ୍ରସାରଣ ବ୍ୟତୀତ ଏହି ଗେମ୍ ଗୁଡ଼ିକର ଫିଡ୍ ଦେଶର ପ୍ରମୁଖ ଘରୋଇ ଚ୍ୟାନେଲ୍ ଯଥା ଷ୍ଟାର ସ୍ପୋର୍ଟସ୍, ଜିଓ ସିନେମା ଏବଂ ସୋନି ନେଟୱାର୍କ ସହିତ ସେୟାର କରାଯାଇଥିଲା।

ଦୂରଦର୍ଶନ ଦଳ ଚୀନରେ ଚାଲିଥିବା ହାଙ୍ଗଜୋ ଏସୀୟ କ୍ରୀଡ଼ାର ଉଭୟ ପୁରୁଷ ଓ ମହିଳା କ୍ରିକେଟ୍ ମ୍ୟାଚ୍ ର ୱାର୍ଲ୍ଡ ଫିଡ୍ ପ୍ରସ୍ତୁତ କରିଥିଲା। ଗ୍ରାଉଣ୍ଡ ଜିରୋରୁ ଡିଡି ଟିମ୍ ଦ୍ୱାରା ପ୍ରସ୍ତୁତ ୱାର୍ଲ୍ଡ ଫିଡ୍ ଏସିଆର ଅନେକ ଦେଶରେ ପ୍ରସାରିତ ହୋଇଥିଲା।

ଅଗଷ୍ଟ, ୨୦୨୩ରେ ଭାରତୀୟ କ୍ରିକେଟ୍ ଦଳର ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଦୂରଦର୍ଶନର ସମସ୍ତ ପ୍ଲାଟଫର୍ମ ପାଇଁ ଲିନିୟର ଟେଲିଭିଜନ ଅଧିକାର ଥିଲା। ଇଂରାଜୀ ଏବଂ ହିନ୍ଦୀରେ ଭାଷଣ ବ୍ୟତୀତ ଏହି ଧାରାବାହିକରେ ଖେଳାଯାଇଥିବା ସୀମିତ ଓଭର ମ୍ୟାଚ୍ ଗୁଡ଼ିକର ଫିଡ୍ ଭୋଜପୁରୀ, ତାମିଲ, ତେଲୁଗୁ, ବଙ୍ଗଳା ଏବଂ କନ୍ନଡ ଭଳି ଆଞ୍ଚଳିକ ଭାଷାରେ ମଧ ପ୍ରସ୍ତୁତ କରାଯାଇଥିଲା ଏବଂ ଦୂରଦର୍ଶନ ନେଟୱାର୍କର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲରେ ପ୍ରସାରଣ କରାଯାଇଥିଲା ।

ଦୂରଦର୍ଶନ ଡିଡି ସ୍ପୋର୍ଟସରେ ସେମାନଙ୍କ ବିଷୟବସ୍ତୁ ପ୍ରଦର୍ଶନ କରିବା ପାଇଁ ଏନବିଏ ଏବଂ ପିଜିଟିଏ ପରି ଅଗ୍ରଣୀ ବିଶ୍ୱ କ୍ରୀଡ଼ା ସଂସ୍ଥା ସହିତ ବୁଝାମଣାରେ ପହଞ୍ଚିଛି । ଏନବିଏର ଲୋକପ୍ରିୟ ଇ-ସ୍ପୋର୍ଟସ ପ୍ରପର୍ଟି ଏନବିଏ ୨କେ ଲିଗ୍ ମ୍ୟାଚ୍ ଡିଡି ସ୍ପୋର୍ଟସ ଚ୍ୟାନେଲରେ ପ୍ରସାରିତ ହେଉଛି । ୱେଷ୍ଟଇଣ୍ଡିଜ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ହେବାକୁ ଥିବା ଆଗାମୀ ଟି-୨୦ ବିଶ୍ୱକପ୍ (ଜୁନ୍ ୨ ରୁ ୨୯ ଜୁନ୍ ୨୦୨୪) ଠାରୁ ଆରମ୍ଭ କରି ଦୂରଦର୍ଶନ ନେଟୱାର୍କ ଏହାର ଡିଡି ଫ୍ରି ଡିସ୍ ପ୍ଲାଟଫର୍ମ ପ୍ରସାର ଭାରତୀରେ, ସାର୍ବଜନୀନ ବ୍ରଡକାଷ୍ଟର ଭାବରେ ମିଡିଆ-ପ୍ରିଣ୍ଟ, ଡିଜିଟାଲ ଏବଂ ଇଲେକ୍ଟ୍ରୋନିକସକୁ ଆମର ଆଗାମୀ ଯାତ୍ରାରେ ମୂଲ୍ୟବାନ ଅଂଶୀଦାର ଭାବରେ ବିବେଚନା କରିଥାଏ।

# ବିଜେପି ପ୍ରାର୍ଥୀଙ୍କୁ ଗିରଫଦାରୀରୁ ହାଇକୋର୍ଟ ପ୍ରଦାନ କଲେ ରହିତାଦେଶ

କୋଲକାତା, ୩/୬ (ନି.ପ୍ର): କଲିକତା ହାଇକୋର୍ଟ ଝାଡଗ୍ରାମ ବିଜେପି ପ୍ରାର୍ଥୀ ପ୍ରଣତ ଟୁଡୁଙ୍କୁ ଗିରଫ ହେବାରୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ସୋମବାର ଜଷ୍ଟିସ ଅମୃତା ସିହ୍ନା ନିର୍ଦ୍ଦେଶ ଦେଇଛନ୍ତି ଯେ ପୋଲିସ ୨୧ ଜୁନ୍ ପର୍ଯ୍ୟନ୍ତ ବିଜେପି ପ୍ରାର୍ଥୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। କୋର୍ଟ ଏହା ମଧ କହିଛନ୍ତି ଯେ ଗାଡବେତା ପୋଲିସ ଷ୍ଟେସନରେ ଥିବା ଏଫଆଇଆର ଉପରେ ଅସ୍ଥାୟୀ ରହଣି ରହିବ।

ସୂଚନାଯୋଗ୍ୟ ଯେ ମେ ୨୫ ରେ ଝାଡଗ୍ରାମ ଲୋକସଭା ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହୋଇଥିଲା। ସେଦିନ କେନ୍ଦ୍ରରେ କିଛି ଅଘଟଣ ଘଟିଥଲା। ଗାଡବେତାରେ ଭୋଟ୍ ସ୍ଥିତି ଯାଂଚ କରିବାକୁ ବୁଥକୁ ଯାଉଥିବାବେଳେ ପ୍ରଣନାଥଙ୍କୁ ଆକ୍ରମଣ କରାଯାଇଥିଲା। ସେ ଦାବି କରିଛନ୍ତି ଯେ କିଛି ତ୍ରିଣମୁଳ ର କିଛି ଗୁଣ୍ଡା ତାଙ୍କ ଉପରେ ଆକ୍ରମଣ କରିଥିଲେ। ସେମାନଙ୍କ ଉପରେ ଇଟା ଓ ପଥର ଫିଙ୍ଗି ଦିଆଯାଇଥିଲା।

ସେହି ଘଟଣାରେ ଗଡବେତା ପୋଲିସ ଷ୍ଟେସନରେ ବିଜେପି ପ୍ରାର୍ଥୀଙ୍କ ବିରୋଧରେ ନିର୍ଯାତନା, ଆକ୍ରମଣ, ହତ୍ୟା ଉଦ୍ୟମ ସମେତ ଅନେକ ଜାମିନ ବିହୀନ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଖାରଜ କରିବା ପାଇଁ ପ୍ରଣତ ହାଇକୋର୍ଟଙ୍କ ନିକଟକୁ ଯାଇଥିଲେ। ସୋମବାର ଶୁଣାଣି ବେଳେ ତାଙ୍କ ଓକିଲ ବିଲବାଦଲ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ନିର୍ବାଚନ ଦିନ ପ୍ରାୟ ୨୦୦ ଲୋକ ମଙ୍ଗଳାପୋଟ ନାମକ ଏକ ସ୍ଥାନରେ ତାଙ୍କ ଭୋଟରଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ କେନ୍ଦ୍ରୀୟ ବାହିନୀର କର୍ମଚାରୀମାନେ ମଧ ଆହତ ହୋଇଥିଲେ କିନ୍ତୁ ଯେତେବେଳେ ପ୍ରଣତ ଗାଡବେତା ପୋଲିସ ଷ୍ଟେସନକୁ ଏଫଆଇଆର ଦାଖଲ କରିବାକୁ ଯାଇଥିଲେ ସେତେବେଳେ ଅଭିଯୋଗ ନିଆଯାଇନଥିଲା। ତେବେ ତୃଣମୁଳ କର୍ମଚାରୀଙ୍କ ଅଭିଯୋଗକୁ ଭିତି କରି ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

# ଅଧିକ କଞ୍ଚା ଲଙ୍କା ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ୍...



କଞ୍ଚା ଲଙ୍କା । ଖାଦ୍ୟର ସ୍ୱାଦ ବଢ଼ାଇଥାଏ । କିନ୍ତୁ ଅତ୍ୟଧିକ ଲଙ୍କା ଖାଇବା କେତେ ଠିକ୍ ? । ଆସନ୍ତୁ ଜାଣିବା... ବିଶେଷଜ୍ଞଙ୍କ ଅନୁଯାୟୀ କଞ୍ଚା ଲଙ୍କା ଶୁଖିଲା ଲଙ୍କା ଅପେକ୍ଷା ଅଧିକ ଲାଭଦାୟକ । କିନ୍ତୁ ଅଧିକ କଞ୍ଚା ଲଙ୍କା ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ । ଏହା ପେଟ ସମସ୍ୟାର ଏକ କାରଣ । ଅତ୍ୟଧିକ କଞ୍ଚା ଲଙ୍କା ଖାଇବା ଦ୍ୱାରା ପେଟ ଗ୍ୟାସ ହୋଇପାରେ।

ସେହିପରି ଅଧିକ କଞ୍ଚା ଲଙ୍କା ଖାଇଲେ ପାଟି ଘା' ହୋଇଥାଏ । କଞ୍ଚା ଲଙ୍କା ଶରୀରରେ ଥିବା କ୍ୟାପସାଇସିନ୍ ଜୀବାଣୁକୁ ଦୁର୍ବଳ କରିଥାଏ । ଏହି କାରଣରୁ ଶରୀରରେ ସଂକ୍ରମଣର ଆଶଙ୍କା ଅଧିକ ରହିଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ଅଧିକା ଲଙ୍କା ଖାଇବା ଦ୍ୱାରା ଟିବି ରୋଗ ହେବା ସହ ନିଦ ଉପରେ ମଧ ପ୍ରଭାବ ପକାଇଥାଏ । କଞ୍ଚା ଲଙ୍କାର ଅଧିକ ବ୍ୟବହାର ରକ୍ତଚାପ ବୃଦ୍ଧି ସହ ହାର୍ଟ ଉପରେ ପ୍ରଭାବ ଏବଂ କିଡନୀ ଉପରେ ପ୍ରଭାବ ପକାଇପାରେ । ଏହା ବ୍ୟତୀତ କିଡନୀରେ ଷ୍ଟୋନ୍ ହେବାର ଆଶଙ୍କା ବଢ଼ିଥାଏ । କଞ୍ଚା ଲଙ୍କା ଅଧିକ ଖାଇଲେ ଓଜନ ବଢିଥାଏ । କାରଣ ଏହା ଭୋକ ବଢାଇଥାଏ । କଞ୍ଚା ଲଙ୍କାର ଅଧିକ ବ୍ୟବହାର ଆପଣଙ୍କ ଶରୀରରେ ରକ୍ତହୀନତା ସୃଷ୍ଟି କରିପାରେ । ଅନେକ ସବୁଜ ଚିଲି ଖାଇବା ଦ୍ୱାରା ଶରୀରରେ ଉତ୍ତାପ ବୃଦ୍ଧି ପାଇଥାଏ । ଏହା ଅନେକ ଲୋକଙ୍କ ପାଇଁ ଯନ୍ତ୍ରଣା, ଫୁଲା ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରେ ।

# ମଣିଷଖିଆ ପାହାଡ଼



ଏଭଳି ଅନେକ ବିପଦସଙ୍କୁଳ ସ୍ଥାନ ଅଛି, ଯେଉଁଠାକୁ ଯିବା ପୂର୍ବରୁ ଜଣେ ବ୍ୟକ୍ତି ବାରମ୍ବାର ଚିନ୍ତା କରିବ। ଏହିପରି ଏକ ସ୍ଥାନ ହେଉଛି ବଲିଭିଆର ଦକ୍ଷିଣ-ପଶ୍ଚିମରେ ଥିବା ରିକୋ ମାଉଣ୍ଟେନ୍। ସ୍ପେନ୍ ବାସିନ୍ଦା ଏହାକୁ ରୂପାର ପାହାଡ଼ ବୋଲି କହିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏହି ପାହାଡ଼ରେ ରୂପା ପ୍ରଚୁର ପରିମାଣରେ ରହିଛି। ତେବେ ଏହି ପାହାଡ଼ର ଅନ୍ୟ ନାମ ହେଉଛି 'ମଣିଷଖିଆ ପାହାଡ଼'। ସେଠାକାର ବୟୋଜ୍ୟେଷ୍ଠ ଲୋକଙ୍କ କହିବାନୁସାରେ ୧୫୦୦ ଖ୍ରୀଷ୍ଟାବ୍ଦବେଳେ ଏହି ପାହାଡ଼ରେ ୮୦ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସେଥିପାଇଁ ପାହାଡ଼ର ନାମକରଣ ଏପରି ହୋଇଛି। ୧୫୪୫ବେଳକୁ ସ୍ପେନ୍ ବାସିନ୍ଦା ଏହି ରିକୋ ପାହାଡ଼ ତଳେ ଏକ ଛୋଟ ବସତି ଆରମ୍ଭ କରିଥିଲେ। ସେହି ସମୟରୁ ହିଁ ସେମାନେ ପାହାଡ଼ରେ ମାଇନିଂ କାମ ଆରମ୍ଭ କଲେ। ପାଖଆଖ ଅଂଚଳର ଲୋକେ ମାଇନିଂର ଲାଭବାନ ବ୍ୟବସାୟରେ ମନୋନିବେଶ କଲେ। କ୍ରମାଗତ ଭାବେ ପାହାଡ଼ ଖନନ କାରଣରୁ ବିଷାକ୍ତ ଗ୍ୟାସ୍ ଚତୁର୍ଦ୍ଦିଗରେ ପ୍ରବାହିତ ହେଲା। ମାଇନ୍ସରେ କାମ କରୁଥିବା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଲେ। ଅତିବେଶୀରେ ସେମାନଙ୍କ ବୟସ ସୀମା ୪୦ବର୍ଷ ହେଲା। ଲୋକେ ଅର୍ଥର ଲାଳସାରେ ଜୀବନକୁ ଭ୍ରୁକ୍ଷେପ ନକରି ଏହି କାର୍ଯ୍ୟ କରିଥିଲେ। ଗଣନାରୁ ଜଣାପଡ଼ିଛି ଯେ ସେହି କିଛି ବର୍ଷ ମଧ୍ୟରେ ଏଠାରେ ମାଇନ୍ସରେ କାମ କରି ୮୦ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସେଥିପାଇଁ ଏହାର ନାମ 'ମଣିଖିଆ ପାହାଡ଼' ରଖାଯାଇଛି। ଆଜିର ସମୟରେ ମଧ୍ୟ ଏହି ପାହାଡ଼ରେ ୧୫ଟିରୁ ଅଧିକ ମାଇନ୍ସ କମ୍ପାନୀ କାର୍ଯ୍ୟ କରୁଛନ୍ତି।

# ମସ୍ତିଷ୍କର ସ୍ୱାସ୍ଥ୍ୟ





ଅନେକଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା କମେ ଏବଂ ସ୍ମୃତିଶକ୍ତି ହ୍ରାସପାଏ। ତେବେ, ଜଣେ ଚାହିଁଲେ ବେଳ ଥିବା ବେଳ, ଖାଦ୍ୟ ଓ ଜୀବନ ଶୈଳୀରେ ପରିବର୍ତନ ଆଣି, ମସ୍ତିଷ୍କର ସାମର୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ଅତୁଟ ରଖିପାରେ।

ଖାଦ୍ୟ: ପଚାଶ ପରେ ଅଧିକ ସ୍ନେହସାର ଯୁକ୍ତ ଖାଦ୍ୟ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟକରେ। ଜଟିଳ ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଆଳୁ, ସଂପୂର୍ଣ୍ଣ ଶସ୍ୟ ସହ ଓମେଗା-୩ ଥିବା ମାଛ, ଫଳ-ମୂଳ ଓ ପନିପରିବା ନିୟମିତ ଖାଆନ୍ତୁ।

ସୁରା ଓ ଧୂମପାନ: ଦିନରେ ଦୁଇ ପେଗରୁ ଅଧିକ ସୁରାପାନ କରନ୍ତୁ ନାହିଁ। କୌଣସି ପ୍ରକାରର ଅବୈଧ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଧୂମପାନ ସଂପୂର୍ଣ୍ଣ ପରିତ୍ୟାଗ କରନ୍ତୁ।

ବ୍ୟାୟାମ: ବ୍ୟାୟାମ କରୁନଥିବା ଲୋକଙ୍କ ମସ୍ତିଷ୍କର କାଯ୍ୟଦକ୍ଷତା ଶୀଘ୍ର ହ୍ରାସପାଏ। ୬୦-୭୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଦୈନିକ ଘଂଟେରୁ ଦେଢ଼ଘଂଟା ଏରୋବିକ ବ୍ୟାୟାମ କରିବା ଉଚିତ। ଯେଉଁମାନେ ପୂର୍ବରୁ କୌଣସି ବ୍ୟାୟାମ କରିନଥିବେ, ସେମାନେ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟାୟାମ ଆରମ୍ଭ କରନ୍ତୁ। ସର୍ବଦା ପ୍ରଶିକ୍ଷକଙ୍କ ଉପସ୍ଥିତିରେ ବ୍ୟାୟାମ କରନ୍ତୁ।

ଔଷଧ: ବୟସ ବିବା ସହ ଔଷଧର ଆବଶ୍ୟକତା ବଢ଼େ। ବୟସ୍କଙ୍କ କ୍ଷେତ୍ରରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ। ଏହା ଜାଣି ନପାରିଲେ ବିପଦ। ତେଣୁ ମନଇଚ୍ଛା ଔଷଧ ଖାଇବା ତଥା ଚିକିତ୍ସକଙ୍କ ପରାମର୍ଶ ନନେଇ ଔଷଧ ବଦଳାଇବା ଅନୁଚିତ।

ଅବସାଦ: ମାନସିକ ଅବସାଦ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟ କଲେ ଚିକିତ୍ସା ନକଲେ ଅବସାଦ କ୍ରମଶଃ ବଢ଼ି ଗୁରୁତର ପରିସ୍ଥିତି ସୃଷ୍ଟି କରେ। ତେଣୁ ମନରେ ସ୍ୱାସ୍ଥ୍ୟ ଅତୁଟ ରଖିବାକୁ ଚେଷ୍ଟା କରନ୍ତୁ।

# ଚଷମାବାଲୀଙ୍କ ପାଇଁ ମେକ୍-ଅପ୍ ଟିପ୍ସ



ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧ ମନେକରନ୍ତି। ତେବେ ଏହି ଧାରଣା ଭ୍ରମାତ୍ମକ। ଚଷମା ପିନ୍ଧୁଥିଲେ ବି ମେକ-ଅପ ନେବାରେ କୌଣସି ସମସ୍ୟା ନାହିଁ। କେବଳ ଠିକ୍ ଭାବେ ମେକଅପ ନେଇପାରିଲେ ହେଲା; ଚମକିବେ। କେତେକ ଟିପ୍ସ:

- ଆଖିରେ ଦଇ ପରସ୍ତ ମସ୍କାରା ସହ ଆଇଲେସ୍ ବ୍ୟବହାର କରନ୍ତୁ।
- ନିୟମିତ ବ୍ୟବଧାନରେ ଭୁଲତାର ଥ୍ରେଡିଂ କରାନ୍ତୁ। ମୋଟା ଫ୍ରେମ୍‌ବାଲା ବଡ଼ ଚଷମା ପିନ୍ଧୁଥିଲେ, ଭୁଲତା ପତଳା ରଖନ୍ତୁ ଏବଂ ବିପରୀତ ପିନ୍ଧୁଥିଲେ ମୋଟା ରଖନ୍ତୁ।
- ଆଖିକୁ ଧୂମ୍ରାଭ (ସ୍ମୋକି ଆଇ) ଦେଖାଇବା ପାଇଁ ଦୁଇ ପରସ୍ତ ଆଇଲାଇନର ସହ ପତାରେ ଅଳ୍ପ ସ୍ମକ୍ ବ୍ୟବହାର କରନ୍ତୁ।
- ଚଷମା ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ। ଏହା ଦ୍ୱାରା ବିଚଳିତ ନହୋଇ କନ୍‌ସିଲର୍ ବ୍ୟବହାର କରନ୍ତୁ।
- କଳା ପେନସିଲ୍ ଲାଇନର୍ ପାଖରେ ରଖନ୍ତୁ।
- ଚଷମାବାଲୀମାନେ ଲିପଷ୍ଟିକ, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁ ନାହିଁ।



# ସୁନିଦ୍ରା ପାଇଁ ୨୨ଲକ୍ଷର ଗଦି !

ସୁନିଦ୍ରାର ଅଭାବ ଉଚ୍ଚ ରକ୍ତଚାପ, ମଧୁମେହ, ମେଦବୃଦ୍ଧି ଭଳି ନାନା ରୋଗ ସୃଷ୍ଟି କରିଥାଏ। ତେଣୁ ମଣିଷ କେଉଁଭଳି ଶାନ୍ତିରେ ଶୋଇ ପାରିବ, ଏହାକୁ ନେଇ ଗବେଷଣା ସଦାସର୍ବଦା ଚାଲିଛି । ଏଥିପାଇଁ ନୂଆ ନୂଆ ସାମଗ୍ରୀ ବିକଶିତ ହେଉଛି। ଏବେ ବିଶେଷଜ୍ଞମାନେ ଏଭଳି ଗଦି ତିଆରି କରିବାରେ ସଫଳ ହୋଇଛନ୍ତି, ଯାହା ଉପରେ ଶୋଇଲେ ଘୁଙ୍ଗୁଡ଼ିରୁ ମୁକ୍ତି ମିଳିବ। ଘୁଙ୍ଗୁଡ଼ି ମାରିବା କ୍ଷଣି, ଗଦିରେ ଲାଗିଥିବା ସେନସର ସକ୍ରିୟ ହୋଇ ଉଠିବ, ଏବଂ ଗତିର ସ୍ଥିତିକୁ ସ୍ୱୟଂକ୍ରିୟ ଭାବେ ବଦଳାଇଦେବ। ଫଳରେ, ଶୋଇଥିବା ମଣିଷ ଘୁଙ୍ଗୁଡ଼ି ମାରିବା ବନ୍ଦ କରିଦେବ। ଏହି ଅଭିନବ ଗଦି ଶୋଇଥିବା ମଣିଷ ଶୋଇବା-ଉଠିବା ସମୟ, ନାଡ଼ିର ଗତି, ରକ୍ତଚାପ ଆଦିର ଡେଟା ରଖି, ଆବଶ୍ୟକ ଅନୁଯାୟୀ ଯାନ୍ତ୍ରିକ ସହାୟତା ଯୋଗାଇବାକୁ ସକ୍ଷମ। ଫଳରେ ମଣିଷ ଶାନ୍ତିରେ ଶୋଇ ପାରିବ। ଭାରତୀୟ ବଜାରରେ ବିକ୍ରି ଆରମ୍ଭ ହୋଇଥିବା ଏହି ଗଦିର ମୂଲ୍ୟ ବାଇଶ ଲକ୍ଷ ଟଙ୍କା।

# କ୍ଷୀର-ମହୁ ପାନୀୟର ଉପକାରିତା



ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ୬ ରୁ ୭ ଘଣ୍ଟା ଶୋଇବା ସହ ଦୈନନ୍ଦିନ ଖାଦ୍ୟପାନୀୟ ମଧ୍ୟ ପ୍ରଭାବ ପକାଇଥାଏ। ସେଥିପାଇଁ ପ୍ରତ୍ୟେକ ନିଜ ଖାଦ୍ୟପେୟରେ ଧ୍ୟାନ ଦେବା ଜରୁରୀ ଅଟେ। ପ୍ରତ୍ୟେକ ଦିନ ଶୋଇବାର ଘଂଟାଏ ପୂର୍ବରୁ ଉଷୁମ କ୍ଷୀର ୧ ଗିଲାସରେ ୧ ଚାମଚ ମହୁ ମିଶାଇ ପିଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହି ପାନୀୟରେ ଆମିନୋ ଏସିଡ୍ ଥିବାରୁ ରାତିରେ ଏହାକୁ ପିଇଲେ ଭଲ ନିଦ ହୋଇଥାଏ। ଖିରାରେ ଭିଟାମିନ୍ ଏ ଓ ମହୁରେ ଭିଟାମିନ୍ ଇ ଥିବାରୁ ମହିଳାମାନେ ଏହାକୁ ପ୍ରତ୍ୟେହ ପିଇଲେ ବନ୍ଧ୍ୟାତ୍ୱ ରୋଗ ଆଶଙ୍କା କମ୍। କ୍ଷୀର-ମହୁ ପାନୀୟରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଯୁବତୀମାନେ ଏହି ପାନୀୟ ନିୟମିତ ପିଇଲେ ସେମାନଙ୍କ ତ୍ୱଚାରେ ବୟସର ଛାପ ପଡ଼େନାହିଁ। କ୍ୟାଲସିୟମ ଏହି ପାନୀୟରେ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ମାଂସପେଶୀ ଶକ୍ତ ହୋଇଥାଏ। କ୍ଷୀରରେ ପ୍ରୋଟିନ ରହିଥିବାରୁ ପ୍ରତ୍ୟହ ପିଇଲେ ଶରୀରର କାର୍ଯ୍ୟ ଧକ୍ଷମତା ଶକ୍ତି ବୃଦ୍ଧିହୁଏ ବୋଲି ବିଶେଷଜ୍ଞଙ୍କ ମତ। କ୍ଷୀର ଓ ମହୁରେ ଫାଇବର ଥିବା କାରଣରୁ ଏହାକୁ ମିଶାଇ ପିଇଲେ ହଜମ ଭଲ ହୋଇଥାଏ।

# ବ୍ଲାଉଜ୍ ଫେସନ୍





ଫେସନ ଦୁନିଆରେ ଏବେ ବୋଟନେକ ଆକୃତିର ବ୍ଲାଉଜ ଚାହିଦା ବଢ଼ୁଛି। ଏହା ନୂଆ ତଥା ଆଧୁନିକ । ଘରେ ବିବାହ କିମ୍ବା ଯେକୌଣସି ଉତ୍ସବରେ ଶାଢୀ ସହ ପିନ୍ଧିହେବ। ବୟସ କିମ୍ବା ଶାରୀରିକ ଗଠନ ଯାହା ହେଉନା କାହିଁକି, ବୋଟ୍ ନେକ ବ୍ଲାଉଜ ପିନ୍ଧିବାକୁ ଚାହୁଁଥାନ୍ତି, ତେବେ ପସନ୍ଦ ଅନୁସାରେ ସୂତା ଶାଢ଼ି ସହ ପିନ୍ଧନ୍ତୁ। ଉତ୍ସବକୁ ଗଲେ, ବୋଟନେକ ବ୍ଲାଉଜ ସହ ନେଟ୍ ଶାଢ଼ି ପିନ୍ଧନ୍ତୁ। ଛୋଟ କାଚ, ଗୋଲି, ପଥର ବସିଥିବା କିମ୍ବା ହାତ କାମ ହୋଇଥିବା, ଏମ୍ବ୍ରୋଡୋରୀ ଯୁକ୍ତ ବୋଟ୍ ନେକ ବ୍ଲାଉଜ ମଧ୍ୟ ବଜାରରେ ଉପଲବ୍ଧ। ବ୍ଲାଉଜ୍‌ର ପଛପଟ ଭି-କଟ୍, ତ୍ରିଭୂଜାକୃତି, ଗୋଲାକୃତି ଆଦି ବିଭିନ୍ନ ଡିଜାଇନର ମଧ୍ୟ ମିଳୁଛି। ଲମ୍ବା ହାତ ଯୁକ୍ତ ବୋଟ୍ ନେକ ବ୍ଲାଉଜ ମଧ୍ୟ ଶାଢି ସହ ପିନ୍ଧିପାରିବେ।

# ସବୁଠାରୁ ପୁରୁଣା କାଠ ରେଳପଥ



୧୮୨୦ରେ ଇଂଲଣ୍ଡରେ ବାଷ୍ପ ଚାଳିତ ରେଳର ପ୍ରଚଳନ ପୂର୍ବରୁ ବି ରେଳପଥ ଥିଲା ଏବଂ ସେଥିରେ ଘୋଡ଼ା ଗାଡ଼ି ଚାଲୁଥିଲା। ମୁଖ୍ୟତଃ, କୋଇଲା ପରିବହନ ପାଇଁ ସେହି ରେଳପଥ ବ୍ୟବହାର କରାଯାଉଥିଲା। ତାହା ଥିଲା କାଠ ତିଆରି ରେଳପଥ। ସମୟକ୍ରମେ କାଠ ରେଳ-ପଥ ଅଦୃଶ୍ୟ ହୋଇଯାଇଥିଲା। ୨୦୧୩ରେ ପ୍ରତ୍ନତତ୍ତ୍ୱ ବିଶେଷଜ୍ଞମାନେ ଇଂଲଣ୍ଡର ନିଉ କ୍ରିଷ୍ଟାଲ୍‌ରେ ଏଭଳି ଏକ ରେଳପଥର ଅବଶେଷ ଉଦ୍ଧାର କରିଥିଲେ। ରକ୍ଷଣାବେକ୍ଷଣରେ ଲାଗିଗଲା ତିନି ବର୍ଷରୁ ଅଧିକ କାଳ। ଏବେ ବିଶ୍ୱର ସେହି ସର୍ବ ପୁରାତନ କାଠ ରେଳ ପଥକୁ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ଖୋଲାଯାଇଛି।

# ଗୃହିଣୀ ଜାଣନ୍ତୁ

ଟମାଟୋରୁ ମିଳୁଥିବା ଏକ ଉପକାରୀ ଏଂଟିଅକ୍ସିଡାଣ୍ଟ ହେଉଛି ଲିସୋପିନ। ଏହା କର୍କଟ ବିରୋଧୀ। ଏହା ନିୟମିତ ଖାଉଥିଲେ, ପ୍ରୋଷ୍ଟେଟ ଓ କଲୋନ କ୍ୟାନସର ହେବାର ଆଶଙ୍କା କମ୍। ଲିସେପିନରୁ ସ୍ନେହସାର ମଧ୍ୟ ମିଳେ। ଅର୍ଥାତ୍, ଟମାଟୋକୁ ସ୍ନେହସାର ନଥିବା ଖାଦ୍ୟ ସହ



ସାମିଲ କଲେ, ଅଧିକ ଉପକାରୀ ସାବ୍ୟସ୍ତ ହେବ। ତେଣୁ ଅଲିଭ ତେଲ ସହ ଟମାଟୋ ଖାଇବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ପାସ୍ତା, ସାଲାଡ଼ ଆଦିରେ ଟମାଟୋ ସହ ଏହି ତେଲ ବ୍ୟବହାର କରନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଙ୍କଟରେ ନଦୀ, ବିପଦରେ ପୃଥିବୀ...

ମାନବ ସଭ୍ୟତା ସହ ନଦୀର ସମ୍ପର୍କ ବହୁ ପୁରୁଣା। ପ୍ରାୟ ସମସ୍ତ ପ୍ରାଚୀନ ସଭ୍ୟତା କୌଣସି ନା କୌଣସି ଏକ ନଦୀ ଉପତ୍ୟକାରେ ହିଁ ବିକଶିତ ହୋଇଛି। କିନ୍ତୁ ବର୍ତ୍ତମାନ ଅନେକ ନଦୀ ସଙ୍କଟରେ ପଡ଼ିଛନ୍ତି। ସଙ୍କଟରେ ଥିବା ନଦୀଗୁଡ଼ିକ ଆଗାମୀ ଦିନରେ ସାଧାରଣ ଲୋକଙ୍କ ସହ ଜୀବଜନ୍ତୁଙ୍କ ପାଇଁ ସଙ୍କଟ ସୃଷ୍ଟି କରିପାରନ୍ତି, ଏଥିରେ ଦ୍ୱିମତ ନାହିଁ। ସାଧାରଣତଃ, ଗ୍ରୀଷ୍ମ ଋତୁରେ ଦେଶର ଭିନ୍ନଭିନ୍ନ ସ୍ଥାନରୁ ଖବର ଆସେ ଯେ ଛୋଟ ନଦୀଗୁଡ଼ିକ ଶୁଖି ଗଲାଣି ଏବଂ କିଛି ବଡ଼ନଦୀର ଜଳସ୍ତର ହ୍ରାସ ପାଇ ଚାଲିଛି। ଓଡ଼ିଶାର ଜୀବନରେଖା ମହାନଦୀ ଆଜି ବିପର୍ଯ୍ୟସ୍ତ। ଅଧିକାଂଶ ସ୍ଥାନରେ ଏହାର ଶଯ୍ୟା ବର୍ଷା ଦିନେ ବି ଶୁଷ୍କ ରହୁଛି, ଯାହା ପରିବେଶବିତମାନଙ୍କୁ ଚିନ୍ତିତ କରିଛି। ଇତିହାସର ମୂକସାକ୍ଷୀ ସାଜି ଆସିଥିବା ଆମରାଜ୍ୟର ଧଉଳି ପାହାଡ଼ ତଳେ ପ୍ରବାହିତ ଦୟା ନଦୀ ଆଜି ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। ସେହିପରି ଭୁବନେଶ୍ୱର ଉପକଣ୍ଠରେ ପ୍ରବାହିତ ଗଙ୍ଗୁଆ ନଦୀ ଓ କେନ୍ଦ୍ରାପଡ଼ା ସହର ଦେଇ ପ୍ରବାହିତ ଗୋବରୀ ନଦୀ ସହରୀ ଆବର୍ଜନା ନିଷ୍କାସନର ପ୍ରମୁଖ ମାଧମ ସାଜିଛନ୍ତି। କେବଳ ଏହି ନଦୀଗୁଡ଼ିକ ହିଁ ନୁହନ୍ତି; ବିରୂପା, ବ୍ରାହ୍ମଣୀ, ଋଷିକୁଲ୍ୟା ଭଳି ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଆଜି ବିଭିନ୍ନ କାରଣରୁ ବହୁମାତ୍ରାରେ ପ୍ରଦୂଷିତ ହୋଇ ଚାଲିଛନ୍ତି। ଏସବୁ ନଦୀର ଜଳସ୍ତର ମଧ କ୍ରମାଗତ ଭାବେ କମିବାରେ ଲାଗିଛି। କେତେକ ସ୍ଥାନରେ ଏସବୁ ନଦୀ ଏକ ନାଳର ଭ୍ରମ ସୃଷ୍ଟି କରୁଛି। ପୁଣି ଆଉ କେତେକ ସ୍ଥାନରେ ଏସବୁ ନଦୀଶଯ୍ୟା ଚାରଣଭୂମି ଓ ପିଲାଙ୍କ ଖେଳ ପଡ଼ିଆ ସାଜିଛି। ସନାତନ ଧର୍ମରେ ଦେବୀ ତୁଲ୍ୟ ବିବେଚିତ ଗଙ୍ଗା ନଦୀ ବର୍ତ୍ତମାନ ପ୍ରଦୂଷଣ ନାମକ ଦାନବ ବିରୋଧରେ ଅହରହ ସଂଗ୍ରାମ କରୁଛି। ଯମୁନା ନଦୀର ପ୍ରଦୂଷଣ ଚିତ୍ର ଓ ଖବର ଉଦ୍‌ବେଗ ସୃଷ୍ଟି କରିଛି। ଚିରସ୍ରୋତା ଚମ୍ବଲ ନଦୀର ଜଳ ବିଭିନ୍ନ ସ୍ଥାନରେ ପାନୀୟ ଉପଯୋଗୀ ନ ଥିବା ଏକ ପରୀକ୍ଷଣରୁ ଜଣାପଡ଼ିଛି। ସେହିଭଳି ଦକ୍ଷିଣରେ କାବେରୀ ନଦୀର ୪୦ପ୍ରତିଶତ ଜଳ ହ୍ରାସ ପାଇଥିବା ବେଳେ କୃଷ୍ଣା ଏବଂ ଗୋଦାବରୀ ନଦୀର ଜଳ ପୂର୍ବ ଦୁଇଦଶନ୍ଧି ତୁଳନାରେ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି। ବିହାରର ମୁଜାଫରପୁର ଜିଲ୍ଲାର ସମସ୍ତ ଷୋହଳଟି ବ୍ଲକ ଦେଇ କୌଣସି ନା କୌଣସି ଏକ ନଦୀ ପ୍ରବାହିତ ହେଉଛି। କିନ୍ତୁ ଏଥିମଧ୍ୟରୁ ଅଧିକାଂଶ ନଦୀ ଆଜି ନିଜ ଦୁର୍ଦ୍ଦଶା ପାଇଁ ଲୁହ ଗଡ଼ାଉଛନ୍ତି। ମିଥିଳା ଦେଇ ବହୁସଂଖ୍ୟକ ନଦୀ ପ୍ରବାହିତ ହେଉଥିବା ହେତୁ ମିଥିଳାକୁ ନଦୀମାନଙ୍କର ମାତୁଳାଳୟ ବୋଲି କୁହାଯାଇଥାଏ। କିନ୍ତୁ ନିଜ ମାଆଙ୍କ ଘରେ ଏହି ନଦୀଗୁଡ଼ିକ ଦୁର୍ଦ୍ଦଶାରେ ପ୍ରବାହିତ ହେଉଛନ୍ତି। ବିହାରର ଗଣ୍ଡୁକି, ଲଖନଦେଇ, ଟିମଦା, ଝଝା, ସିୟାରି, କଦାନେ, ବାୟା, ଡଣ୍ଡା, ମନୁଷମାରା ପରି ନଦୀଗୁଡ଼ିକ ନିଜର ଅସ୍ତିତ୍ୱ ହରାଇସାରିଛନ୍ତି ଅବା ଅସ୍ତିତ୍ୱ ହରାଇବାକୁ ଯାଉଛନ୍ତି। ଗତବର୍ଷ ଗ୍ରୀଷ୍ମକାଳରେ ଝାଡ଼ଖଣ୍ଡର ଶତାଧିକ ନଦୀ ଶୁଖିଯିବାର ଖବର ଆସିଥିଲା। ପାଲାମୁ ଜିଲ୍ଲାରେ କୋୟଲ, ସଦାବହ ଏବଂ ଅମାନତ ନଦୀ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଥିବା ଦେଖାଯାଇଛି। ଗୁମଲା ଜିଲ୍ଲାର ନଦୀ ପ୍ରବାହ ଅଞ୍ଚଳରେ ସ୍ଥାନୀୟ ପିଲା କ୍ରିକେଟ୍ ଖେଳୁଥିବା ଦେଖିବାକୁ ମିଳୁଛି। ଦକ୍ଷିଣ-ପୂର୍ବ ରାଜସ୍ଥାନ ଅନ୍ତର୍ଗତ କୋଟା ଜିଲ୍ଲାର ସାଙ୍ଗୋଦ ଅଞ୍ଚଳରେ ପ୍ରବାହିତ ଉଜାଡ଼ ନଦୀ ନଭେମ୍ବର(କାର୍ତ୍ତିକ ମାସ) ମାସରେ ହିଁ ଶୁଖି ଯାଇଥିବାର ଖବର ମିଳିଛି। ଉଜାଡ଼ ହେଉଛି ଚମ୍ବଲର ଏକ ଉପନଦୀ, ଯାହା ନିକଟବର୍ତ୍ତୀ ଅଞ୍ଚଳର ଅନେକ ଗ୍ରାମ ପାଇଁ ଜୀବନରେଖା ଥିଲା। ଦେଶରେ ଏହିଭଳି ଶହଶହ ଉପନଦୀ, ଶାଖାନଦୀ ରହିଛନ୍ତି; ଯେଉଁମାନେ ଅକାଳରେ ନିଜନିଜ ସତ୍ତା ହରାଇ ଜୀବଜଗତ ପାଇଁ ଜଳସଙ୍କଟର ବିପଦ ସୃଷ୍ଟି କରିଛନ୍ତି। ଅଥଚ ଆମେ ଏଯାଏଁ ଏହି ବିପଦକୁ ଗମ୍ଭୀରତାର ସହ ନେଇନାହୁଁ। ଏହି ପରିସ୍ଥିତି ଏଥିପାଇଁ ଚିନ୍ତିତ କରୁଛି ଯେ ଆମ ପାଇଁ ଯେତିକି ପରିମାଣର ଜଳ ଆବଶ୍ୟକ ହୋଇଥାଏ ତାହାର ୬୫ ପ୍ରତିଶତରୁ ଅଧିକ ଜଳ ନଦୀଗୁଡ଼ିକ ଦ୍ୱାରା ପୂରଣ ହୋଇଥାଏ। ପାନୀୟ, ନିତ୍ୟ ବ୍ୟବହାର୍ଯ୍ୟ ଠାରୁ ଆରମ୍ଭ କରି ଜଳସେଚନ, ଶିଳ୍ପ ଉତ୍ପାଦନ ଭଳି ଅନେକଗୁଡ଼ିଏ କାର୍ଯ୍ୟ ପାଇଁ ଜଳ ଆବଶ୍ୟକ ହୋଇଥାଏ। ଏହି କାରଣରୁ ନଦୀରୂପରେ ଯେଉଁ ଦେଶଗୁଡ଼ିକୁ ପ୍ରକୃତିର ବରଦାନ ମିଳିଛି, ସେମାନେ ଅନ୍ତତଃ ନଦୀର ଅସ୍ତିତ୍ୱ ପ୍ରତି ସମ୍ବେଦନଶୀଳ ରହିବା ଆବଶ୍ୟକ। କିନ୍ତୁ ଦୁର୍ଭାଗ୍ୟବଶତଃ ବିକାଶ ରୂପକ ବିପର୍ଯ୍ୟୟ ଆଜି ନଦୀ ପ୍ରତି ଥିବା ଆମ ସମ୍ବେଦନଶୀଳତାକୁ ଅପହରଣ କରିନେଇଛି। ନଦୀଗୁଡ଼ିକ ପ୍ରତି ମନୁଷ୍ୟମାନଙ୍କର ଅସଦାଚରଣ ବଢ଼ି ଚାଲିଛି। ନଦୀଗୁଡ଼ିକୁ ସଂରକ୍ଷଣ କରିବା ପରିବର୍ତ୍ତେ ଆମେ ସେମାନଙ୍କ ପ୍ରବାହିତ ଅଞ୍ଚଳରେ ବସତି ସ୍ଥାପନ କରିବା ଆରମ୍ଭ କରିଦେଲୁ। ପ୍ରବାହିତ ନଦୀ ଉପରେ ବନ୍ଧ ନିର୍ମାଣ କରିବା ଆମ ପାଇଁ ଯଦିଓ ଏକ ଆବଶ୍ୟକତା ଥିଲା, କିନ୍ତୁ ନଦୀକୂଳକୁ ଅବୈଧ ଦଖଲ କରିବା, ନଦୀ ମଧ୍ୟକୁ ଅବାଧରେ ଅଳିଆ, ଆବର୍ଜନା ଓ ବର୍ଜ୍ୟଜଳ ନିଷ୍କାସିତ କରାଇବା ଉଚିତ ହେଉନାହିଁ। ଗୋଟିଏ ପଟେ ଆମେ ନଦୀମାନଙ୍କୁ ଦେବୀ ଭାବରେ ପୂଜା କରୁଛୁ, ଅଥଚ ଅନ୍ୟପଟେ ସେମାନଙ୍କ ଶୁଦ୍ଧତା ଓ ସ୍ୱଚ୍ଛତା ସହ ଖେଳ ଖେଳି ଚାଲିଛୁ।

# ସଂରକ୍ଷଣ: ରାଷ୍ଟ୍ର ହରାଇଛି କେତେ ଓ ପାଇଛି କେତେ?



### ଗୋପାଳ ମହାପାତ୍ର

ସାମାଜିକ ନ୍ୟାୟର ଦ୍ୱାହି ଦେଇ ଯେଉଁ ସଂରକ୍ଷଣ ପ୍ରସଙ୍ଗ ୨୦୨୪ର ଲୋକସଭା ନିର୍ବାଚନରେ ପ୍ରସଙ୍ଗ ପାଲଟିଛି ତାର ପ୍ରଭାବ ବ୍ୟାପକ ଭାବେ ପଡ଼ିବ ବୋଲି ଜଣାପଡ଼ିଗଲାଣି। ଇଣ୍ଡିଆ ମେଣ୍ଟର ନେତାମାନେ ନିର୍ବାଚନୀ ଭାଷଣରେ ମୁସଲମାନଙ୍କୁ ସଂରକ୍ଷଣ ଦିଆଯିବା ନେଇ ଓକିଲାତି କରିବାରେ ଲାଗିଛନ୍ତି। ନିକଟରେ କୋଲକତା ହାଇକୋର୍ଟ ଏକ ଐତିହାସିକ ନିଷ୍ପତ୍ତି କ୍ରମେ ୨୦୧୦ ପରେ ମୁସଲିମ ସମୁଦାୟର ୭୭ଟି ବର୍ଗର ଓବିସି (ଅନ୍ୟ ପଛୁଆ ବର୍ଗ) ଙ୍କୁ ଦିଆଯାଇଥିବା ୫ ଲକ୍ଷରୁ ଅଧିକ ଓବିସି ପ୍ରମାଣ ପତ୍ରକୁ ରଦ୍ଦ କରି ଦେଇଛନ୍ତି। କୋଲକତା ହାଇକୋର୍ଟଙ୍କ ଓବିସି ପ୍ରମାଣପତ୍ର ରଦ୍ଦକୁ ନେଇ ଏନଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି। ସଂରକ୍ଷଣ ପ୍ରସଙ୍ଗକୁ ନେଇ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ମହାରାଷ୍ଟ୍ରରେ ଦୀର୍ଘ ଦୁଇ ଦଶନ୍ଧି ହେବ ବିବାଦ ଚାଲିଛି। ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଚିନ୍ତାକଲେ ସ୍ପଷ୍ଟ ଜଣାପଡ଼େ ଯେ ଭାରତରେ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ଅନୁଛେଦ ୩୩୦. ୩୩୨ ଏବଂ ୩୩୫ ଅନୁସାରେ ଅନୂସୁଚୀତ ଜାତିକୁ ୧୫ ପ୍ରତିଶତ, ଅନୂସୁଚୀତ ଜନଜାତିକୁ ୭.୫ ପ୍ରତିଶତ, ଅର୍ଥାତ ସମୁଦାୟ ୨୨.୫ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ରହିଛି। ୧୯୭୮ରେ ମୋରାରଜୀ ଦେଶାଇ ସରକାର ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ, ଏହାକୁ ମଣ୍ଡଳ କମିଶନ ବୋଲି କୁହାଯାଏ। ମଣ୍ଡଳ କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। ୧୦ବର୍ଷ କାଳ ଏହି ରିପୋର୍ଟ ଶୀତଳ ଭଣ୍ଡାରରେ ପଡ଼ିବା ଭଳି ରହିଥିଲା। ୧୯୮୯ ମସିହାରେ ବିଶ୍ୱନାଥ ପ୍ରତାପ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେତେବେଳେ ଯେଉଁ ମେଣ୍ଟ ସରକାର ହୋଇଥିଲା ,ସହି ମେଣ୍ଟର ଅଧକ୍ଷ ଥିଲେ ଏନ୍‌ଟି ରାମାରାଓ ଓ ସଂଯୋଜକ ଥିଲେ ବିଶ୍ୱନାଥ ପ୍ରତାପ ସିଂହ। ବିଶ୍ୱନାଥ ପ୍ରତାପ ସିଂହ ବର୍ତ୍ତମାନର ବିଜେପି ଦଳର ସମର୍ଥନରେ ସରକାର ଗଠନ କରିଥିଲେ ଓ ମଣ୍ଡଳ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ମଣ୍ଡଳ କମିଶନଙ୍କ ରିପୋର୍ଟ ଆଧାରରେ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରାଗଲା। ସେବେଠାରୁ ଅଦ୍ୟାବଧି ସବୁ ରାଜ୍ୟରେ ଅନ୍ୟ ପଛୁଆବର୍ଗ ଜାତି ବିଭିନ୍ନ ସମୟରେ ସଂରକ୍ଷଣ ପାଇଁ ଦାବି କରୁଛନ୍ତି। ନିର୍ବାଚନ ସମୟରେ ଅନ୍ୟ ପଛୁଆବର୍ଗ ଜାତି ବିଭିନ୍ନ ସମୟରେ ସଂରକ୍ଷଣ ପାଇଁ ଦାବି କରୁଛନ୍ତି। ନିର୍ବାଚନ ସମୟରେ ଏହାକୁ ନେଇ ନେତାମାନେ ମଧ ତୁମ୍ବିତୋଫାନ କରୁଛନ୍ତି। ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦିରୁ ଭାରତରେ ସଂରକ୍ଷଣ ବ୍ୟବସ୍ଥାର ଆରମ୍ଭ ହୋଇଥିଲା। ସେ ସମୟରେ ଧନୀ ଲୋକମାନଙ୍କର ବିଶେଷ ଅଧିକାର ଥିଲା। ୧୮୮୨ ମସିହାରେ ଜାତି ଆଧାରିତ ସଂରକ୍ଷଣ ବ୍ୟବସ୍ଥା ବାବଦରେ ୱିଲିୟମ ହଣ୍ଟର ଏବଂ ଜ୍ୟୋତିରାଓ ଫୁଲେ ବିଚାର କରିଥିଲେ। ୧୯୦୯ରେ ଇଂରେଜମାନଙ୍କ ଦ୍ୱାରା ଜାତି ଓ ସମୁଦାୟକୁ ନେଇ ଯେଉଁ ସଂରକ୍ଷଣ ଆରମ୍ଭ କରାଗଲା ତାକୁ ୧୯୧୯ ମସିହାରେ ଚାମ୍ବର ଫୋର୍ଡ଼ଙ୍କ ରିପୋର୍ଟ ପରେ କାର୍ଯ୍ୟକାରୀ କରାଗଲା। ତତ୍‌କାଳୀନ ଇଂରେଜ ସରକାର ଅଧିନିୟମ ୧୯୧୯ ମାଧ୍ୟମରେ ସଂରକ୍ଷଣ ପାଇଁ ପ୍ରାବଦାନ କରିଥିଲେ। ୧୯୨୧ରେ ମାଡ୍ରାସ ପ୍ରେସିଡେନ୍ସିରଆଦେଶ ଅନୁସାରେ ଅଣ ବ୍ରାହ୍ମଣମାନଙ୍କ ପାଇଁ ୪୪ ପ୍ରତିଶତ ଓ ବ୍ରାହ୍ମଣ, ମୁସଲମାନ, ଭାରତୀୟ ଆଂଗ୍ଲୋ ଇଣ୍ଡିଆନମାନଙ୍କ ପାଇଁ ୧୬-୧୬ ପ୍ରତିଶତ ସ ଅନୁସୂଚୀତ ଜାତି ପାଇଁ ୮ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିଲା। ୧୯୩୦ ମସିହାରେ ଏଚ.ବି ଷ୍ଟୋର କମିଟି ପଛୁଆ ଜାତିକୁ ଦଳିତ, ଆଦିବାସୀ, ପାର୍ବତୀୟ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗରେ ବିଭାଜିତ କରିଦେଇଥିଲେ। ସେବେଠାରୁ ଭାରତୀୟ ସମାଜ ବିଭିନ୍ନ ବର୍ଗ ଏବଂ ସମୁଦାୟରେ ବିଭାଜିତ ହୋଇ ରହିଛି।

୧୯୩୨-୩୩ ମସିହାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଭାରତରରେ ସାମ୍ପ୍ରଦାୟିକ ବ୍ୟବସ୍ଥାଲାଗୁ କରାଇଥବଲେ। ତଦନୁସାରେ ମୁସଲମାନ, ଶିଖ, ଭାରତୀୟ ଖ୍ରୀଷ୍ଟିୟାନ, ଆଂଗ୍ଲୋଇଣ୍ଡିଆନ, ଏବଂ ଦଳିତଙ୍କ ପାଇଁ ଅଲଗା ନିର୍ବାଚନ କ୍ଷେତ୍ରରେ ବ୍ୟବସ୍ଥା କରାଯାଇଥିଲା। ପ୍ରାନ୍ତିୟ ବିଧାନ ମଣ୍ଡଳରେ ଦଳିତଙ୍କ ପାଇଁ ୭୧ଟି ଆସନ ନିର୍ଦ୍ଧାରିତ କରାଯାଇଥିଲା ଏଣୁ ମତଦାତାଙ୍କୁ ସେମାନଙ୍କ ସମୁଦାୟର ବ୍ୟକ୍ତିଙ୍କୁ ମତ ଦେବାର ପ୍ରାବଧାନ ଥବଲା। ଏଭଳି ବ୍ୟବସ୍ଥାକୁ ଗାନ୍ଧୀ ବିରୋଧ କରିଥିଲେ ଓ ଏହି ବ୍ୟବସ୍ଥାକୁ ଡକ୍ଟର ଭୀମରାଓ ଆମ୍ବେଦକର ସମର୍ଥନ କରୁଥିଲେ। ଉଭୟଙ୍କ ମଧ୍ୟରେ ସଂରକ୍ଷଣକୁ ନେଇ ଥବବା ମତଭଦ ପୁନା ପ୍ୟାକ୍ଟ ପରେ ଥମିଥିଲା। ଅଧିନିୟମ ୧୯୩୫ ଅନୁସାରେ ଏହି ସଂରକ୍ଷଣ ବ୍ୟବସ୍ଥାରେ ଦଳିତ ବର୍ଗ ଏବଂ ଆଦିମ ଜନଜାତି ନାମକ ସଞ୍ଜ୍ଞା ଯୋଡ଼ାଯାଇଥିଲା। ମାହାରାଷ୍ଟ୍ରରେ ଶିକ୍ଷା ଏବଂ ସରକାରୀ ନିଯୁକ୍ତିରେ ଅନୁସୂଚୀତ ଜାତି-ଜନଜାତିଙ୍କ ସହ ମରାଠା ସମୁଦାୟଙ୍କ ପାଇଁ ୧୬ ପ୍ରତିଶତ ଏବଂ ମୁସଲମାନଙ୍କ ପାଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଅରୁଣାଚଳ ପ୍ରଦେଶରେ ଅନୁସୂଚୀତ ଜନଜାତିଙ୍କ ପାଇଁ ୮୦ ପ୍ରତିଶତ ସଂରକ୍ଷଣ ରହିଛି। ସେହିପରି ତାମିଲନାଡୁରେ ସର୍ବାଧିକ ୬୯ ପ୍ରତିଶତ, ମହାରାଷ୍ଟ୍ରରେ ୫୨ ପ୍ରତିଶତ ଏବଂ ମଧପ୍ରଦେଶରେ ୫୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ରହିଛି।

ସମ୍ବିଧାନର ଧାରା ୧୫(୪), ଧାରା ୧୬(୪) ଏବଂଧାରା ୧୬ (୪)ବି ଅନୁସାରେ ସରକାରଙ୍କ ଅଧିକାର ଦିଆଯାଇଛି ଯେ, ଯଦି କୌଣସି ସମାଜ ବା ବର୍ଗର ଶିକ୍ଷାସଂସ୍ଥା ବା ସରକାରୀ ନିଯୁକ୍ତିରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ନଥିବା କଥା ଜଣାପଡ଼େ ତେବେ ରାଜ୍ୟ ସରକାର ସେମାନଙ୍କୁ ସଂରକ୍ଷଣ ଦେଇପାରିବେ। ବିଶ୍ୱର ବିକଶିତ ଦେଶ ଚୀନ, ଆମେରିକା ଓ ଜାପାନ ଭଳି ଦେଶରେ ମଧ ସଂରକ୍ଷଣ ବ୍ୟବସ୍ଥା ରହିଛି। ଭାରତରେ ଦୀର୍ଘଦିନରୁ ଚାଲି ଆସିଥିବା ଜାତି ବ୍ୟବସ୍ଥା ଦେଶର ସଂରକ୍ଷଣ ନୀତି ପ୍ରଣୟନ ପାଇଁ ଦାୟୀ। କାରଣ ଜାତି ବ୍ୟବସ୍ଥାରେ ଉତ୍ପିଡ଼ିତ ଏବଂ ଦୁର୍ଭାଗ୍ୟଶାଳୀ ବ୍ୟକ୍ତିମାନଙ୍କୁ ଦଳିତ ଆଖ୍ୟା ଦିଆଯାଇଛି। ଦେଶ ସ୍ୱାଧିନ ହେବା ପୂର୍ବରୁ ଓ ପରେ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ସାଂସ୍କୃତିକ ସ୍ତିରରେ ଜାରିଶୁଣି ଏଭଳି ମାନସିକତା ଲୋକଙ୍କ ମନରେ ଭରି ଦିଆଯାଇଛି। ଦଳିତ ସମାଜକୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ଏହାକୁ ଏକ ଉଚିତ ବ୍ୟବସ୍ଥା ବୋଲି ମଧ କୁହାଯାଇପାରେ। ସଂରକ୍ଷିତ ବର୍ଗ : ଅନୁସୂଚୀତ ଜାତି-ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଦୁର୍ଭାଗ୍ୟ ଯେ ଯେହେତୁ ସେମାନେ ସଂରକ୍ଷଣର ଲାଭ ପାଉଛନ୍ତି ତେଣୁ ସେମାନଙ୍କୁ ଜାତି ଆଧାରିତ ଭେଦଭାବକୁ ମଧ ସ୍ୱୀକାର କରିବାକୁ ପଡୁଛି। ନିମ୍ନ ବା ଦଳିତ ବର୍ଗଙ୍କ ବିରୁଦ୍ଧରେ କରଯାଇଥିବା ଐତିହାସିକ ଅନ୍ୟାୟର ଭରଣା ପାଇଁ/ ଜାତି/ ବ୍ୟକ୍ତିଙ୍କୁ ରାଜ୍ୟ/କେନ୍ଦ୍ର ଦ୍ୱାରା ସମାନ ଭାବେ ପ୍ରତିନିଧିତ୍ୱର ସୁଯୋଗ ଦିଆଯାଉଛି ଏବଂ ଏହା ମଧ ସମ୍ବିଧାନ ସମ୍ମତ। କିନ୍ତୁ ସଂରକ୍ଷଣ ଭର୍ଗର ଲେଏାକଙ୍କୁ ସରକାରୀ ନିଯୁକ୍ତିରେ ଅଣ ସଂରକ୍ଷିତ ବର୍ଗର ଲୋକେ ହେୟ ଦୃଷ୍ଟିରେ ଦେଖିବା ଅମାନବୀୟ ଦୃଷ୍ଟିକୋଣର ପରିଚାୟକ। ସମ୍ବିଧାନରେ କୁହାଯାଇଛି ଯେ ଜାତିଧର୍ମର ଭେଦଭାବ ବିନା ସମସ୍ତଙ୍କୁ ସମାନ ଅବସର ଦିଆଯିବା ଉଚିତ୍।

ସଂରକ୍ଷଣର ସଙ୍କଳ୍ପନାରେ ଏକଥା ନିହିତ ରହିଛି ଯେ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ମାମଲାରେ ନିଷ୍ପକ୍ଷତାକୁ ଗୁରୁତ୍ୱ ଦିଆଯିବା ମାନବୀୟ ମୂଲ୍ୟ ପରମ୍ପରାରେ ନିର୍ବାହନ ଅଟେ। ସଂରକ୍ଷଣର ଉଦ୍ଦେଶ୍ୟ ପୂର୍ବାଗ୍ରହ ରହିତ ସମାଜର ନିର୍ମାଣ। ସମ୍ବିଧାନର ପ୍ରଣୟନ କର୍ତ୍ତାମାନେ ଅନେକ ଭାବିଚିନ୍ତି ପ୍ରତିରକ୍ଷା ସେବାରେ ସଂରକ୍ଷଣ ବ୍ୟବସ୍ଥା କରିନାହାଁନ୍ତି। ରାଜ୍ୟସଭା, ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକାର ସର୍ବୋଚ୍ଚ ପଦକୁ ସଂରକ୍ଷଣରୁ ଦୁରରେ ରଖାଯାଇଛି। କିନ୍ତୁ ଅନେକ ସମୟରେ ସଂରକ୍ଷଣକୁ ନେଇ ବିମର୍ଷ ଚାଲିଥିବାରୁ ସ୍ୱତଃ ପ୍ରଶ୍ନ ଉଠେ ଯେ ଏହି ସଂରକ୍ଷଣ ବ୍ୟବସ୍ଥାର ଅନ୍ତ କଉଁଠି? ବିଗତ ୪/୫ ଦଶକ ହେବ ସଂରକ୍ଷଣକୁ ନେଇ ଯେମିତି ବିଭିନ୍ନ ବର୍ଗର ଲୋକେ ଆନ୍ଦୋଳନକୁ ଓହ୍ଲେଇଛନ୍ତି ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ସଂରକ୍ଷଣର ନିଆଁ କେବେ ଲିଭିବ ନାହିଁ। ଏହାର କାରଣ ହେଉଛି ସମ୍ବିଧାନରେ ଅନୁସୂଚିତ ଜାତି-ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଉତ୍‌ଥାନ ପାଇଁ ସଂରକ୍ଷଣ ଏକ ଧାର୍ଯ୍ୟ ସମୟ ସୀମା ପର୍ଯ୍ୟନ୍ତ ଦିଆଯାଇଥିଲା। କିନତୁ ସଂରକ୍ଷଣ ଜାତି ଏବଂ ସମାଜ ମଧ୍ୟରେ ଅବଧାରଣା ରହିଛି ଯେ ସେମାନଙ୍କୁ ସବୁବେଳେ ସଂରକ୍ଷଣ ମିଳିବା ଆବଶ୍ୟକ। ସଂରକ୍ଷଣା ଜଡ଼ ସବୁ ସମାଜରେ ପରିବ୍ୟାପ୍ତ ହୋଇ ରହିଛି। ବୋଧହୁଏ ଏହି କାରଣରୁ ଅନୁସୂଚୀତ ଜାତି-ଜନଜାତି ଓ ପଛୁଆବର୍ଗର ଭୋଟର ତାଙ୍କ ଜାତିର ଲୋକଙ୍କୁ ଭୋଟ ଦେଇଥାନ୍ତି ଯେପରି ସଂରକ୍ଷଣ ବିରୁଦ୍ଧରେ ଯେପରି ଆଇନ୍ ପ୍ରଣୟନ ହୋଇନପାରିବ। ରାଜନୈତିକ ଦଳମାନେ ମଧ ବିଧାନସଭା ଓ ଲୋକସଭାରେ ସଂଖ୍ୟାଗରିଷ୍ଠତା ପାଇଁ ରାଷ୍ଟ୍ରୀୟ ହିତକୁ ଭୁଲି ଯାଇଥାନ୍ତି। ଆଞ୍ଚଳିକ ଦଳମାନେ ଜାତିବାଦ, ଭାଷାବାଦ ଓ ଆଞ୍ଚଳିକବାଦକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି କାରଣ ସେମାନଙ୍କର ଗଠନ ହିଁ ସଙ୍କୁଚିତ ଦୃଷ୍ଟିକୋଣ ଆଧାରିତ ଅଟେ। ସଂରକ୍ଷଣରୁ ରାଷ୍ଟ୍ର କ'ଣ ହରାଇଛି ଓ କ'ଣ ପାଇଛି? ଏକଥାର ବିଶ୍ଳେଷଣ କରାଯିବା ଆବଶ୍ୟକ। ୨୦୦ ବର୍ଷରୁ ଅଧିକ ସମୟ ପୂର୍ବେ ଇଂରେଜମାନେ ଯେଉଁ ସଂରକ୍ଷଣର ନିଆଁ ଲଗାଇ ଦେଇ ଯାଇଛନ୍ତି ତାହା ଲିଭିବ କେବେ?

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ଦରଜି ସେ ଦିନରୁ ଆଜି



### ବିପିନ ବିହାରୀ ରାଉତ

ଆଜି ଦରଜି ଦିବସ। ଏହି ଦିବସ ପାଳନ ଅବସରରେ ଏହି ପେସାର ଇତିହାସ ବାବଦରେ କେତେକ ଜଣା ଅଜଣା କଥା ଜାଣିବା ହେଉ। ଲଜ୍ଜା ନିବାରଣ ବା ଗୋପନୀୟ ଅଙ୍ଗ ଢ଼ାଙ୍କିବା ପାଇଁ ତଥା ଖରା ତାତି ଓ ଥଣ୍ଡାରୁ ରକ୍ଷା ପାଇବା ଲାଗି ପୋଷାକର ବ୍ୟବହାର ବହୁତ ପ୍ରାଚୀନ। ପରେ ମଣିଷ ସୁନ୍ଦର ଦିଶିବା ପାଇଁ ପୋଷାକକୁ ବିଭିନ୍ନ ରୂପ ଦେବା ଆରମ୍ଭ କଲା। ପ୍ରଥମେ ମଣିଷ ନିଜ ପାଇଁ ନିଜେ ଏହି କାର୍ଯ୍ୟ କରୁଥିଲା। ତାହାପରେ ପେସାଦାରଙ୍କ ସୃଷ୍ଟି ହେଲା। ଆଧୁନିକ ପେସାଦାର ଦରଜିର ସୃଷ୍ଟି ଦ୍ୱାଦଶ ଶତାବ୍ଦୀର ଘଟନା। ଟେଲର ଶବ୍ଦ ୧୨୯୭ରେ ପ୍ରଥମ ଥର ଇଂରେଜୀ ଶବ୍ଦକୋଷରେ ସ୍ଥାନ ପାଇଥିଲା। ଏହା ମୂଳତଃ ଏକ ଆଙ୍ଗଲୋ ନର୍ମାନ ଫ୍ରେଞ୍ଚ ଶବ୍ଦ, ଯାହାର ଅର୍ଥ କର୍ତ୍ତକ। ବିଶ୍ୱର ପ୍ରଥମ ଆଧୁନିକ ଦରଜି ଦୋକାନର ନାମ ଥିଲା ହେନରି ପୁଲ ଆଣ୍ଡ କୋ। ଷୋଡ଼ଶ ଶତାବ୍ଦୀରେ ପେସାଦାର ଦରଜି ବନିବା ପାଇଁ ସାତ ବର୍ଷ ତାଲିମ ନେବାକୁ ପଡୁଥିଲା। ଦରଜି ବିଦ୍ୟା ଉପରେ ପ୍ରଥମ ପୁସ୍ତକ ୧୭୯୬ରେ ପ୍ରକାଶ ପାଇଥିଲା ନାମ ଥିଲା ଦ ଟେଲର୍ସ କଂପଲିଟ ଗାଇଡ଼।

ତେବେ ବର୍ତ୍ତମାନର ଦୁନିଆର ରୀତିନୀତି ଓ ଆଦର କାଇଦାକୁ ଦେଖିଲେ ଜଣାଯାଏ ପୂର୍ବ ସମୟର ପାରମ୍ପରିକ ଦରଜି ପୋଷାକ ବହୁତ କମି ଆସିଲାଣି। ବଜାରରେ ବିରାଟ ବିରାଟ ବଡ଼ ସପିଂ ମଲରେ ନିଜ ମନ ପସନ୍ଦ, ରଙ୍ଗବେରଙ୍ଗ, ଚାହିଦା ମୁତାବକ ଓ ନିଜ ଅର୍ଥକୁ ଦେଖି ପ୍ରାୟତଃ ସାର୍ଟପ୍ୟାଣ୍ଟ, କୋର୍ଟ, ଝିଅ ଓ ସ୍ତ୍ରୀଲୋକମାନଙ୍କ ପୋଷାକ ସବୁ ବିକ୍ରି ହେଉଛି। ଲୋକେ ଏହାକୁ ଗୁରୁତ୍ୱ ଦେଉଛନ୍ତି ଓ ଗୋଟିଏ ବଜାରକୁ ହାତ ପାହାନ୍ତାରେ ପାଇଯାଉଥିବାରୁ ସେମାନେ ପୂର୍ବ ସମୟର ଲୁଗା ଦୋକାନକୁ ଯାଇ କପଡ଼ା କିଣି ଦରଜି ପାଖକୁ ଯିବାକୁ ଆଉ ସେତେଟା ଆଗ୍ରହ ରଖୁନାହାଁନ୍ତି। ସେହିପରି ହାତ ପାହାନ୍ତାରେ ସୂଚନା ପ୍ରଯୁକ୍ତିର ମୋବାଇଲ ଫୋନରେ ଅନ୍‌ଲାଇନ ଦ୍ୱାରା ଘରେ ନିଜର ସମସ୍ତ ବେଶପୋଷାକ ନିର୍ଦ୍ଧାରିତ ସମୟ ଓ ମୂଲ୍ୟ ଅନୁଯାୟୀ ସୁରକ୍ଷିତ ଭାବେ ପହଞ୍ଚି ଯାଉଥିବାରୁ ଦରଜିଙ୍କ ବେପାର ଅନେକାଂଶରେ କମି ଯାଇଛି। କେବଳ ସହର ନୁହେଁ ଗାଁ ଗଣ୍ଡାରେ ଯେଉଁଠି ଦିନେ ଦରଜି ପାଖରେ ନିଜ ପୋଷକା ବନାଇବା ପାଇଁ ଲୋକେ ଧାଡ଼ି ଲଗାଉଥିଲେ ଆଉ ବ୍ୟସ୍ତ ହୋଇ ନିଜ ପୋଷାକଟି ପାଇବା ପର୍ଯ୍ୟନ୍ତ ଅତ୍ୟନ୍ତ ଆଗ୍ରହ ଓ ଶ୍ରଦ୍ଧା ରଖୁଥିଲେ ତାହା ଆଉ ସେପରି ଦିଶୁନାହିଁ। ତେବେ ପ୍ରଶ୍ନ ଉଠେ ସେହି ଦରଜି ବୃତ୍ତି କରୁଥିବା ଲୋକଟି ତା ଦାନାପାଣି କିପରି ପାଇପାରିବ? ତଥାପି ଆଜି ସମୟରେ ଅନେକ ଲୋକ ଅଛନ୍ତି ଯେଉଁମାନେ ପାରମ୍ପରିକ କପଡ଼ା କିଣି ନିଜ ପୂର୍ବ ପରିଚିତ ଓ ଆଖପାଖର ଦରଜି ପାଖକୁ ଯାଇ ନିଜ ବେଶପୋଷାକ ତିଆରି କରୁଛନ୍ତି। ଅନ୍ତତଃ ଆମେ ମାନବିକ ଦୃଷ୍ଟିକୋଣରୁ କେବଳ ଜଣଙ୍କୁ ତା ପରିଶ୍ରମର ମୂଲ୍ୟ ନୁହେଁ ସେହି ପାରିଶ୍ରମିକ ତା ପରିବାର ଓ ଏହାସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ରହୁଥିବା ଅନେକଙ୍କ ଦାନାପାଣି ସେମାନେ ଏହି ବୃତ୍ତିରୁ ହିଁ ପାଇଥାନ୍ତି। ଭାରତର ଅନେକ ସହରରେ ଏବେ ବି ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ ବଂଶ ବୁନିଆଦିର ପରମ୍ପରାକୁ ବଜାୟ ରଖି ନିଜ ପୂର୍ବ ପରିଚିତ ଦରଜି ପାଖରେ ନିଜ ବେଶପୋଷାକ ତିଆରି କରୁଛନ୍ତି ଏହା ନିଶ୍ଚିନ୍ତ ଖୁସିର କଥା। ପଇସା ଦେଇ ମନ ପସନ୍ଦର ପୋଷାକ ସପିଂ ମଲ୍‌ରୁ କିଣାଯାଇପାରିବ ଏହାକୁ କିଏ ମନା କରୁନି କିନ୍ତୁ ହସ୍ତକର୍ମର ଯେଉଁ ପରମ୍ପରା ରହିଛି ତାହାକୁ କିଛିଟା ଅତୁଟ ରଖିବା ଦାୟିତ୍ୱ ଆମ ସମସ୍ତଙ୍କର। କରୋନା ପରି ମହାମାରୀ ଅନେକଙ୍କ ଦାନାପାଣି ବୁଡ଼ାଇ ଦେଇଛି। ଏହା ଭିତରୁ ଦରଜି ବୃତ୍ତିଧାରୀ ମଧ ଅନ୍ୟତମ। ଆସନ୍ତୁ ଦରଜି ଦିବସ ଅବସରରେ ନିଜ ପୂର୍ବ ପରିଚିତ ଦରଜି ଭାଇଟିକୁ ଟିକିଏ ଆଦରିବା ଅନ୍ତତଃ କରୋନା ସମୟରେ ସେ ତ ଟିକିଏ ଦାନାପାଣି ପାଇପାରିବ। ଆମ ଭିତରେ ଏ ସାମାନ୍ୟ ମଣିଷ ପଣିଆ ସେହି ଲୋକଟି ଓ ତା ପରିବାର ମୁହଁରେ ହସ ଫୁଟାଇବା ସହ ପରିବାରଟି ଦାନାପାଣି ପାଇ ଯେଉଁ ଆନନ୍ଦର ଆର୍ଶୀବଚନ ଦେବେ ତାହା କ'ଣ ଆମ ପାଇଁ ଯଥେଷ୍ଟ ନୁହେଁ କି?

ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ,
ମୋ : ୯୪୩୭୬୬୬୪୫୩,




## ଖୁବ ବାଧିଲାଣି ମହାପ୍ରଭୁ

### ନିରଞ୍ଜନ ସାହୁ

ଖୁବ ବାଧିଲାଣି ଆହେ ଜଗନ୍ନାଥେ
ଦେଖାଅ ତୁମରି ଶକ୍ତି
ଆସ୍ତିକରୁ ଏବେ ନାସ୍ତିକ ହେଉଛି
କମି ଆସିଲାଣି ଭକ୍ତି ।

ଭଗବତ ଗୀତା ଶାସ୍ତ୍ରରେ କହିଛ
ଅଧର୍ମ ବଢ଼ଇ ଯେବେ
ଧର୍ମ ସଂସ୍ଥାପନ କରିବାକୁ ପ୍ରଭୁ
ଅବତରି ଆସ ତେବେ
ଭୁଲିଗଲଣି କି ଭକ୍ତଙ୍କ ସାଥିରେ
କରିଥିବା ଏହି ଚୁକ୍ତି ?

ଦାରୁଦିଅଁ ସାଜି ନିରବେ ବସିଲେ
କି ଲାଭ ହୋଇବ କୁହ
ଚକାନୟନରେ ଦେଖି ପାରୁନ କି
ଭକତ ଆଖିର ଲୁହ
ତୁମକୁ ଚେତାଇ ଦେବାକୁ ଯାଇକି
କରୁନି ତୁମଠିଁ ଯୁକ୍ତି ।

ଭକତ ମନରେ ବିଶ୍ୱାସ ଜନ୍ମାଇ
ଧର୍ମ ସଂସ୍ଥାପନ କର
କେତେକାଳ ଆଉ ଅଧର୍ମ ବଢ଼ିବ
କହିବ କି ଚକ୍ରଧର
ଧର୍ମରକ୍ଷା ଯଦି କରି ନ ପାରିବ
ଭକ୍ତ ମାରି ଦିଅ ମୁକ୍ତି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

## ଆସି ଯା' ବରଷା

### ଧ୍ରୁବ ଚରଣ ଘିବେଲା

ଆସି ଯା' ବରଷା ହୋଇବ ସରସା
ବତୁରି ଯିବଟି ମାଟି
ମାଟି ବତୁରିଲେ କୃଷକ ଖୁସିରେ
ଚାଷ କାମେ ରହିବଟି ।

ଚାଷ ବାସ କାମ ହୋଇବନି ବାମ
ବରଷା ବରଷି ଗଲେ
ଶାଗୁଆ ପତର ଦିଶିବ ସୁନ୍ଦର
ଗଛେ ଭରିଯିବ ଧିରେ ।

ଗଛ ଡାଳେ ବସି ପକ୍ଷୀ ହୋଇ ଖୁସି
ଗାଇବେ ମଧୁର ଗୀତ
ହଳକୁ ବୁଲାଇ ଗୁଣୁଗୁଣୁ ଗାଇ
ଚଷି ନେବ ଚାଷି କ୍ଷେତ ।

ପିଣ୍ଡା ତଳେ ତଳେ
ପାଣି ସୁଅ ଧାରେ
ଡଙ୍ଗା ଭସାଇବା ପାଇଁ
ହାତରେ ତିଆରି ହାତେ ଡଙ୍ଗା ଧରି
ରହିଥାନ୍ତି ଠିଆ ହୋଇ ।

ପାଣିର ସୁଅରେ ଡଙ୍ଗା ଭାସେ ଧିରେ
ତାଳି ମାରି କୁନାକୁନି
ଡଙ୍ଗାର ଗତିକୁ ଚାହିଁ ରହିଥାନ୍ତି
ଡଙ୍ଗା ଭସାଇ ସେ କ୍ଷଣି ।

ବରଷା ପାଣିରେ ନଈ ନାଳ ପୂରେ
ଜଳଜୀବଙ୍କର ଖୁସି
ଜଳର ଅଭାବ ହଟାଏ ବରଷା
ଗଛେ ଧରେ ଫଳ କଷି ।

ଘାସର ଗାଲିଚା ବୁଣି ଆଣେ ବର୍ଷା
ବଢ଼ାଇ ଧରଣୀ ଶୋଭା
ଶାଗୁଆ ପାଟକୁ ପିନ୍ଧି ଯତନରେ
ମାଟି ମାଆ ମନଲୋଭା ।

ବରଷା ଛୁଆଁରେ ଲାଗେ ନୂଆ ନୂଆ
ନ ଥାଏ ବି ଖରା ଡର
ଖରା ଚାଲିଯାଏ ଖରାର ବାଟରେ
ବରଷା କାଳ ସୁନ୍ଦର ।

+ବଉଦରାଜ, ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ତେଣୁ

### ଡ. ଦୀପକ କୁମାର ମିଶ୍ର

କିଛି ତ କାରଣ ଥିଲା
ତେଣୁ ଫୁଲେଇ ହେଉଥିଲା ଫୁଲ
ମେଘାଚ୍ଛନ୍ନ ହେଉଥିଲା ଆକାଶ
ମୋହାଚ୍ଛନ୍ନ ହେଉଥିଲା ମନ
ଆଉ କବିମନସ୍କ ହେଉଥିଲା ପ୍ରାଣ ।

ତମେ ତ କହିଥିଲ ନା
ବିନା କାରଣରେ କିଛି ବି
ଘଟେନି ବୋଲି
ବୋଧେ ସବୁରି ମୂଳରେ ଥିଲା
ସେହି ଆତ୍ମଘାତି ଅବୁଝା ପ୍ରେମ ।

ଯେବେ ସବୁ ସ୍ୱୀକୃତ, ଧାର୍ଯ୍ୟ
ତେବେ ବେଳେବେଳେ
ତିଳେ ବିଚ୍ଛେଦ କି ଯନ୍ତ୍ରଣାକୁ
ଏତେ ଆନମନା କିଆଁ
ଯଦି ବର୍ଷା ଅଛି,
ବିଜୁଳି ବା ଘଡ଼ଘଡ଼ିଟେ ସ୍ୱାଭାବିକ
ସ୍ୱପ୍ନ ଭାଙ୍ଗିଗଲେ
ଝାଲୁଆ ଦେହରେ ପାହାନ୍ତି ପର
ଫର୍ଚ୍ଚାପଣକୁ
ଅପେକ୍ଷା କରିବାରେ ଅସୁବିଧା କ'ଣ
ସବୁ ରାତି କାହିଁକି ହେବ ଯେ
ସ୍ୱପ୍ନରାତି !

ଏସବୁ ତର୍ଜମାର ନିର୍ଯ୍ୟାସରେ
ଏତିକି କହିବି
ମୋର ତମ ପ୍ରତି
ଆଉ ଅସୂୟା କି ଅଭିମାନ ନାହିଁ
ବୟସର ଆନୁଗତ୍ୟରେ
ତମେ ଏବେ ଆସିପାର
ମୋ ଶରୀରକୁ
ଜରା ବା ବ୍ୟାଧିଟିଏ ହୋଇ
ଖୁସିର ଫଗୁଣ ନହେଲା ନାହିଁ
ସାଥି ହୋଇ କାଟିଦେବା ଦୁହେଁ
ଅବସୋସ ଓ ଅବସାଦ ରହିତ
ଏକ ଅବିସ୍ମୃତ ଇତି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଚଳେଇ ନେବା

### ନିରଞ୍ଜନ ପତି

ଜୀବନରେ କିଛି ସୁଖ ଦୁଃଖ ଅଛି
ଚଳେଇ ନେବାକୁ ହୁଏ,
ସେଇ ଏକା ସୁଖୀ ଜୀବନ ଜୀଇଁଚି
ଚଳେଇ ନେଇଚି ଯିଏ।

ମନ୍ଦ ବୁଝାମଣା କରେ ବାଟବଣା
ବୁଝାମଣା ଦିଏ ଧୈର୍ଯ୍ୟ,
ସେଇ ନର ଭଲ ମଣିଷ ହୋଇବ
ଯିଏ ବୁଝି କରେ କାର୍ଯ୍ୟ।

ହୁଙ୍କା ପିଟା ହୋଇ ଯେ କିଛି କରଇ
ସେହି ପରା ଦୁଃଖ ପାଏ...
ଜୀବନରେ କିଛି ସୁଖ ଦୁଃଖ ଅଛି...
ବନ୍ଧୁ, ସହକର୍ମୀ, ଜାୟା, ସମଧର୍ମୀ
ସାଥେ ମାପିଚୁପି ଚଳ,
ଚଳେଇ ନେବାର ମହାନ ମନ୍ତର
ବଢାଇବ କଳ ବଳ।

ପରିସ୍ଥିତି ଦେଖି ଚଳେଇ ନେଲା ଯେ
ମହାତ୍ମା ସେ ହୋଇ ଯାଏ...(୨)
ଜୀବନରେ କିଛି ସୁଖ ଦୁଃଖ ଅଛି
ଚଳେଇ ନେବାକୁ ହୁଏ।

+ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

## ନିର୍ଜନ ରାତିର ନାୟିକା
### ଶରତ କୁମାର ଦାସ



କିଏ ସେ ଆଙ୍କିଛି ଝୋଟି
ଆକାଶର ନୀଳ ଅଗଣାରେ
ଚିକିମିକି ତାରା ଗହଣରେ ।

କିଏ ସେ ବୋଳିଦେଇଛି ରଙ୍ଗ
ଭିଜା ଭିଜା ବାଦଲ ମୁହଁରେ
କେଉଁ ଏକ ସୁନେଲୀ ସୂର୍ଯ୍ୟାସ୍ତ ବେଳାରେ .।

କାହାର କୋମଳ ହାତର ସ୍ପର୍ଶ
ମୋ ଛାତିରେ ଖୁନ୍ଦାଖୁନ୍ଦି ହୋଇ ରହିଥିବା
ତମାମ ଦୁଃଖକୁ ଶୁଆଇଦେଉଛି
ରାତିର ଅନ୍ଧାରୀ ଶେଯରେ ।

କାହାର ଗୁଣୁ ଗୁଣୁ ଗୁଂଜରଣ
ଭରିଦେଉଛି ମଧୁ କୋଳାହଳ
ମୋ ଶୂନ୍ୟ, ନୀରବ ଓ ଶୋକାର୍ତ୍ତ ମନରେ।

କାହାର କଟିର ମେଖଳା
ରିମଝିମ୍ ସୁର ସୃଷ୍ଟି କରେ

ମୋ ଉଦାସ ମନରେ
ଆଉ କାହାର ପାଉଁଜିର ରଣୁଝୁଣୁ ଶବ୍ଦ
ସ୍ୱପ୍ନ ଭରିଦିଏ ମୋ ଉନିଦ୍ର ଆଖିରେ ।

ତମେ କି ସତେ ମୋ ଅମାବାସ୍ୟା
ଆକାଶର
ପହିଲି ଚନ୍ଦ୍ରମା....!!
ତମେ କି ସତେ ମୋ କ୍ଷରିତ ରକ୍ତର
ସତେଜ ଲାଲିମା....!!

ମୁଁ ଅବଶ୍ୟ ଜାଣିଛି
ଏବେ ଏବେ
ଅବିଶ୍ରାନ୍ତ ବୈଶାଖର ଡହଡହ ମରୁର
ବାଲିରେ
ପାଦ ଥାପିଛି ମୁଁ ନୂଆ ନୂଆ,

ମଧ୍ୟାହ୍ନର ହୁତୁହୁତୁ ଜଳୁଥିବା ସୂର୍ଯ୍ୟଙ୍କୁ
ସାମନା କରିବାକୁ ହେବ ବାରମ୍ବାର ।

ଏହା ବି ତ ଅକାଟ୍ୟ ସତ୍ୟ ।
ହେଲେ ଭୟ ନାହିଁ ମୋ'ର
କେବେବି ନଥିଲା
ଜଳିବାରେ କେବେ ଅବସୋସ ନାହିଁ ମୋର
ନା କିଛି ଅଭିଯୋଗ ନା ଅଭିମାନ ।

ହାରିଗଲେ ବି ଜିତିବାର ଦୀପ ଜାଳୁଥିବି
ଯେତେ କଣ୍ଟା ଆସିଲେ ବି
ଗୋଲାପର ପରଶ ପାଇବି ।

କାହିଁକି ନା
ଜାଣିଛି ମୁଁ ନିଜର ଅସ୍ତିତ୍ୱ
ମୋ ତମାମ ଅନ୍ଧାରର ଆବର୍ତ୍ତ ଭିତରେ
ତମେ ଏକ ଫର୍ଚ୍ଚା ଜହ୍ନ ରାତି
ମୋ ହୃଦୟର ପ୍ରଥମ ଅକ୍ଷର
ମୁଁ ତମ ଶେଷ ପ୍ରତିଶ୍ରୁତି ।


♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ , ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଇଚ୍ଛା
### ଐଶ୍ୱର୍ଯ୍ୟା ପ୍ରଧାନ



ଚାହିଁ ନ ଥିଲି
ମୋର ମୃତ୍ୟୁ ପରେ,
ଗଢ଼ିବାକୁ ସ୍ମାରକୀ ସ୍ୱରୂପ ତାଜମହଲ
ଆଣିଦିଅ ବୋଲି ବି କହିନି ସ୍ୱର୍ଗର
ପାରିଜାତ
କେବଳ ଚାହିଁଛି
ଆଖିରେ ଖୁନ୍ଦି ଦିଅ ବୋଲି
ଅୟୁତ ଯୁଗର ସ୍ୱପ୍ନ,
ସମୟର ପଶାପାଲି ଖେଳରେ
ତୁମର ଉପସ୍ଥିତି
ହେଲେ,
ଦେଖାଇଲ ମୋତେ
ଛାଇ ଆଲୁଅର ଖେଳ,
ବୁଝେଇ ଦେଲ ମିଛ ଅଭିନୟ କ'ଣ....
ଜଣେଇ ଦେଲ କେମିତି ଅନୁଭବି ହୁଏ
ଏକେଲାପଣ,ଶୂନ୍ୟତା
ଆଉ ରାତିର ନିସ୍ତବ୍ଧତା !!

ଦେବାକୁ ଚାହିଁଲି ନିଚ୍ଛକ ସମର୍ପଣ
ପାଇବାକୁ ତୁମ ଶରୀରର
ଉଷ୍ମତାରେ ଭରା ସ୍ପର୍ଶ
ଉନ୍ମାଦିନୀ ସାଜି ଝାସ ଦେଇଥାନ୍ତି
ପ୍ରଣୟର ବହ୍ନିରେ
କିନ୍ତୁ,
ଦେଲ ମୋତେ
ମୋ ଅନାବୃତ ତନୁରେ
ନଖର ଦାଗ,
କ୍ଷତର ଚିହ୍ନ ଆଉ
ହିଂସ୍ରତାରେ ଭରା ଆଖିରେ ଦେଖେଇଲ
ଧର୍ଷଣର ପ୍ରତିଛବି !

ଭାବିଥିଲି ସାଜିବାକୁ ତୁମର ହୃଦୟ ଅଗଣାର
ବାସ୍ନାଭରା ଫୁଲଟିଏ
ମହକାଇ ଦେବାକୁ ଜୀବନର ବାଟ
ହେଲେ,
ଶୁଆଇ ଦେଲ ମୋତେ ଛଳନାର ଶେଜରେ
ଜାଳିଦେଇ ମୋ ଦେହ ଆଉ ମନ
ପାଦରେ ଦଳିଦେଲ ମୋ ଆଶା ଆକାଙ୍କ୍ଷାକୁ!

ମାଗିଥିଲି
ସ୍ନେହରେ ଭରା ଦୁଇପଦ କଥା
ହେଲେ
ଉପହାରରେ ଦେଲ ଘୃଣା
ଆଉ
ମୋ କବରୀରେ ଖୋସିଲ ସପ୍ତମ ଋତୁର
ଫୁଲ !

ଚାହିଁଥିଲି
ସୁଖ ସମୁଦ୍ରର ବେଳାଭୂମିରୁ
କାଣିଚାଏ ମୋ ପଣତ କାନିରେ
ବାନ୍ଧି ଦିଅ ବୋଲି
ହେଲେ,
ଦେଲ ମୋତେ
ଅବିଶ୍ୱାସର ଟୁକୁରା ଖଣ୍ଡରେ ତିଆରି
ସ୍ୱପ୍ନର ମହଲ
ଆଉ ମୋ ଲୁହଲହୁରେ ଗଢ଼ିଥିବା
ରକ୍ତଗୋଲାପ !!
ହେଲେ,
ସେଇ ଗୋଲାପର ପାଖୁଡ଼ା ସାରା
ବିଛାଡିହୋଇ ପଡ଼ିଥିବା
ପ୍ରତିଟି ରକ୍ତର ବୁନ୍ଦା ଯେ ମୋର !!


♥କନ୍ଧେଇମାଳ, ଉକଚ୍ଛଲୋ, କଳାହାଣ୍ଡି


## ଅନନ୍ତ ନିରନ୍ତରରେ ସେ ଆୟୁଷ୍ମାନ
### ଭରତ ଚନ୍ଦ୍ର ଦାଶ



ସୃଜନର
ରଣକ୍ଷେତ୍ରରେ ଯୁଝି ଯୁଝି ସେ କ୍ଲାନ୍ତ
ସେ ବିଶ୍ରାମ ପ୍ରାର୍ଥୀ
ଜଣେ ଏକଲାପଣର
ଶବ୍ଦଶିଳ୍ପୀ ପ୍ରେମର, ପ୍ରଣୟର
ବିରହର, ବୈରାଗ୍ୟର
ଦେହରେ ଦେଉଳ ରଚିବାର
ଦୁର୍ବାର ଅଭୀପ୍ସା
ଅକ୍ଷର କର୍ମର ଅନନ୍ୟ
କଳାକାର ସେ ସୁନୀଳ
ଶବ୍ଦାକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କ
ସୁନୀଲ ପୃଷ୍ଟି ।

ନାଗାବଳୀର ତରଙ୍ଗାୟିତ ତରଙ୍ଗର
ବେଗ ଆବେଗ ଗଣୁଥିବା
ସ୍ୱପ୍ନ ବିଭୋର ଭିନ୍ନମଣିଷ ସେ
ନଦୀପଠାରେ ବୁଲୁବୁଲୁ

ଶବ୍ଦର ମୁକ୍ତା ସନ୍ଧାନରେ
ସେ ଥିଲେ ଆନମନା
ମନଶ୍ଚକ୍ଷୁରେ ସ୍ୱପ୍ନମାନେ
ତାଣ୍ଡବ ରଚିଥିଲେ
ନିର୍ଜନତା ହିଁ ତ ଦେଇଥିଲା
ଭିନ୍ନ ଭିନ୍ନ ନିର୍ଜନତା ।

ଶବ୍ଦ ହିଁ ତ
ଶବ୍ଦ ବ୍ରହ୍ମରେ ରଚିଥିଲେ
ଦେହ ଦେଉଳର ଅକ୍ଷୟ କୀର୍ତ୍ତି ସେ
ଚାରୁ କଳା ଶିଳ୍ପରେ ଚର୍ଚ୍ଚା ଚର୍ଚ୍ଚିତ ବ୍ୟକ୍ତିତ୍ୱ ।

ତନୁଲତାର କବିତା
ସମ୍ମୋହନର ବଂଶୀସ୍ୱନ
ତୋଳିଥିଲା
ଅନୂଢ଼ା ଯୁବତୀର ପ୍ରାଣେ

ପ୍ରେମ ଓ ପ୍ରଣୟର ଉଜାଣି
ନାଗାବଳୀ ଆଜି ପୂର୍ଣ୍ଣଗର୍ଭା
କୂଳ ଲଙ୍ଘିବାର ପ୍ରୟାସ
ଉତ୍ତାଳ ତରଙ୍ଗରେ
ସ୍ୱପ୍ନ ଦେଖେ କବି
ଶବ୍ଦମନସ୍କତାରୁ
ଝରିପଡେ ଭାବର ବିଭବ ।

ସ୍ୱପ୍ନମନସ୍କ ଦେହ
ଅବଶେଷେ ଅବସୋସରେ
ଶୋଇପଡେ କ୍ଷଣିକରେ
ଯାତ୍ରା ମହାଯାତ୍ରାରେ
ଜୟ ଜୟ ଧ୍ୱନିରେ
ସୃଜନର ବଡଦାଣ୍ଡ ଉଛୁଳି ପଡେ
ତା'ର ମୃତ୍ୟୁ କାହିଁ ଯେ
ସେ ଶବ୍ଦବିଳାସରେ ନିରବି ଯାଇଛି
ଅନନ୍ତ ନିରନ୍ତରରେ ସେ ଆୟୁଷ୍ମାନ ।

( ଯଶସ୍ୱୀ କବି ସୁନୀଲ ପୃଷ୍ଟିଙ୍କୁ ଶବ୍ଦ ନମନ)


♥ ସଚିବ, ସୃଜନ ଶ୍ରୀକ୍ଷେତ୍ର
ମାର୍କୋଣା, ବାଲେଶ୍ୱର-୭୫୬୧୨୬
ମୋ: ୮୯୮୪୪୩୯୧୬୬




## ରେଡ୍ ସିଗନାଲ
### ସୁଧାଂଶୁ ଦ୍ୱିବେଦୀ



ପବନରୁ ଅମୃତ କମିଗଲାଣି
ମନୁଷ୍ୟର କଥା କହିବା ଶୈଳୀ
ଧୀରେ ଧୀରେ କର୍କଶ ହେଲାଣି
ପାଣି ସଭିଙ୍କର ଜୀବନୀ ଶକ୍ତି
ଶୋଷ ମେଣ୍ଟାଏ,ସ୍ଫୁର୍ତ୍ତି ଜଗାଏ
ପାଣିରେ ବିଷ ମିଶି
ଅନ୍ନ,ପରିବା,ଫଳ ବି ବିଷାକ୍ତ ହେଲାଣି।
ଏବେ ଏବେ ସୂର୍ଯ୍ୟଙ୍କ କିରଣରେ
ରୁଦ୍ର ରୂପ ସଭିଙ୍କୁ ଭୟଭୀତ କରୁଛି
ଧରିତ୍ରୀ ପୃଷ୍ଠରେ ମନୁଷ୍ୟକୁ
ରେଡ୍ ସିଗନାଲ ଦେଖାଉଛି।

ଘଡ଼ ଘଡ଼ ଶବ୍ଦରେ ଗଗନ କମ୍ପୁଛି
କଡ଼ କଡ଼ ଶବ୍ଦରେ ବିଜୁଳି ଚମକୁଛି
ସତରେ କଣ ମାଳିକା ବଚନ ସତ
ହେଉଛି ?


♥ବିସି-୭୪,ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨


## ସ୍ମୃତି
### ତେଜସ୍ୱିନୀ ପଣ୍ଡା



ସ୍ମୃତି କେବେ
ଶିଶିର ବୁନ୍ଦାରେ ଟୋପାଏ
ମୋତିର ଭ୍ରମିତ ଅନୁଭୂତି,
ସ୍ମୃତି କେବେ
ଜୀବନଗୀତିର ଅଛୁଆଁ ଭାବର
ଚିରନ୍ତନ ଅନୁଭୂତି।

ସ୍ମୃତି କେବେ
ଦୁଇହଳ ଆଖିର ଜ୍ୟୋତ୍ସ୍ନାବିଧୌତ
ପହିଲି ବାସ୍ନାର ରାତି,

ସ୍ମୃତି କେବେ
ନୀଳ ଲଫାପାରେ ପ୍ରଣୟ
ଅନୁଭବର ରାତି।

ସ୍ମୃତି କେବେ
ଭ୍ରମିତ ପକ୍ଷୀର ଆସନ୍ତା ଠିକଣାରେ

ଅପେକ୍ଷାରତ ଇତି,
ସ୍ମୃତି କେବେ
ଗାଁ ଶେଷାର୍ଦ୍ଧରେ ସଦା
ପ୍ରବାହିତ ଏକ ନଦୀ।

ସ୍ମୃତି କେବେ
ଝରାବଉଳର ରୂପେଲି
ତୃପ୍ତିର ସାଥୀ,
ସ୍ମୃତି କେବେ
ଝରୁନଥିବା ଲୁହର
ପାହିଆସୁଥିବା ରାତି।


♥ଜଗତସିଂହପୁର


## ବିଶ୍ୱାସର ଝଡ଼
### ଡକ୍ଟର ଲକ୍ଷ୍ମଣ ସାହୁ



ଏବେ ତମେ କୁହ
କୋଉ ବିଶ୍ୱାସ ନେଇ
ତମ ସହ କଥା ହେବି
କଥା ହେଲି ବୋଲି ତ
ବିଶ୍ୱାସର ଲକ୍ଷ୍ମଣ ରେଖା
ପାର କରି ଫାଙ୍କିଦେଲ
ଜାଣି ନାହଁ କିଛି ।

ଏବେ କାଠଗଡ଼ାରେ ମୁ
ସକ୍ରେଟିସ ଙ୍କ ଭଳି
ସତ୍ୟକୁ ଖୋଜୁଛି
ନା ଆଗକୁ ପାଦେ
ନା ପଛକୁ ବି ପାଦେ
ଫେରି ପାରୁଛି
ବିଚାରପତିଙ୍କ ଶେଷ ରାୟ
ଶୁଣିବାକୁ ଅପେକ୍ଷା କରିଛି ।

ଏଣିକି ଆଉ ଦୁଃଖ ନାହିଁ
ତମ ସହ କଥା ହେବାକୁ
ହୃଦୟର ଗୋପନକୁ
ଖୋଲି ଦେବାକୁ
ଫର୍ଦ୍ଦ ଫର୍ଦ୍ଦ ସଫେଦ କାଗଜ ପରି
ଦେଖାଇ ଦେବାକୁ ଥରେ
ମନର କଥାକୁ
ଆଉ ଥରେ ମୋ ବିଶ୍ୱାସପଣକୁ ।

ସତ ତମେ କହ ବା ନକହ
ଏମିତି କେମିତି ଘଟିଲା
ତମେ ଯଦି ଜାଣ କି ନଜାଣ
ମୁଁ କହିବି ଫାଶୀ ପଛେ ହେଉ
ସକ୍ରେଟିସଙ୍କ ଭଳି ବିଷପାନ କରି
ସତ ପଥରୁ କେମିତି ହଟିବି
ପ୍ରାର୍ଥନାରେ ଶିଖିଥିବା ଶବ୍ଦ
ସତ କହିବାକୁ କିଆଁ ଡରିବି ।

ସତରେ ସତ'ର ଯଦି ପୁଣ୍ୟ ଥାଏ
ନର୍କେ ନୁହେଁ ସ୍ୱର୍ଗ ଧାମେ
ଖୋଜିବି ତମକୁ ନିଶ୍ଚୟ
ମୋ ନିଃଶ୍ୱାସ ପ୍ରଶ୍ୱାସରେ ତମେ
ମୋ ମୁଦ୍ରିତ ନୟନରେ ତମେ
ତମେ ଖାଲି ତମେ ଯେ
ମୋ ହୃଦୟର ପଦ୍ମପାଦେ
ବିରାଜିତ ଈଶ୍ୱର ବି ହଟି ଯିବେ
ତମେ ହିଁ କେବଳ ଥିବ
ମୋ ଶେଷ ନିଃଶ୍ୱାସରେ ।


♥ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା- ୫୫
ମୋ: ୯୦୪୦ ୧୫୧୪୭୫




## ଫୁଲେଇ ପ୍ରିୟା
### କେଶବ ମେହେର

ଫୁଲ ବଗିଚାରେ ଘରଟିଏ ଅଛି
ଯାଇ ଦେଖିବ ତାପାଖକୁ
ମୋ ପ୍ରିୟ ରୁଷି ବସିଛି
ବୁଝେଇ ଆସ ତାକୁ।

ଫୁଲ ସାଥେ ରହି ପ୍ରିୟା ମୋ
ଫୁଲେଇ ଭାରି ହଉଛି
କିଛି ତ କହି ହଉନି
ରାଗ ରଷ ତାର ଏତେ ବଢିଛି
କିଛି ତ ଜାଣି ହଉନି
କିଛି ତ ଜାଣି ହଉନି।

ଫୁଲେଇ ଫୁଲସେ
ନାହିଁ ତା ରୁଷାର କିଛି କାରଣ
ନାହିଁ ତା ରୁଷାର କିଛି କାରଣ
କିଛି ନପଚାରି ପ୍ରେମର ବର୍ଷାରେ
ତାକୁ ତୁମେ ଭିଜେଇ ଆସ
ତାକୁ ତୁମେ ଭିଜେଇ ଆସ।

ରେ ମେଘ ତୁମେ କାହିଁ ଯାଉଛ
ହୋଇ ଏତେ କାତର
ମୋ ପ୍ରିୟା ରାଗି ନୁହେଁ
ତାକୁ ଭଲରେ ଯାଇ ବୁଝାଅ
ରୁଷି ବସିଛି ଥରୁଟେ ଯାଇ ତାକୁ ବୁଝାଅ
ପ୍ରେମର ବର୍ଷାରେ ତାକୁ ଭିଜେଇ ଆସ।


♥ବିକ୍ରମ ଦେବ
ବିଶ୍ୱବିଦ୍ୟାଳୟ, ଜୟପୁର
ମୋ : ୭୬୮୧୮୦୭୧୬୪


## ଅଭିଷେକ
### ସୁଜିତ କୁମାର ମିଶ୍ର



ବନ୍ୟା ଜଳ ପରି
ଆନନ୍ଦ ଉଠୁଛି ପଡୁଛି
ଉଭୟ ପାର୍ଶ୍ୱରୁ
ମତଦାନ ଗଲା ଉତ୍ତାରୁ ।

ରାଇଜରେ ଅଭିଷେକ ହେବ,
ତାରିଖ ନିର୍ଧାରଣ,
ମଞ୍ଚରୁ ନୀଳ ନିମନ୍ତ୍ରଣ,
ରଙ୍ଗୀନ ସ୍ୱପ୍ନର ଆଖି ଗୁଡାକ
ବଡବଡ କରି ପ୍ରତୀକ୍ଷାରେ
ଜନତା ଜନାର୍ଦ୍ଦନ,
ରାସ୍ତାରେ ଅଧା ଲଙ୍ଗଳା ଭିକାରୀଟି
କୁହାଟି କୁହାଟି କହୁଥିଲା
ମୁଁ କେଉଁ ଖୁସିରେ ଯିବି
ସେଇ ଅଭିଷେକସ୍ଥଳକୁ ସେଇଦିନ ।

ଅଭିଷେକ ପୂର୍ବରୁ
କଥାର ଚୋଟରେ

ଯୁଦ୍ଧର ବିଭିଷିକା ନା
ଶାନ୍ତିର କୁଞ୍ଜବନ,
ହିଂସାର ଅନଳ
ନା ଭାଇଚାରାର ପ୍ରୀତିଜଳ,
ତତଲା ଲହୁର ବର୍ଷାରେ
ଏ କଣ ରାମରାଜ୍ୟର କଳସ ସ୍ଥାପନ ?

ମନ ତଳେ
ବହଳ ଦ୍ୱନ୍ଦର ଛାଇ,
ଜୟ ପରାଜୟର ଅଙ୍କକଷାରେ
ଝରୁଛି ଝାଳ,
ବୈଶାଖର ତାତିଠୁ ରୋଚକ
କ୍ଷମତା ତାତିର ପଞ୍ଚବାର୍ଷିକ ଖେଳ,
ଶୁଖିବାକୁ ଆରମ୍ଭ କଲାଣି

ପ୍ରତିଶ୍ରୁତିର ନଈ,
ପୁରୁଣା ହେଉଛି ଧୀରେ ଧୀରେ
ପ୍ରେମର ବହି,
ଅଭିଷେକର ମଦିରା ନିଶାରେ
ଗଣତନ୍ତ୍ର ମୁହଁ ଫୁଲେଇଛି କେଜାଣି କାହିଁ ?

ଜନମତର ଲୁହରେ ଅବା ଦ୍ରୋହରେ
ଅଭିଷେକର ଦ୍ରାକ୍ଷାରସ,
ବାହାଘର ସରିଲେ
ବେଦୀ ମୁହଁ ପୋଡା ପରି
ଜନତା ହାୟ ଏଠି ଜଳନ୍ତି,
ଜାତୀୟ ରାଜପଥ ପରି
ଲମ୍ବୁଥାଏ ଅଭାବୀ ତ୍ରାସ ।

ଏଠି ଅଭିଷେକ
ବିକାଶର କୋଣାର୍କ
ନା ବିନାଶର ବଳିଧୂପ ?


♥ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨


## ମଧୁରେ...ମଧୁରେ... ସୁ-ନୟନା !
### ଡାଃ ମନୋରଞ୍ଜନ ଦାଶ



ମଧୁରେ ମଧୁରେ ସୁନୟନା ତା'ର ପ୍ରୀତିରେ ମଧୁ ବରଷେ
କୋଇଲିର କୁହୁ ସୁମଧୁର ସ୍ୱର ତା'ପରି ସେ କଥା ହୁଏ।

ପ୍ରୀତି ଅନୁରାଗେ ପାଗଳିନୀ ସିଏ ମଧୁଶାଳା ଯେ ମୋ ପାଇଁ
ଅଭିମାନୀ ସିଏ ଅଭିମାନ କଲେ ସୁନ୍ଦରୀ ପରି ଲାଗଇ
ଜାଣି ପାରେନି,ତା ପ୍ରୀତି ପାଇଁ ପାଗଳ କାହିଁକି ମୁଁ ଯେ ହୁଏ ।
ହଜିଚି ମୁଁ ତା ପ୍ରୀତି ପ୍ରଣୟରେ ମନରେ ନାହିଁ ଯେ ଭୀତି
ଜୋଛନା ରାତିରେ କଥାରେ କଥାରେ ପାହିଯିବ ଆମ ରାତି
ଆଖିରେ ମୋ ନିଦ ନାହିଁ, ସ୍ୱପ୍ନରେ ମୁଁ ତାକୁ ଖୋଜି ହେଉଥାଏ।


♥ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ ଜି: କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨


## ସମ୍ପର୍କର ବାସ୍ତବତା
### ଅନସୂୟା ପଣ୍ଡା



ଚିକ୍ ଚିକ୍ ଆଲୁଅର ମଖମଲି ସଂସାର
ମୋହର ଆତୁର ପଣରେ
ପ୍ରାପ୍ତି ପ୍ରତିଶ୍ରୁତିର ଉଚ୍ଚସ୍ୱର
ପ୍ରତିଷ୍ଠାର ତୃଷ୍ଣାରେ
ଲଟପଟ ମନର ସହର।

ଜାଙ୍ଗମିକ ଦୁନିଆରେ ବିଳାସ ଆସର
ନାଲି କାର୍ପେଟରେ ଉତୁରିବାର ମୋହ
ଦଳିଚକଟି ହାତେଇ ନେବାର ପଣ
ଶୋଷିଶୋଷି ଉଭିଦେଇବାର କଳାରେ

ଅଧାରୁ ଅଧିକ ବାସ୍ତବରେ ପାରଙ୍ଗମ।

କଥାରେ କବିତାରେ ଶ୍ରବଣ କୁମାର
କାମରେ ଶୃଙ୍ଖଳା ଭାବ ଶୁଭେ ଠଣ ଠଣ
ସମ୍ପର୍କର ସଜ୍ଞା ନ ଜାଣି ଡିଣ୍ଡିମ ପିଟନ୍ତି

ସମ୍ପର୍କର ଚନ୍ଦ୍ରୋପଳ ଗଢିବାରେ ନିପୁଣ
ଏମିତି ଚକ୍ରବ୍ୟୁହରେ ଅପ୍ରସ୍ତୁତ
ଜୀବନ ଲାଗେ ମହଣ ମହଣ।

କେଉଁଠି କାହାକୁ ଖୋଜିବ
ଅବିଶ୍ୱାସର ଧାରାରେ ଦୁଇମୁଣ୍ଡିଆ ମଣିଷ
ବିକୃତ ମାନସିକତାରେ ସମସ୍ତେ
ଆପଣାର ସ୍ୱାର୍ଥରେ ମସଗୁଲ
ସମ୍ପର୍କର ମାୟାବୀ ମୋହରେ
ଛଟପଟ ଅଳ୍ପାୟୁ ଜୀବନ।


♥ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

# ରାଜଧାନୀ ରାସ୍ତାରେ ଲାଗିବ ସ୍ପାଇକ୍ ବ୍ୟାରିଅର: ଖସିପାରିବନି ଅମାନିଆଙ୍କ ବାଇକ୍



ଭୁବନେଶ୍ୱର, ୩/୬ (ନି.ପ୍ର): ଏଣିକି ରାଜଧାନୀ ରାଜରାସ୍ତାରେ ବିଭିନ୍ନ ଟ୍ରାଫିକ୍ ଛକରେ ଲାଗିବ ସ୍ପାଇକ୍ ବ୍ୟାରିଅର। ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଚଳକୁ ରୋକିବା ସହ ଅମାନିଆଙ୍କ ଗାଡ଼ିକୁ ଅଟକାଇବା ଲାଗି କମିସନରେଟ୍ ପୁଲିସ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। ବ୍ଲକିଂ ଚେକିଂ ବେଳେ ପୁଲିସ ଆଗରୁ ଚମ୍ପଟ ମାରୁଥିବା ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସହଜରେ ଧରି ସାବାଡ଼ କରିବାକୁ ପୁଲିସ ଏହି ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରୁଛି ବୋଲି ପୁଲିସ କମିସନର ସଞ୍ଜୀବ ପଣ୍ଡା କହିଛନ୍ତି। ରାଜଧାନୀରେ ସଡ଼କ ଦୁର୍ଘଟଣା ଏବେ ଚିନ୍ତାଜନକ ସ୍ଥିତିରେ। କମିସନରେଟ୍ ପୁଲିସର ବହୁ ଯୋଜନା ପରେ ବି ଅମାନିଆ ଗାଡ଼ିଚାଳକଙ୍କ ଦୌରାତ୍ମ୍ୟ ଥମିବା ନାଁ ଧରୁନାହିଁ। ମଦ୍ୟପାନ କରି ଗାଡ଼ି ଚଳାଇବା, ମୋବାଇଲ୍‌ରେ ଗପିଗପି ଗାଡ଼ି ଚଳାଇବା ଓ ରଙ୍ଗ୍ ରୁଟ୍‌ରେ ବେପରୁଆ ଗାଡ଼ି ଚାଳନା ବନ୍ଦ ହୋଇପାରୁନାହିଁ। ନିୟମିତ ରାତିରେ ବିଭିନ୍ନ ଥାନା ପୁଲିସ ପକ୍ଷରୁ ବ୍ଲକିଂ ଚେକିଂ ଚାଲିଥିଲେ ବି ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିହେଉନାହିଁ। ଗତ ଦୁଇ ଦିନ ତଳେ ଓମ୍‌ଫେଡ୍ ଛକରେ ବ୍ଲକିଂ ଚାଲିଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ ବ୍ୟାରିକେଡ୍‌କୁ ଧକ୍କା ଦେବା ସହ ପୁଲିସ କର୍ମଚାରୀଙ୍କ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରି ଖସିଯାଇଥିଲା। ସୌଭାଗ୍ୟକୁ ୨ ପୁଲିସ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ପୁଲିସ କଣ୍ଟ୍ରୋଲ୍ ରୁମ୍ ସହଯୋଗରେ ବଡ଼ଗଡ଼ ଥାନା ପିସିଆର ଉକ୍ତ ଗାଡ଼ିକୁ ସାମନ୍ତରାପୁର ଛକରେ ଅଟକାଇଥିଲା। ସେହିଭଳି ବହୁ ସମୟରେ ମଦ୍ୟପାନ କରି ଦ୍ରୁତବେଗରେ ଥିବା ବାଇକ୍ ବା ଅନ୍ୟ ଗାଡ଼ିକୁ ଅଟକାଇବା ପୂର୍ବରୁ ଚାଳକମାନେ ଗାଡ଼ି ବୁଲାଇ ରଙ୍ଗ୍ ରୁଟ୍‌ରେ ପଛକୁ ପଳାଉଛନ୍ତି। ଏହାଦ୍ୱାରା ବେଳେବେଳେ ସେମାନେ ଅନ୍ୟକୁ ଧକ୍କା ଦେଉଛନ୍ତି ଏବଂ ବେଳେବେଳେ ନିଜେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏଭଳି ଅଘଟଣକୁ ରୋକିବାକୁ ସ୍ପାଇକ୍ ବ୍ୟାରିଅର ଉପଯୁକ୍ତ ହେବ। ସ୍ପାଇକ୍ ବ୍ୟାରିଅର ହାଇକ୍ୱାଲିଟି ଷ୍ଟିଲ୍‌ରେ ଗଠିତ। ଏହାର ଡିଜାଇନ୍ ଏମିତି ହୋଇଥାଏ ଯେ ବାଇକ୍ ହେଉ କି ଭାରୀଯାନ କେହି ବି ତାହାକୁ ଅତିକ୍ରମ କରି ଆଗକୁ ଯାଇପାରିବ ନାହିଁ। ଏହାକୁ ଉଭୟ ସ୍ଥାୟୀ ଓ ଅସ୍ଥାୟୀ ଭାବେ ରାସ୍ତାରେ ଫିଟ୍ କରାଯାଇପାରିବ। କେବଳ ବ୍ଲକିଂ ଚେକିଂ ନୁହେଁ, ଟ୍ରାଫିକ୍ ନିୟମ ସହିତ ସମସ୍ତଙ୍କୁ ଅଭ୍ୟସ୍ତ କରାଇବାକୁ ଏହି ବ୍ୟବସ୍ଥା ବେଶ୍ ସଫଳ ହେବ ବୋଲି କମିସନରେଟ୍ ପୁଲିସ ଆଶାବାଦୀ ରହିଛି।

# ତିନି ପାହାଡ଼, ଜଙ୍ଗଲ ଓ ନାଳ ପାର ହେଲେ ଗାଁ: ଦୁର୍ଗମ ଉପରପଣସନସାର ବାସ୍ତବ ଚିତ୍ର



କେନ୍ଦୁଝର, ୩/୬ (ନି.ପ୍ର):, ୩/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କୁଅଁର ପଞ୍ଚାୟତର ଉପରପଣସନସା। ଏହି ଗାଁର ବାସ୍ତବ ଚିତ୍ର ଦେଖିଲେ ଯେ କୌଣସି ଲୋକଙ୍କ ମନରେ ଆପେଆପେ ପ୍ରଶ୍ନ ଉଙ୍କିମାରିବ, କ'ଣ ଏମିତି ବି ଗାଁ ଅଛି ? ଯେଉଁ ଗାଁକୁ ପହଞ୍ଚିବା ପାଇଁ ତିନି ପାହାଡ଼, ଜଙ୍ଗଲ, ନାଳ ପାର ହେବାକୁ ପଡୁଛି ? ବଣପାହାଡ଼ ଘେରା ଉପରପଣସନସା ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଲୋକସଂଖ୍ୟା ପ୍ରାୟ ୩୦୦। ସମସ୍ତ ପରିବାର ଆଦିବାସୀ ଜୁଆଙ୍ଗ ଜନଜାତିର ଅଟନ୍ତି। ଆଦିବାସୀଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଗ୍ରାମବାସୀ ଏସବୁ ସୁବିଧାସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଗମନାଗମନକୁ ବିକାଶର ଜନନୀ ବୋଲି କୁହାଯାଏ। କିନ୍ତୁ ଗାଁକୁ ରାସ୍ତା ଖଣ୍ଡେ ନାହିଁ। ତିନିଟି ପାହାଡ଼ ଓ ନାଳ ସହ ଜଙ୍ଗଲ ଅତିକ୍ରମ କଲେ ଯାଇ ଗାଁକୁ ଯାଇହେବ। ଏହି ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଛି। ବିଦ୍ୟାଳୟର ଶ୍ରେଣୀଗୃହ ନାହିଁ। ଛାତ୍ରଛାତ୍ରୀ ଗାଁର ମଣ୍ଡଘରେ ବସି ପାଠ ପଢୁଛନ୍ତି। ପଞ୍ଚମ ଶ୍ରେଣୀ ପରେ ଏଠାରେ ପାଠପଢ଼ା ବ୍ୟବସ୍ଥା ନାହିଁ। ତେଣୁ ଷଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ଜଙ୍ଗଲିଆ ରାସ୍ତାରେ ପ୍ରାୟ ୧୦ କିମି ଚାଲିଚାଲି ଆସିବାକୁ ପଡ଼ିଥାଏ। ଏହି କାରଣରୁ ଗାଁରେ ମାତ୍ର ଜଣେ ଯୁବକଙ୍କୁ ଛାଡ଼ିଦେଲେ ଅନ୍ୟ କେହି ମାଟ୍ରିକ ପାସ୍ କରି ନାହାନ୍ତି। ଗମନାଗମନ ବ୍ୟବସ୍ଥା ନଥିବାରୁ ଏଠାରେ କୌଣସି ହିତାଧିକାରୀ ଆବାସ ଯୋଜନାରେ ଘର କାମ ସଂପୂର୍ଣ୍ଣ କରିପାରି ନାହାନ୍ତି। ସେହିପରି ଗାଁରେ ବିଜୁଳି ନାହିଁ କି ପାନୀୟଜଳ ବ୍ୟବସ୍ଥା ନାହିଁ। ବିଜୁଳି ନଥିବାରୁ ପ୍ରଶାସନ ପକ୍ଷରୁ ସେ ?ର ଆଲୋକ ବ୍ୟବସ୍ଥା କରାଯାଇଛି। ସେହିପରି ପାନୀୟଜଳ ବ୍ୟବସ୍ଥା ନଥିବାରୁ ଏଠାକାର ଲୋକେ ଝରଣା ଓ ଖୋଲାକୂଅରୁ ପାଣି ସଂଗ୍ରହ କରି ବ୍ୟବହାର କରିଥାନ୍ତି। ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ ହୋଇ ରହିଛି। ଗାଁର କୌଣସି ଲୋକ ଅସୁସ୍ଥ ହେଲେ ତାଙ୍କୁ ଭାରରେ ବୋହି ନେବାକୁ ପଡ଼ିଥାଏ। ୧୦ କିମି ଭାରରେ ବୋହିବା ପରେ କାଞ୍ଚିପାଣି ଘାଟିରୁ ଗାଡ଼ିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥାଏ। ଉପରପଣସନସା ଗାଁର ଶତ୍ରୁଘ୍ନ ଜୁଆଙ୍ଗ କହିଛନ୍ତି, ଗାଁକୁ ସବୁଦିନିଆ ରାସ୍ତା ହୋଇଗଲେ ଅନେକ ବିକାଶମୂଳକ କାମ ହୋଇପାରନ୍ତା। ରାସ୍ତା ନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଶତ୍ରୁଘ୍ନ କହିଛନ୍ତି।

## ନନ୍ଦପଡ଼ା ଶୀତଳଷଷ୍ଠୀ କମିଟି ଗଠିତ

ସମ୍ବଲପୁର, ୩/୬ (ନି.ପ୍ର): ସମ୍ବଲପୁରର ସର୍ବପୁରାତନ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରାର ସଫଳ ଆୟୋଜନ ପାଇଁ ଚଳିତ ବର୍ଷର ନୂତନ କମିଟି ଗଠନ ହୋଇଯାଇଛି। ବଂ ବଂ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଗଠିତ ନୂତନ କମିଟିରେ ସଭାପତି ରୂପେ ସର୍ବସମ୍ମତି କ୍ରମେ ଫଣୀ ଭୂଷଣ ମିଶ୍ର, ଉପ ସଭାପତି ବିଷ୍ଣୁ ପ୍ରସାଦ ପାଢ଼ୀ ଓ ଆଶିଷ ବାବୁ, ସମ୍ପାଦକ ରୂପେ ପ୍ରଭୂଦତ ପଣ୍ଡା ଓ ରାଜୀବ ମାଝୀ ମନୋନିତ ହୋଇଛନ୍ତି। ଭୂବନ ମୋହନ ମିଶ୍ର କୋଷାଧକ୍ଷ, ଆଭାଷିଶ ମିଶ୍ର ସହ କୋଷାଧକ୍ଷ ଓ ରାଜା ପାଢ଼ୀ ସୁଶ୍ରୀତ ମିଶ୍ର ଓ ବିରାଜ କୁମାର ମିଶ୍ର ଙ୍କୁ ଗଣମାଧମ ପ୍ରଭାରୀ ଦାୟିତ୍ ଅର୍ପଣ କରାଯାଇଛି। ସେହିଭଳି ଉପଦେଷ୍ଟା ମଣ୍ଡଳୀରେ ଗୋଲକ ବିହାରୀ ମିଶ୍ର, ସୁରେଶ୍ୱର ମିଶ୍ର, ଅମୂଲ୍ୟ ମିଶ୍ର, ଚକ୍ରଧର ମିଶ୍ର, ପ୍ରଫୁଲ୍ଲ ହୋତା, ସନ୍ତୋଷ ମିଶ୍ର, ସଞ୍ଜୀବ ଗୁରୁ, ପ୍ରଶାନ୍ତ ବରେଇ, ଆଶିଷ ବରେଇ, ସମୀର ରଞ୍ଜନ ବାବୁ, ଗୋପାଳ ପୃଷେଠ, ଦିଲୀପ କୁଅଁର, ଶିବ ମିଶ୍ର ଓ ସଞ୍ଜୀବ ନନ୍ଦ ପ୍ରମୁଖ ରହିଥିବା ଜଣାଯାଇଛି।

# ସୁବର୍ଣ୍ଣପୁର ଜିଲ୍ଲାରେ ନାହିଁ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ: ଅନ୍ୟ ଜିଲ୍ଲାର ୩ଟି ଡିଭିଜନ ଅଧୀନରେ ଅଛି ୧୧ ରେଞ୍ଜ

## ବଢୁଛି ହରିଲୁଟ, ତୋଳାଳିଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି



ସୋନପୁର, ୩/୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ୧୧ଟି କେନ୍ଦୁପତ୍ର ରେଞ୍ଜ ରହିଛି। ପ୍ରତିବର୍ଷ ଜିଲ୍ଲାର କେନ୍ଦୁପତ୍ରରୁ ୮କୋଟିରୁ ଅଧିକ ଟଙ୍କାର ରାଜସ୍ୱ ଆଦାୟ ହୋଇଥାଏ। ଜିଲ୍ଲାର କେନ୍ଦୁପତ୍ରର ଚାହିଦା ମଧ ଅଧିକ। ଜିଲ୍ଲା ଗଠନକୁ ଇତିମଧରେ ୩୧ ବର୍ଷ ବିତିଯାଇଥିଲେ ହେଁ ଏଠାରେ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ଖୋଲାଯାଇ ନାହିଁ। ଫଳରେ, ଏଠାରେ କେନ୍ଦୁପତ୍ରରୁ ହରିଲୁଟ୍ ବଢ଼ିବାରେ ଲାଗିଛି। ଜିଲ୍ଲାରେ ୧୧ଟି କେନ୍ଦୁପତ୍ର ରେଞ୍ଜ ଥିବାବେଳେ ଏହି ରେଞ୍ଜଗୁଡ଼ିକ ତିନିଟି ପୃଥକ୍ ପୃଥକ୍ ଡିଭିଜନ ଅଧୀନରେ ରହିଛି। ଏହି ଜିଲ୍ଲାର ସିଙ୍ଗବାହାଲି, ଖଲିଆପାଲି, ତରଭା, ବୁରମୁଣ୍ଡା, ବିନିକା ଆଦି କେନ୍ଦୁପତ୍ର ରେଞ୍ଜ ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ ଅଧୀନରେ ଥିବାବେଳେ ଅମରପାଲି, ଖଣ୍ଡହତା, ସିଣ୍ଡୋଲ, ବିଦୁରପାଲି ଆଦି ରେଞ୍ଜ ରହିଛି ସମ୍ବଲପୁର ଡିଭିଜନ ଅଧୀନରେ। ସେହିପରି ବୀରମହାରାଜପୁର, ସୁବଳୟା ଆଦି ରେଞ୍ଜ ରହିଛି ରେଢ଼ାଖୋଲ ଡିଭିଜନ ଅଧୀନରେ। ଜିଲ୍ଲାରେ ପ୍ରତିବର୍ଷ ୫୦ହଜାରରୁ ଅଧିକ ପୁରୁଷ ଓ ମହିଳା କେନ୍ଦୁପତ୍ର ଗୋଛା କାଟିବା ଏବଂ ତୋଳିବା କମରେ ସାମୟିକ ନିଯୁକ୍ତି ପାଇଥାନ୍ତି। ଏମାନେ ତିନିଟି ପୃଥକ୍ ପୃଥକ୍ ଡିଭିଜନରେ କାମ କରୁଥିବାରୁ ଏମାନଙ୍କ ମଧରେ ସମନ୍ୱୟ ରହିପାରେନାହିଁ। ଫଳରେ ବିଭିନ୍ନ ସମୟରେ ଏମାନେ ଅଧିକାରୀଙ୍କଠାରୁ ଆରମ୍ଭ କରି ତଳ କର୍ମଚାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଲେ ମଧ ସ୍ୱର ଠିକ ଭାବରେ ଉପରକୁ ପହଞ୍ଚିପାରେ ନାହିଁ। ଗୋଛାକଟାଠାରୁ ଆରମ୍ଭ କରି ପତ୍ରତୋଳା, ଶୁଖାଇବା ଆଦି ସବୁଥିରେ ଚାଲିଛି ତଞ୍ଚକତା। ତୋଳାଳିଙ୍କ ହକ୍‌ରୁ ଚାଲିଛି ହରିଲୁଟ୍। ସେହିପରି ୧୧ଟି ରେଞ୍ଜ ଅଧୀନରେ ଫଡ଼ିଘର ମରାମତି ଏବଂ ନିର୍ମାଣ ନାମରେ ବି ହରିଲୁଟ୍ ହେଉଥିବା ଅଭିଯୋଗରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବିଗତ ୧୦ ବର୍ଷ ମଧରେ ୫ କୋଟିରୁ ଅଧିକ ଟଙ୍କା ଫଡ଼ିଘର ମରାମତି ଏବଂ ନିର୍ମାଣ ନାମରେ ଖର୍ଚ୍ଚ ହୋଇଛି। ଜିଲ୍ଲାରେ କେତେକ ସ୍ଥାନରେ ବେସରକାରୀ ଜାଗାରେ ମଧ ଫଡ଼ିଘର କରାଯାଇଛି। ତେବେ ଜିଲ୍ଲାରେ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ନଥିବାରୁ ବିଭିନ୍ନ ରେଞ୍ଜରେ ଫଡ଼ିଘର ନିର୍ମାଣ ଏବଂ ମରାମତି ନାମରେ ତଞ୍ଚକତା କରାଯାଉଥିବା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏଣୁ କେନ୍ଦୁପତ୍ର ଶ୍ରମିକଙ୍କ ମଙ୍ଗଳ ପାଇଁ ତଥା ଜିଲ୍ଲାରେ ହେଉଥିବା କେନ୍ଦୁପତ୍ରରୁ ଲୁଟ୍ ରୋକିବା ପାଇଁ ଜିଲ୍ଲାରେ ଶୀଘ୍ର କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ବରକାନୀ ପାଖରେ ରାସ୍ତାରେ ଡକାୟତି

ବଲାଙ୍ଗିର, ୩/୬ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନଭାଟି ପାଖ ବରକାନୀ ପାଖରେ ଗତ ରାତି ପ୍ରାୟ ୧୦ଟା ସମୟରେ ଏକ ଡକାୟତି ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ସଦାଇପାଲି ନିବାସୀ ଛବିଚନ୍ଦ୍ର ପଟେଲ ନିଜ ପୁଅଙ୍କ ସହ ଜଣେ ସଂପର୍କୀୟଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗ ଦେବା ପାଇଁ କୁଶଙ୍ଗ ପାଖ ବଂଜାରୀ ଗାଁକୁ ଯାଇ ଫେରୁଥିବା ବେଳେ ଘଟିଛି ଏଭଳି ଅମାନବୀୟ ଘଟଣା । ଏକ ସ୍କୁଟି ସାହାଯ୍ୟରେ ଛବିଚନ୍ଦ୍ର ନିଜ ପୁଅଙ୍କ ସହ ଆସୁଥିବା ବେଳେ ଦୁର୍ବୃତ୍ତମାନେ ବରକାନୀ ପାଖରେ ପଛପଟୁ ତାଙ୍କୁ ଠେଙ୍ଗାରେ ପ୍ରହାର କରିଥିଲେ । ବାପପୁଅ ଭାରସାମ୍ୟ ହରାଇ ସ୍କୁଟିରୁ ଛିଟିକି ପଡ଼ିବା ପରେ ଦୁର୍ବୃତ୍ତମାନେ ତାଙ୍କ ପାଖରୁ ମୋବାଇଲ ଫୋନ୍, ପର୍ସ ଆଦି ଛଡାଇ ଫେରାର୍ ହୋଇଯାଇଥିଲେ । ୫ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଏଭଳି କାଣ୍ଡ ଘଟାଇଥିବା କୁହାଯାଇଛି । ସୂଚନା ପାଇ ଚନ୍ଦନଭାଟି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚିଥିବା ବେଳେ ଆହତ ଛବିଚନ୍ଦ୍ରଙ୍କୁ ତୁରନ୍ତ ଭୀମଭୋଇ ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍କୁ ଚିକିତ୍ସା ପାଇଁ ପଠାଇଥିଲେ । ଛବିଚନ୍ଦ୍ରଙ୍କ ସାନଭାଇଙ୍କ ପୁଅ ରାମ ପଟେଲ କହିଛନ୍ତି ଯେ, ବଲାଙ୍ଗିର ସହରରୁ ଚନ୍ଦନଭାଟିକୁ ଯିବା ରାସ୍ତାରେ ଲଗାତାର ଏଭଳି ଘଟଣା ଘଟୁଥିବା ବେଳେ ଏହି ରାସ୍ତାରେ ନିଛାଟିଆ ସମୟରେ ଯିବା ଆସିବା କରୁଥିବା ନିରୀହ ଲୋକଙ୍କ ଧନ ଜୀବନ ଅସୁରକ୍ଷିତ ହୋଇପଡ଼ିଛି । ଏ ଦିଗରେ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ରାମପଟେଲଓ ଅଂଚଳବାସୀ ଦାବି କରିଛନ୍ତି ।

# ସ୍ୱପ୍ନରେ ରହିଯିବ ସ୍ୱପ୍ନର ପ୍ରକଳ୍ପ: ଦେଢ଼ ବର୍ଷରେ ସାରିପାରିଲେନି ଦେଢ଼କୋଟି ଟଙ୍କା

ଭୁବନ, ୩/୬ (ନି.ପ୍ର): ସଫେଇ ହୋଇଥାନ୍ତା ରଗଡ଼ି ନାଳ। ଜଳ ସଂରକ୍ଷଣ ସାଙ୍ଗକୁ ହୋଇଥାନ୍ତା ବୋଟିଂ କମ୍ପ୍ଲେକ୍ସ। ଭୁବନ ଏନ୍‌ଏସି ଅଧୀନରେ ଥିବା ରଗଡ଼ି ନାଳର ପୁନରୁଦ୍ଧାର ପାଇଁ ଦେଢ଼ ବର୍ଷ ହେଲା ଯୋଜନା ଚାଲିଛି ଯେ ଚାଲିଛି। ବର୍ତ୍ତମାନ ସୁଦ୍ଧା ନା ନାଳର ପୁନରୁଦ୍ଧାର ହୋଇପାରିଲା ନା ଉନ୍ନୟନମୂଳକ କାର୍ଯ୍ୟ ସମାପ୍ତ ହେଲା। ବରଂ କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ୨୦୨୩ ଏପ୍ରିଲ ୧୨ ତାରିଖ। ରଗଡ଼ି ନାଳର ପୁନରୁଦ୍ଧାର ପାଇଁ ଶୁଭ ଦିଆଗଲା। ମନ୍ତ୍ରୀ ପ୍ରଫୁଲ ମଲ୍ଲିକ, ସାଂସଦ ମହେଶ ସାହୁ, ନଗରପାଳ ଶୁଭେନ୍ଦୁ ସାହୁ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ପ୍ରକଳ୍ପର ଶିଳାନ୍ୟାସ ହେଲା। ବିରାଟ ଜଳାଶୟ ରଗଡ଼ି ନାଳ ମରିଯିବା ପୂର୍ବରୁ ପୁନର୍ଜନ୍ମ ପାଇବ ବୋଲି ଅତିଥିମାନେ କହିଥିଲେ। ଜଳ ସଂରକ୍ଷଣ ଓ ବୋଟିଂ କମ୍ପ୍ଲେକ୍ସ ହେଲେ ସ୍ଥାନୀୟ ଲୋକେ ଉପକୃତ ହେବେ ବୋଲି ସୁନେଲି ସ୍ୱପ୍ନ ଦେଖାଇଥିଲେ। ଲୋକେ ବି ସେଇ ଆଶାରେ ଭାସିଗଲେ। କିନ୍ତୁ ଦେଢ଼ ବର୍ଷ ପରେ ବି ବଦଳିପାରିନି ଚିତ୍ର। 'ଯଥା ପୂର୍ବଂ ତଥା ପରଂ' ଭାବେ ରଗଡ଼ି ନାଳ ସେମିତି ରହିଛି। ବୋଟିଂ କମ୍ପ୍ଲେକ୍ସ ତ ଦୂରର କଥା ଦେଢ଼ ବର୍ଷ ଭିତରେ ରଗଡ଼ି ନାଳରୁ ଦଳ କଢ଼ା ସରିପାରିଲା ନାହିଁ। ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଯୁଆଡ଼େ ଚାହିଁଲେ ନାଗଦଳ ଆଁ କରି ଚାହିଁଛି। ଦୀର୍ଘଦିନ ତଳେ ଏହି ଦଳ ସଫା ହୋଇଥିଲେ ବି ଏବେ ତାହା ପୂର୍ବଠାରୁ ଅଧିକ ମାଡ଼ି ଗଲାଣି। ଯାହାକୁ ସଫା କରିବା ଏବେ କାଠିକର ପାଠ ହୋଇଛି। ପ୍ରକଳ୍ପ ଶିଳାନ୍ୟାସକୁ ୧୫ ମାସରୁ ଅଧିକ ଦିନ ହୋଇଗଲାଣି। କିନ୍ତୁ ଏହି ପ୍ରକଳ୍ପ ପାଇଁ ଆସିଥିବା ଦେଢ଼ କୋଟି ଟଙ୍କା ଏମ୍‌ଆଇ ବିଭାଗର ଖର୍ଚ୍ଚ କରିପାରିନଥିବା ଜଣାପଡ଼ିଛି। ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ଉକ୍ତ ନାଳ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଆନିକଟ୍ ନିର୍ମାଣ ହୋଇଛି। କିନ୍ତୁ ପୋଲ ତଳେ ଆନିକଟ୍ ଭାଙ୍ଗିରୁଜି ଗଲାଣି। ବ୍ୟକ୍ତିଗତ ଜମି ରହୁଥିବାରୁ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ବିବାଦ ଅଧିକ ବାଟ ଯିବା ପୂର୍ବରୁ ପ୍ରଶାସନ ତାହାକୁ ସମାଧାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଘରୋଇ ଜମିଥିବା ମାଲିକଙ୍କ ସହ ଆଲୋଚନା କରି ପ୍ରକଳ୍ପ କାମ ଆଗେଇବାକୁ କଥା ହୋଇଥିଲା। ହେଲେ ତାହା କେତେ ବାଟ ଆଗେଇଲା ସେ କଥା କେହି କହିପାରୁନାହାନ୍ତି। ଅନ୍ୟପଟେ ଏ ନେଇ ରଗଡ଼ି ଛକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର କମିଟିର କିଛି ସଦସ୍ୟଙ୍କ ପକ୍ଷରୁ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଙ୍କୁ ଲିଖିତ ଅଭିଯୋଗ ହୋଇଛି। ପ୍ରକଳ୍ପ ପାଇଁ ମଂଜୁର ଟଙ୍କାକୁ ଅବିଳମ୍ବେ ଖର୍ଚ୍ଚ କରିବା ପାଇଁ ସେମାନେ ଦାବି କରିଛନ୍ତି। ବିବାଦ ବଢ଼ିବା ପୂର୍ବରୁ ଆଲୋଚନା ଭିତ୍ତିରେ ପ୍ରକଳ୍ପ ସାରିବାକୁ କମିଟି ସଦସ୍ୟ ସୁନାକର ବେହେରା କହିଛନ୍ତି। ସେହିପରି ରଗଡ଼ି ନାଳ ଭୁବନର ଜୀବନରେଖା। ଅତୀତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବି ଚାଷୀ ଏଥିରୁ ଉପକୃତ ହେଉନଥିବା ଭୁବନ କୃଷକ ବିକାଶ ପରିଷଦ ସମ୍ପାଦକ ରଥ ସେଠୀ ଅଭିଯୋଗ ଆଣିଛନ୍ତି। ଏହି ନାଳରେ ୪ଟି ଉଠା ଜଳସେଚନ ପ୍ରକଳ୍ପ ପଏଣ୍ଟ ହୋଇଥିଲାବେଳେ ଜଳସ୍ରୋତ ପ୍ରବାହିତ ହେବାରୁ ତାହା କାମ କରୁନଥିବା ସେ କହିଛନ୍ତି। ତେବେ ପ୍ରକଳ୍ପ ଦାୟିତ୍ୱରେ ଥିବା ଦିଲୀପ କୁମାର ଦାସଙ୍କୁ ପଚାରିବାରେ, ଉକ୍ତ ପ୍ରକଳ୍ପ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ଓ ବିବାଦୀୟ ଜମି ଏଥିରେ ପ୍ରତିବନ୍ଧକ ସାଜିଥିବା କହିଛନ୍ତି। ବୁଢେଶ୍ୱରଠାରୁ ରଗଡ଼ି ପର୍ଯ୍ୟନ୍ତ ଆଉ ଦେଢ଼ କୋଟି ପାଇଁ କୃଷକ ସମାଜ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବା ସେ କହିଥିଲେ।

# ବେଦାନ୍ତ ଲାଞ୍ଜିଗଡ଼ ଓଡ଼ିଶାର ଗ୍ରାମାଞ୍ଚଳରେ ନୂଆ ଜୀବିକା ପ୍ରକଳ୍ପର ଶୁଭାରମ୍ଭ କରିଛି, ପ୍ରକଳ୍ପ ଜରିଆରେ ଆଗାମୀ ୫ ବର୍ଷରେ ୨୦,୦୦୦ ଲୋକଙ୍କୁ ସ୍ଥାୟୀ ଜୀବିକା ପ୍ରଦାନ କରିବ

ଲାଞ୍ଜିଗଡ଼, ୩/୬ (ନି.ପ୍ର): ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲାଞ୍ଜିଗଡ଼, ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡର ଆଲୁମିନିୟମ ନିର୍ମାତା ନିକଟରେ ସଙ୍ଗମ: ଜୀବନ ପ୍ରକୃତି ଓ ସଂସ୍କୃତିକା ଏକ ମିଳନ ପ୍ରକଳ୍ପ ଶୁଭାରମ୍ଭ କରିଛି । ଏହା ଜଳବାୟୁ ସ୍ଥିର ବିକାଶ ମାଧମରେ ଗ୍ରାମୀଣ ଚାଷୀଙ୍କୁ ସହାୟତା କରିବାକୁ ଲକ୍ଷ୍ୟ ରଖିଛି ଓ ଏହି ପ୍ରକଳ୍ପ ୪୦ଟିରୁ ଅଧିକ ଗାଁରେ ଗଠନ ଓ ୫୦୦ରୁ ଅଧିକ ହୀତାଧିକାରୀ ଉପକୃତହୋଇଛନ୍ତି । କଳାହାଣ୍ଡି ମୁଖ୍ୟତଃ ଏକ କୃଷିଅଞ୍ଚଳ ଓ ଏଠାରେ ସୀମିତ ଜୀବିକା ସୁଯୋଗ ରହିଛି । ଏଠାରେ ମଧ କମ୍ ବୃଷ୍ଟିପାତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ସଙ୍ଗମକୁ ପ୍ରାକୃତିକ ସମ୍ପଦ ପରିଚାଳନା ଓ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ସହ ଏକୀଭୂତ କରି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶକୁ ବୃଦ୍ଧି କରିବା ପାଇଁ ବ୍ୟାପକ ରୋଡମ୍ୟାପ ଗଠନ କରାଯାଇଛି । କୃଷକ ଉତ୍ପାଦକ କଂମ୍ପାନି (ଏଫପିସି)ର ଏହି ହସ୍ତକ୍ଷେପ ମଧରେ କ୍ଷୁଦ୍ରଚାଷୀମାନଙ୍କର ଏକ ଫେଡେରେସନ ଜରିଆରେ ସ୍ଥାୟୀ ଓ ଲାଭଜନକ ଅଣକୃଷିଭିତିକ କାର୍ଯ୍ୟକଳାପରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ । କେବଳ ମହିଳା କୃଷକମାନେ ମହୁମାଛି ପରି ଉଦ୍ୟୋଗ କରିସାରିଛନ୍ତି । କ୍ରମାଗତ ଉତ୍ପାଦନ ଓ ଅମଳର ସର୍ବାଧିକସ୍ତର ହାସଲ କରିବାକୁ ବିଭିନ୍ନ କୃଷି ଅଭ୍ୟାସ ନିୟୋଜିତ କରିବାକୁ ହେବ । ଫସଲକୁ ସମର୍ଥନ କରିବା ଲାଗି ବିଭିନ୍ନ ଉପାୟ ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯିବ । କୃଷକମାନେ କିପରି ଅଧିକରୁ ଅଧିକ ଆୟ କରିପାରିବେ ତାହାଉପରେ ଧ୍ୟାନ ଦିଆଯିବାକୁ ପ୍ରକଳ୍ପ ଲକ୍ଷ୍ୟ ରଖିଛି । ଭୂତଳ ଜଳସଂରକ୍ଷଣ ଓ ଜଳ ଉପଲବ୍ଧତା ବୃଦ୍ଧି ଲାଗି ପ୍ରକଳ୍ପ ସଙ୍ଗମ ଅଧିନରେ ଅନେକ ଜଳସଂପଦ ବିକଶିତ ହେବ । ଏଥିରେ ଅତିରିକ୍ତ ସଂରକ୍ଷଣ ବ୍ୟବସ୍ଥା ଓ ପୋଖରୀ ନିର୍ମାଣ, କେନାଲ ଗୁଡ଼ିକର ପୁନଃଥଇଥାନ, ଫସଲର ବିବିଧକରଣ ଓ ପଶୁପାଳନ ଉପରେ ଗୁରୁତ୍ୱ ଦିଆଯିବ । ଏହି ଅଞ୍ଚଳର ୬୦%ରୁ ଅଧିକ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ । ଏହି ପ୍ରକଳ୍ପ ଉପରେ ମତ ଦେଇ ପ୍ରଣବ କୁମାର ଭଟାଚାର୍ଯ୍ୟ, ସିଇଓ-ଆଲୁମିନା ବ୍ୟବସାୟ, ବେଦାନ୍ତଲିଃ କହିଛନ୍ତି ଯେ ଅଣସଂରକ୍ଷିତ ଗୋଷ୍ଠୀ ପାଇଁ ନିରନ୍ତର ଜୀବିକା ନିର୍ବାହ କରିବା ଓ ଏହି ଅଂଚଳର ସମାଜିକ ଆର୍ଥିକ ଉନ୍ନତି ପାଇଁ ଏକ ଇକୋସିଷ୍ଟମର ବିକାଶ କରାଯାଇ ସ୍ଥାୟୀ ଜୀବିକା ନିର୍ବାହକୁ ସୁଗମ କରାଯିବ । ପ୍ରକଳ୍ପ ସଂଗମ ଆମ ଗୋଷ୍ଠୀକୁ ଆତ୍ମନିର୍ଭରଶୀଳ କରିବାରେ ସହଯୋଗ କରିବ । ଶଙ୍କର ଚଣ୍ଡି କଳାହାଣ୍ଡି ଜିଲ୍ଲା ଜଣେ କୃଷକ ସେ ତାଙ୍କର କୃତଜ୍ଞତା ଜଣାଇ କହିଛନ୍ତି ଯେ ଏହାପୂର୍ବରୁ କଳାହାଣ୍ଡି ଏହାର ସ୍ୱାଦ ଓ ରଙ୍ଗ ହେତୁ ଜାଗା ପାଇଁ ଜଣାଶୁଣା ଥିଲା । କିନ୍ତୁ ଜଳବାୟୁର ଚରମ ପ୍ରଭାବ ଓ ଜଳାଭାବ ହେତୁ ଆଖୁ ଫସଲ କାର୍ଯ୍ୟକ୍ଷମ ନୁହେଁ । ଆଜି ଏହି ପ୍ରକଳ୍ପ ମାଧମରେ ଆମେ ଏହାର ଉତ୍ପାଦନକୁ ପୁଣିଥରେ ଆରମ୍ଭ କରିବୁ । ସଠିକ କୃଷି ଅଭ୍ୟାସ ଓ ଜଳପରିଚାଳନା ହେବା ଦ୍ୱାରା ଆମେ ଆୟ ପାଇବାକୁ ସକ୍ଷମ ହେବୁ ବୋଲି ବିଶ୍ୱାସ ରହିଛି । ବେଦାନ୍ତ ଲାଞ୍ଜିଗଡ଼ର ସାମାଜିକ ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଭିତିଭୂମି, ମହିଳାସଶକ୍ତିକରଣ, ପରିମଳ, ପରିବେଶର ଉନ୍ନତି ଓ ତୃଣମୂଳସ୍ତରୀୟକ୍ରୀଡ଼ା ପ୍ରତି ସମର୍ଥନ ସହ ଗୋଷ୍ଠୀର ଉନ୍ନତି ପାଇଁ ପ୍ରତିବଦ୍ଧ ଓ ୬୭ରୁ ଅଧିକ ଗ୍ରାମରେ ଏହାର କାର୍ଯ୍ୟକ୍ରମକୁ ବିସ୍ତାର କରିଛି । ଏହାର ୩୭୮ରୁ ଅଧିକ ଏସଏଚଜିରେ ୪୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି । ବାର୍ଷିକ ପ୍ରାୟ ୬୦,୦୦୦ ଲୋକଙ୍କୁ ଗୁଣମାନର ଓ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି । ଲାଞ୍ଜିଗଡ଼ରେ ଶିକ୍ଷାର ପ୍ରସାର ଲାଗି ଡିଏଭି ଆନ୍ତର୍ଜାତିକ ବିଦ୍ୟାଳୟ ପ୍ରତିଷ୍ଠା କରିଛି । ଉଲ୍ଲେଖନୀୟ ପଦକ୍ଷେପ ଯଥା ନନ୍ଦଘର ଆଧୁନିକ ଅଙ୍ଗନବାଡ଼ି ଜରିଆରେ ୪୦୦୦ରୁ ଅଧିକ ପିଲା ଓ ୮୦୦ ମହିଳାଙ୍କ ପୋଷଣ କରୁଛି ।ସମାଜରେ ମା ଓ ଶିଶୁମାନଙ୍କ ଯତ୍ନ ପାଇଁ କାର୍ଯ୍ୟ କରୁଛି । ଆହୁରି ମଧ ଗ୍ରାମୀଣ ଯୁବକ ମାନଙ୍କ ଶିକ୍ଷାର ବିକାଶ ଲାଗି ସେମାନଙ୍କ ସାମଗ୍ରିକ ବିକାଶ ପ୍ରତି ଯତ୍ନବାନ ରହିଛି । ଅଂଚଳରେ କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ କ୍ରୀଡ଼ା ଟୁର୍ନାମେଣ୍ଟ ଓ ପ୍ରତିଯୋଗିତାମାନ ଆୟୋଜନ କରୁଛି ଓ ୨୦୦ ଯୁବକଙ୍କୁ ସଶକ୍ତ କରିପାରିଛି । ବେଦାନ୍ତ ଆଲୁମିନିୟମ ବେଦାନ୍ତ ଲମିଟେଡର ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକବର୍ଷ ୨୪ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା । ବେଦାନ୍ତ ଆଲୁମିନିୟମ ଏସ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟସସଟାନବିଲିଟି ଆସସମେଂଟ ୨୦୨୩ରେ ଆଲୁମିନିୟମ ଉଦ୍ୟୋଗ ପାଇଁ ପ୍ରଥମ ରାଙ୍କଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା । ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନିୟମ ରିଫାଇନାରୀ ଓ ପାୱାର ପ୍ଲାଂଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଂଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି ।

# ନୀଳଗିରି ଇଭିଏମ୍ ଷ୍ଟ୍ରଙ୍ଗ ରୁମରେ ସିସି ଟିଭି ଅଚଳ: ଘଟଣା ସ୍ଥଳରେ ଉତ୍ତେଜନା



ନୀଳଗିରି , ୩/୬ (ନି.ପ୍ର): ସରିଛି ନିର୍ବାଚନ। ଇଭିଏମରେ ସିଲ୍ ହୋଇଛି ନେତାଙ୍କ ଭାଗ୍ୟ। ଜୁନ ୪ତାରିଖରେ ପେଟେରା ଖୋଲିବାକୁ ଥିବା ବେଳେ ପ୍ରତ୍ୟେକ ପ୍ରାର୍ଥୀଙ୍କ ବିଶ୍ୱସନୀୟ କର୍ମୀ ଅପଲକ ନୟନରେ ଷ୍ଟ୍ରଙ୍ଗ ରୁମ ବାହାରେ ଲାଗିଥିବା ସି. ସି ଟିଭିକୁ ଅନେଇ ବସିଥିବା ବେଳେ ନୀଳଗିରି କଲେଜ ମଧରେ ଗଣତି ହେବାକୁ ଥିବା ୨୧୯ଗୋଟି ବୁଥର ଇଭିଏମ ଗୁଡିକ ୫ଗୋଟି ଷ୍ଟ୍ରଙ୍ଗ ରୁମ କରାଯାଇ ତ୍ରି ସ୍ତରୀୟ କଡ଼ା ସୁରକ୍ଷା ମଧରେ ରଖାଯାଇଛି। ସ୍ୱଚ୍ଛ ଓ ନିରପେକ୍ଷତାକୁ ଆଧାର କରି ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ଷ୍ଟ୍ରଙ୍ଗ ରୁମ ବାହାରେ ସିସି ଟିଭି ଲଗାଯାଇଛି। ବିଭିନ୍ନ ଦଳର ଏଜେଣ୍ଟ ଦିନରାତି ଜଗି ରହିଥିବା ବେଳେ ଗତକାଲି ରାତିରେ ହଠାତ୍ ସିସି ଟିଭି ଅଚଳ ହୋଇଯାଇଥିଲା। ଦୀର୍ଘ ତିନିଘଣ୍ଟା ଧରି ସିସି ଟିଭିରେ କୌଣସି ଡିସପ୍ଲେ ନହେବା ଯୋଗୁଁ ପ୍ରାର୍ଥୀ ଏବଂ ଏଜେଣ୍ଟ ମାନଙ୍କ ମଧରେ ସନ୍ଦେହ ଯାତ ହୋଇଥିଲା। ଇଭିଏମରେ ଟେମ୍ପରିଁ କରାଯାଉଥିବା ଆଶଙ୍କା କରି ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଏଭଳି ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ହାଲୁକାଭାବେ ନ ନେବାକୁ ସବୁ ମହଲରେ ନିନ୍ଦା କରାଯାଇଛି।

# କୋଭିଡ୍ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୩/୬ (ନି.ପ୍ର): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ କୋଭିଡ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ କହିଲେ ଆଦାନ କାଳରେ ଶରୀରରୁ ଶକ୍ତି ଓ ଇମ୍ୟୁନିଟି କମିଯାଏ। ଯେଉଁମାନଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ଜନ ଗହଳି ସ୍ଥାନକୁ ଗଲେ ଭୂତାଣୁ ଥିବା ରୋଗୀର ଛିଙ୍କ କାଶ ନାସାସ୍ରାବ ଦ୍ୱାରା ଭୂତାଣୁ ସହଜରେ ସଂକ୍ରମିତ ହୋଇଯାଏ। ଏହା ବାୟୁବାହିତ ହୋଇଥିବା ଯୋଗୁଁ ସୁସ୍ଥ ରୋଗୀକୁ ସଂକ୍ରମିତ କରେ। ଆଧୁନିକ ବିଜ୍ଞାନ ବିଭିନ୍ନ ଜାତୀୟ ଭୂତାଣୁ କହୁଥିବା ବେଳେ ସବୁଗୁଡ଼ିକୁ ଆୟୁର୍ବେଦରେ ଗୋଟିଏ ଭାବେ ପ୍ରକାଶ କରି ଗୋଟିଏ ପ୍ରତିକ୍ରିୟାହୀନ ସଫଳ ଚିକିତ୍ସା କୁହାଯାଇଛି। କାରଣକୁ ଛାଡି ପ୍ରତିରୋଧ ପାଇଁ ମାସ୍କ ପିନ୍ଧନ୍ତୁ, ଦୂରତା ରକ୍ଷା କରନ୍ତୁ, କର୍ପୁର ପାଖରେ ଧରନ୍ତୁ, ଗଙ୍ଗଶିଉଳୀ, ତୁଳସୀ, ଗୁଳୁଚି ପତ୍ର ରସ ବା ବଟିକା ଖାଆନ୍ତୁ। ନାକ, ଆଖିରୁ ପାଣି ବହିଲେ, ଜ୍ୱର ହେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଯେଉଁ ଔଷଧ ଦ୍ୱାରା ଇମ୍ୟୁନିଟି, ରକ୍ତକଣା ନଷ୍ଟ ହେବ ସେହି ଔଷଧ ଦୋକାନୀ ଠାରୁ ଖାଆନ୍ତୁ ନାହିଁ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ। ଏହି ଶିବିର ପ୍ରତି ସୋମବାର ଅନୁଷ୍ଠିତ ହୁଏ। ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଭୋଟ୍ ଗଣତି ...

ହଜାର ପୋଷ୍ଟାଲ ବ୍ୟାଲେଟ ଗଣତି ହେବ । ପ୍ରତି ଟେବୁଲରେ ୫୦୦ ବ୍ୟାଲେଟ ଗଣତି ହେବ । ୩୫୮୯ ଇଭିଏମ କାଉଂଟ ଟେବଲ ରହିଛି । ୮ଟି ବିଧାନସଭାରେ ରାଉଣ୍ଡ ସଂଖ୍ୟା ୩୦ରୁ ଅଧିକ । ସମସ୍ତ କାଉଁଟିଙ୍ଗ ସେଣ୍ଟରରେ ସିସିଟିଭି ଓ ଏସିର ବ୍ୟବସ୍ଥା ହୋଇଛି। ୬୦ କମ୍ପାନୀ କେନ୍ଦ୍ରୀୟ ବାହିନୀ ମୃତୟନ ହୋଇଛନ୍ତି। ଆଉ ୮୯ କମ୍ପାନୀ ଅଧିକ କେନ୍ଦ୍ରୀୟ ବାହିନୀ ମୃତୟନ ହେବେ। ୬ ତାରିଖ ଯାଏଁ ୧୬ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୃତୟନ ହେବେ । ଭୋଟ ଗଣତି କେନ୍ଦ୍ରରେ ଆମ୍ବୁଲାନ୍ସ ଓ ଡାକ୍ତର ରହିବେ।

### ଉଛୁଳିଲା ସେୟାର...

ଏହାକୁ ସ୍ୱାଗତ କରିଥିଲା । କେବଳ ଆଇଟି ସେକ୍ଟରକୁ ଛାଡ଼ି ଉପରମୁହାଁ ହୋଇଥିଲା ଅଧିକାଂଶ ଷ୍ଟକ୍ । ନିର୍ବାଚନ ଓ ଦେଶର ଆର୍ଥିକ ଅଭିବୃଦ୍ଧିକୁ ନେଇ ସେୟାର ବଜାର ସକରାତ୍ମକ ସଂକେତ ଦେଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ବଜାର ବିଶେଷଜ୍ଞ । ସେମାନଙ୍କ କହିବା କଥା, ଆଗକୁ ଉଭୟ ଘରୋଇ ଓ ବିଦେଶୀ ନିବେଶକଙ୍କ ସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବ । ଆସନ୍ତାକାଲି ଆସବ ନିର୍ବାଚନ ଫଳାଫଳ । ତେଣୁ କାଲିର ମାର୍କେଟ ଉପରେ ରହିଛି ସମସ୍ତଙ୍କ ନଜର । ଯଦି ମୋଦୀ ସରକାର ନେଇ ସ୍ପଷ୍ଟ ମତ ଆସିବ, ତାହା ସେୟାର ବଜାରକୁ ପ୍ରଭାବିତ କରିବ ବୋଲି ଆକଳନ କରୁଛନ୍ତି ବିଶେଷଜ୍ଞ ।

### ପୁରୀରେ ଗଣତି ପରବର୍ତ୍ତୀ...

ସେହିପରି କୌଣସି ପ୍ରକାର ପ୍ରୋସେସନ ବା ଶୋଭାଯାତ୍ରାକୁ ମଧ ବାରଣ କରାଯାଇଛି। ଏନେଇ କୌଣସି ପ୍ରକାର ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ନିୟମ ଭଙ୍ଗ କରନ୍ତି, ତାଙ୍କ ବିରୋଧରେ କଡ଼ା କାର୍ଯାନୁଷ୍ଠାନ ନିଆଯିବ ବୋଲି ପୁରୀ ଏସପି ସୂଚନା ଦେଇଛନ୍ତି।

# ଚନ୍ଦନଯାତ୍ରାରେ ବାଣ ବିସ୍ଫୋରଣ ଘଟଣା : ମୃତକଙ୍କ ପରିବାରକୁ ୨୦ ଲକ୍ଷ, ଆହତଙ୍କୁ ୫ ଲକ୍ଷ ସହାୟତା ପାଇଁ ଦାବି କଲା ଯୁବ କଂଗ୍ରେସ

ପୁରୀ, ୩/୬ (ନି.ପ୍ର): ଚନ୍ଦନଯାତ୍ରାରେ ବାଣ ବିସ୍ଫୋରଣ ଘଟଣାରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ, ଆହତଙ୍କୁ ୫ ଲକ୍ଷ ସହାୟତା ପାଇଁ ଦାବୀ କରିଛି ଯୁବ କଂଗ୍ରେସ। ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଜିଲ୍ଲା ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ପୁରୀ ବିଧାନସଭା ସଭାପତି ମନୋଜ ମଣ୍ଡଳ, ପୁରୀ ବିଧାନ ସଭା ଉପସଭାପତି ଅନିଲ ବେଜ, ଜିଲ୍ଲା ଉପସଭାପତି ଜଗଦୀଶ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଅର୍ପିତ ଦିକ୍ଷୀତ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀକାନ୍ତ ନାୟକଙ୍କ ସହ ସାହିଲ ମହାନ୍ତି, ହେମନ୍ତ ପ୍ରଧାନ, ସମ୍ବିତ ପ୍ରଧାନ, ସାହିଲ ପୃଷ୍ଟିଙ୍କ ସହ ଅନ୍ୟ ଯୁବ କଂଗ୍ରେସର ଶତାଧିକ କର୍ମୀ ଏକାଠି ହୋଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅକ୍ଷୟ ତୃତୀୟା ଠାରୁ ଦିଅଁ ଚାପ ଖେଳ ଆରମ୍ଭ ଠାରୁ ଶେଷ ଭଉଁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ମଇ ୨୯ ତାରିଖ ପୁରୀ ପାଇଁ ଏକ କଳାଦିନ ବା ପୁରୀ ସହରର ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ଅପାରଗତା ପାଇଁ ପୁରୀ ଏକ କଳଙ୍କିତ ଇତିହାସ ସୃଷ୍ଟିକଲା ବୋଲି ଯୁବ କଂଗ୍ରେସ କହିଛି। ପୁରୀ ସହର ବାସୀ ଧିକ୍କାର କରୁଛନ୍ତି ପ୍ରଶାସନିକ ବ୍ୟବସ୍ଥାକୁ। ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ତଥାକଥିତ ଫାଇଭ-ଟି ନବୀନ ସରକାରର ପୁରୀର ବିକାଶକୁ କେନ୍ଦ୍ର କରି। ଯୁବ କଂଗ୍ରେସ ତରଫରୁ ୫ ଦଫା ଦାବି ପତ୍ର ଉପରେ ୭ ଦିନ ମଧରେ ପଦକ୍ଷପ ନନିଆଗଲେ ପୁରୀ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଜିଲ୍ଲାପାଳ ଅଫିସ ଘେରାଉ କରାଯିବ ବୋଲି ଯୁବ କଂଗ୍ରେସ କହିଛି। ୫ ଦଫା ଦାବି ମାନଙ୍କ ମଧରେ ଭଉଁରୀ ଶ୍ରଦ୍ଧାଳୁ ନିୟନ୍ତ୍ରଣ ଦାଇତ୍ୱରେ ଯିଏ ଥିଲେ ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେଦିନ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ କୁଆଡେ ଯାଇଥିଲେ, ତଦନ୍ତ କରାଯାଉ। ବିକାଶ ନାମରେ ପ୍ରାଥମିକ ଚିକିତ୍ସା ଦେବାରେ ବିଫଳ ପୁରୀ ମୁଖ୍ୟ ଚିକିତ୍ସା କେନ୍ଦ୍ର। ଯୁବ କଂଗ୍ରେସ ତରଫରୁ ସି.ଡି.ଏମ.ଓ ଙ୍କୁ ବହୁତ ତାଗିଦ କରାଯାଇଥିଲା ପୋଡାଜଳା ବିଭାଗ କରିବାକୁ ହେଲେ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଯାହା ଫଳରେ ଆଜି ପ୍ରାଥମିକ ଚିକିତ୍ସା ନପାଇ ଅନେକ ଜୀବନ ଗଲା। ଆଇ.ସି.ୟୁ ର ଅଭାବ ବି ୧୩ଟି ଜୀବନ ଯିବାର କାରଣ। ଏହାକୁ କେନ୍ଦ୍ର କରି ତୁରନ୍ତ ସି.ଡି.ଏମ.ଓ. ନିଜର ଅପାରଗ କାର୍ଯ୍ୟଭାରକୁ ନେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରନ୍ତୁ। ଏହି ଅଗ୍ନିକାଣ୍ଡରେ ପ୍ରଶାସନ ଆହତଙ୍କ ପରିବାରକୁ ୫ ଲକ୍ଷ ର ସହାୟତା ସହ ମୃତ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ଗୋଟିଏ ପରିବାରରୁ ୨ରୁ ଉର୍ଦ୍ଧ୍ୱ ମୃତକଙ୍କୁ ୧ କୋଟି ସହାୟତା ପ୍ରଦାନ କରନ୍ତୁ। ପୁରୀରେ ବିକାଶ ନାମରେ ପ୍ରଚାର କରୁଥିବା ପ୍ରଶାସନ ଓ ସରକାର ତୁରନ୍ତ ପୁରୀରେ ୫୦ରୁ ଉର୍ଦ୍ଧ୍ୱ ଆଇ.ସି.ୟୁ ବିଶିଷ୍ଟ ସୁପର ସ୍ପେସାଲିଷ୍ଟ ମେଡିକାଲ କରିବା ପାଇଁ ଅନୁଦାନ ପ୍ରଦାନ କରି ତୁରନ୍ତ କାର୍ଯ୍ୟକ୍ଷମ କରନ୍ତୁ। ୫ଦଫା ସମ୍ବଳିତ ଦାବିକୁ କେନ୍ଦ୍ର କରି ତୁରନ୍ତ ସମସ୍ତ ଦାବି ଉପରେ ପଦକ୍ଷପ ନ-ନିଆଗଲେ ଆଗାମୀ ୭ ଦିନ ପରେ ଜିଲ୍ଲାପାଳ ଅଫିସ ଘେରାଉ ସହ ଜୋରଦାର ଆନ୍ଦୋଳନ ପୁରୀ ଜିଲ୍ଲା ଯୁବ କଂଗ୍ରେସ ତରଫରୁ କରାଯିବ ବୋଲି ଚେତାବନୀ ଦେଇଛନ୍ତି ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ।

# ହାତୀ ପାଦରୁ ଅଳ୍ପକେ ବର୍ତ୍ତିଲା ନାବାଳିକା



ନୀଳଗିରି , ୩/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଗଲା ନାବାଳିକା ଝିଅ । ସୋମବାର ସକାଳେ କେସିପୁର ପଞ୍ଚାୟତ ଅଧୀନ ଟୁଲୁଙ୍କଡ଼ାବ ଗାଁର ସତ୍ୟ ପଲେଇଙ୍କ ଦଶମ ଶ୍ରେଣୀରେ ପଢୁଥିବା ଝିଅ ଅନୁସୟା ବାଡ଼ି ପଛପଟକୁ ଶୌଚ ପାଇଁ ଯାଇଥିଲେ। ସେହି ସମୟରେ କୁଲଡିହା ଜଙ୍ଗଲରୁ ଖସି ଆସିଥିବା ଗୋଟିଏ ହାତୀ ହଠାତ ତାଙ୍କୁ ଆକ୍ରମଣ ପାଇଁ ଗୋଡ଼ାଇ ଥିଲା। ଛାତ୍ରୀଜଣକ ପ୍ରାଣ ବିକଳରେ ଦୌଡୁଥିବା ବେଳେ ଏକ ଖାଲୁଆ ସ୍ଥାନରେ ପଡ଼ିଯିବା ପରେ ହାତୀଟି ତା ଉପରେ ଗୋଡ଼ ପକାଇ ଦଳି ଦେଇଥିଲା। ଝିଅର ଚିତ୍କାର ଶୁଣି ତାଙ୍କ ବାପା ସେଠାରେ ପହଁଚି ବଡ଼ ଜୋରରେ ପାଟି କରିବାରୁ ହାତୀଟି ଜଙ୍ଗଲ ଆଡକୁ ଦୌଡ଼ି ପଳାଇ ଯାଇଥିଲା। ତୁରନ୍ତ ଝିଅକୁ ସେଠାରୁ ଉଦ୍ଧାର କରି ତାଙ୍କ ବାପା ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆକ୍ରମଣରେ ନାବାଳିକାଙ୍କର ମୁଣ୍ଡ, ମୁହଁ, ପିଠି, ଗୋଡ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମାତ୍ର ହାତୀର ପାଦ ସଠିକ୍ ସ୍ଥାନରେ ପଡ଼ି ନଥିବା ଯୋଗୁଁ ଝିଅଟି ଅଳ୍ପକେ ବର୍ତ୍ତି ଯାଇଛନ୍ତି।ଖବର ପାଇ କୁଲଡିହା ରେଞ୍ଜର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେପଟେ ଏହି ଖବରପାଇ ବିଜେପି ନେତା ମନୋରଞ୍ଜନ ବେହେରା ଡାକ୍ତରଖାନାରେ ପହଞ୍ଚି ନାବାଳିକାଙ୍କ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିଛନ୍ତି।

# ଡାକ୍ତରଙ୍କୁ ଅପହରଣ ଘଟଣା : ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିଲେ ପରିବାର ଲୋକ

ମାଲକାନଗିରି, ୩/୬ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ଡାକ୍ତର ଅମ୍ଳାନ କୁମାର ଭୋଇଙ୍କୁ ଅପହରଣ ଘଟଣାରେ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି । ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରୁଛି ପୋଲିସ। ଅନ୍ୟପକ୍ଷରେ କନ୍ଧମାଳ ଜିଲ୍ଲା ଟିକାବାଲିରୁ ଅମ୍ଳାନଙ୍କ ପରିବାର ଲୋକ ଆସି ଆଜି ମାଲକାନଗିରିରେ ପହଂଚି ମାଲକାନଗିରି ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ପୁଅକୁ ଖୋଜିବା ପାଇଁ ଗୁହାରି କରିଛନ୍ତି । ଇତିମଧରେ ଅମ୍ଳାନଙ୍କ ସରକାରୀ ବାସଗୃହକୁ ପୋଲିସ ସିଲ୍ କରିବା ସହ ତାଙ୍କ ମୋବାଇଲ୍ କୁ ଜବତ କରିଛି । ଜବତ ମୋବାଇଲ୍ ରୁ କିଛି ସୁରାକ୍ ପାଇବା ନେଇ ପ୍ରୟାସ ଜାରି ରଖିଛି । ମେଡିକାଲ ଚର୍ତୁପାର୍ଶ୍ୱରେ ଲାଗିଥିବା ସିସିଟିଭି ଓ କାଲିମେଳା ମୁଖ୍ୟ ରାସ୍ତାର କିଛି ବ୍ୟବସାୟୀଙ୍କ ଦୋକାନ ଓ ସିସିଟିଭିକୁ ପୋଲିସ ଯାଂଚ୍ କରୁଛି । ଏହି ଅପହରଣ ଘଟଣାରେ ମାଲକାନଗିରି ପୋଲିସ ଛତିଶଗଡ଼ ଦରନାପାଲ ଗ୍ରାମର କିଛି ଲୋକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି । ହେଲେ ଏଯାଏଁ ଅପହୃତ ଅମ୍ଳାନଙ୍କ କୌଣସି ସନ୍ଧାନ ପାଇନି ପୋଲିସ । ପ୍ରକାଶ ଥାଉକି, ଗତ କିଛି ଦିନ ତଳେ ଏକ ଶବ ବ୍ୟବଚ୍ଛେଦକୁ ନେଇ ଦରନାପାଲ ଗ୍ରାମର କେତେକ ଲୋକଙ୍କ ସହିତ ଡାକ୍ତର ଅମ୍ଳାନଙ୍କ ପାଟିତୁଣ୍ଡ ହୋଇଥିଲା । ଘଟଣା ପରେ ଡାକ୍ତର ଅମ୍ଳାନ ଶନିବାର ରାତିରେ ଡ୍ୟୁଟି ସାରି ଡାକ୍ତରଖାନାରୁ ସରକାରୀ କ୍ୱାର୍ଟରକୁ ଫେରିଥିଲେ । ଏହି ସମୟରେ କିଛି ଦୁର୍ବୃତ ତାଙ୍କୁ ଘରୁ ବଳପୂର୍ବକ ଉଠାଇନେଇଥିବା ଅଭିଯୋଗ ହୋଇଥିଲା। ତେବେ ବର୍ତମାନ ସୁଦ୍ଧା ତାଙ୍କର କୌଣସି ଖୋଜ୍ ଖବର ମିଳିନାହିଁ । ଅପରପକ୍ଷରେ ଘଟଣାସ୍ଥଳରୁ ଜବତ ହୋଇଥିବା ମାଓବାଦୀ ନାମରେ ହାତଲେଖା ଚିଠି ବାସ୍ତବରେ ମାଓବାଦୀଙ୍କର ନୁହେଁ ଏବଂ ଏହି ଅପହରଣ ପଛରେ ମାଓବାଦୀଙ୍କ ସମ୍ପୃକ୍ତି ନଥିବା ଏସପି ନିତିଶ ୱାଧବାନି କହିଛନ୍ତି । ସେପଟେ ଏହି ଘଟଣା ପରେ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଭୟଭିତ ଅବସ୍ଥାରେ ରହିଛନ୍ତି ।

# ଷ୍ଟେଟ୍ ବ୍ୟାଙ୍କ କେନ୍ଦ୍ରାପଡା ଶାଖା ପକ୍ଷରୁ ପେନସନଧାରୀଙ୍କ ବୈଠକ

କେନ୍ଦ୍ରାପଡ଼ା, ୩/୬ (ନି.ପ୍ର): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମେଡିକାଲ ରୋଡ୍‌ସ୍ଥିତ ବ୍ୟାଙ୍କର ମୁଖ୍ୟ ଶାଖା ପରିସରରେ ପେନ୍‌ସନ୍‌ଧାରୀଙ୍କ ସଂଘର ସଭାପତି ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ପେନସନଧାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ମେ ମାସ ୨୦ ତାରିଖରେ ନୂତନ ଭାବେ ଯୋଗ ଦେଇଥିବା ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ବିଶ୍ୱଜିତ ରାଉତରାୟ ପେନସ୍ନ ଧାରୀଙ୍କର ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ । ପ୍ରଥମେ ଶ୍ରୀ ରାଉତରାୟ ପେନ୍‌ସନଧାରୀଙ୍କ ସହିତ ପରିଚିତ ହେବା ପରେ ସେମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ ମୁଁ ସମସ୍ୟାଗୁଡିକ ଅନୁଧାନ କରି ଏହାର ତୁରନ୍ତ ସମାଧାନ କରିବି। ବ୍ୟାଙ୍କର ଉପ-ପରିଚାଳକ ସୁରେଶ କୁମାର ପୃଷ୍ଟି ପେନ୍‌ସନ ଧାରୀମାନଙ୍କୁ ବିଭିନ୍ନ ସମୟରେ କିପରି ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯାଉଛି ତାହା ଆଲୋଚନା କରିଥିଲେ । ଗତ ମେ ମାସ ୨୭ ତାରିଖରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଘଂର ପୂର୍ବତନ ସଭାପତି ଓ ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ସାହୁଙ୍କ ଦେହାନ୍ତରେ ଶୋକ ପ୍ରକାଶ କରାଯାଇଥିଲା । ଏହି ସଭାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ଅକ୍ଷୟ କୁମାର ନାୟକ, ଶରତ କୁମାର ରାଉତ, ନରୋ ମ ଜେନା, ବିଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ବ୍ରଜକିଶୋର ବିଶ୍ୱାଳ, ରାଜକିଶୋର ଦାସ, ପ୍ରଭାକର ମହାନ୍ତି, ଶ୍ରୀନିବାସ ଦାସ, ସରୋଜକାନ୍ତ ପରିଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ହେମନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ପଣ୍ଡା, ରାମେଶ୍ୱର ନାୟକ, ଧରଣୀଧର ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ ।

# ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୩/୬ (ନି.ପ୍ର): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପିଏଲଭି ସଭ୍ୟ ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧକ୍ଷତାରେ ଓ ବରିଷ୍ଠ ଆଇନଜୀବୀ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ମାଟିଆ ଉନ୍ନୀତ ଉ. ପ୍ରା.ବିଦ୍ୟାଳୟରେ ଆଜି ଦିନ ୧୦ଟା ସମୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର କୋଷାଧକ୍ଷ ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ମାଇଗ୍ରେଟ ଶ୍ରମିକଙ୍କ ପାଇଁ କେଉଁ କେଉଁ ଆଇନ ଅଛି ଓ ସେମାନଙ୍କୁ କିପରି ସହଜରେ ତାଲୁକ ଆଇନ ସେବା ସମିତି ସାହାଯ୍ୟ କରିପାରୁଛି ଏବଂ ଅନ୍ୟ ତଥ୍ୟ ଗୁଡିକ ବିଷୟରେ ଆଲୋଚନା କରି ଶିଶୁମାନଙ୍କ ଠାରୁ ସମାଜର ସମସ୍ତ ବର୍ଗର ଲୋକଙ୍କର ପାରିବାରିକ, ଜମିଜମା, ଆଇନଗତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ ଓ ତାର ସମାଧାନ କିପରି ତାଲୁକ ଆଇନ ସେବା ସମିତି ସହଜରେ ଶୀଘ୍ର ଏବଂ ମାଗଣାରେ କରିପାରୁଛି ତାହା ବର୍ଣ୍ଣନା କରିଥିଲେ ଓ ସମାଜର ପରିବେଶ କିପରି ଦୂଷିତ ହେଉଅଛି ଓ ଗୋଟିଏ ସବୁଜ ଗଛ ଆମ୍ଭ ମାନଙ୍କୁ ଖାଦ୍ୟ, ବସ୍ତ୍ର, ଅମ୍ଳଜାନ,ଜଳୀୟ ବାଷ୍ପ ଓ ପୃଥିବୀ ପୃଷ୍ଠରେ ମିଳୁଥିବା ସମସ୍ତ ଶକ୍ତି କିପରି ଦେଉଛି ତାହା ତନ ତନ କରି ବୁଝାଇଥିଲେ। ଏବଂ ପ୍ରତ୍ୟେକଙ୍କୁ ଅତି କମ ରେ ୧୦ଟି ଲେଖାଏଁ ଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା, ଜିତେନ୍ଦ୍ର କୁମାର ନନ୍ଦୀ , ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ ଓ ମାଟିଆ ଗାଁ ର ପୁରୁଷ ଓ ମହିଳା ମାନେ, ବିଦ୍ୟାଳୟ କମିଟିର ସଭାପତି ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପ୍ରଧାନ ଶିକ୍ଷକ ଗୋଲେଖ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରି ସଭାଟିକୁ ସାଙ୍ଗ କରିଥିଲେ।

# କେନ୍ଦ୍ରାପଡାରେ ଅବନି ବରାଳଙ୍କ ୯୦ତମ ଜୟନ୍ତୀ

କେନ୍ଦ୍ରାପଡ଼ା, ୩/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ତରଫରୁ ୰ ଅବନି ବରାଳଙ୍କ ୯୦ତମ ଜୟନ୍ତୀ ସ୍ଥାନୀୟ ବଳଦେବଜୀଉ କଳା ସଂସ୍କୃତି ନିକେତନ ଠାରେ ପାଳନ ହୋଇଯାଇଛି । ଜିଲ୍ଲା ଶିକ୍ଷକ ମହାସଂଘ ର ଉପଦେଷ୍ଟା ପ୍ରଫେସର ଅଜୟ ସାମଲଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ଅବସର ପ୍ରାପ୍ତ ଅଧାପକ ନନ୍ଦ କିଶୋର ପରିଡା, ମୋହନ ଚରଣ ଜେନା, ସଂଘ ଉପଦେଷ୍ଟା ଡ଼ଃ ଦିଲିପ କୁମାର ମିଶ୍ର, କାର୍ତିକ ଚରଣ ନାୟକ, ଜିଲ୍ଲା ସଂପାଦକ ନବଘନ ମହାରଣା, ଶ୍ରୀ ଚରଣ ସାମଲ, ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଡ଼ଃ ପ୍ରଭାକର ସାମଲ, ରଞ୍ଜିତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଓଡିଶାରେ ଶିକ୍ଷକ-ଶିକ୍ଷା ଓ ଶିକ୍ଷାୟତନ ପ୍ରତି ଅବନି ବରାଳଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ଶିକ୍ଷକ ନେତା ପଣ୍ଡିତ ପ୍ରତାପ ପତି ଧନ୍ୟବାଦ ଅର୍ପଣ କରିଛନ୍ତି ।

# କେନ୍ଦୁଝର:ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ର ଭୋଟ ଗଣତି ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

କେନ୍ଦୁଝର , ୩/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଗତ ମେ ମାସ ୨୫ ତାରିଖ ରେ ଶାନ୍ତିପୁର୍ଣ୍ଣ ଭାବେ ମତଦାନ ହେବା ଶେଷ ହେବା ପରେ ଶୃଙ୍ଖଳିତ ଏବଂ ତୃଟିଶୂନ୍ୟ ଭୋଟ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ହୋଇଛି ।
୫ କମ୍ପାନୀ କେନ୍ଦ୍ରିୟ ସଶସ୍ତ୍ର ପୋଲିସ ବଳ ଓ ରାଜ୍ୟ ପୋଲିସଙ୍କ ତ୍ରିସ୍ତରୀୟ କଡା ସୁରକ୍ଷା ବ୍ୟବସ୍ଥା ମଧରେ ଆସନ୍ତା ୪ ତାରିଖରେ ଜିଲିଲାର ତିନୋଟି ସ୍ଥାନରେ ଥିବା ୬ ଗୋଟି ଗଣତି କେନ୍ଦ୍ରରେ ଭୋଟ ଗଣତି ହେବ । ଚମ୍ପୁଆ ଓ ପାଟଣା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ହେବାକୁ ଥିବା ବେଳେ କେନ୍ଦୁଝର ଓ ତେଲକୋଇ ବିଦାନ ସଭା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟ ଠାରେ ଏବଂ ଆ ନନ୍ଦପୁର ଓ ଘଷିପୁରା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କନକ ମଜଂରୀ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବା ନିମନ୍ତେ ସ୍ଥିର କରାଯାଇଥିବା ଜିଲ୍ଲାପାଳ ବିଶାଳ ସିଂହଡେଳ ପକ୍ଷରୁ ସୂଚନା ଦିଆଯାଇଛି । ଏଥି ସହିତ ଏହି ସବୁ ଗଣତି କେନ୍ଦ୍ରରେ ବିଧାନସଭା ସହିତ କେନ୍ଦୁଝର ସଂସଦୀୟ କ୍ଷେତ୍ର ଲାଗି ମଧ ସମନ୍ତରାଳ ଭାବେ ଭୋଟ ଗଣିତ ହେବ ।
କେନ୍ଦୁଝର ସସଂଦୀୟ କ୍ଷେତ୍ରର ଇଭିଏ ମ୍ ଭୋଟ ଗଣତି ନିମନ୍ତେ କେନ୍ଦୁଝର ଜିଲ୍ଲାର ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଭୋଟ ଗଣତି ନିମନ୍ତେ କେବଳ ଆନନ୍ଦପୁର ରେ ୧୨ଟି ଟେବୁଲ ଓ କେନ୍ଦୁଝର ଜିଲ୍ଲାର ଅନ୍ୟ ୫ ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪ ଟି ଲେଖାଁଏ ଟେବୁଲ ଏବଂ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୟୁରଭଜଂ ଜିଲ୍ଲା କରଜିଂଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ୧୪ ଟି ଟେବୁଲ ବ୍ୟବସ୍ଥା କରାଯାଇ ସମୁଦାୟ ୯୬ ଗୋଟି ଇଭିଏମ୍ ଟେବୁଲ ର ବ୍ୟବସ୍ଥା କରାଯାଇଛି । ଏବଂ ସମସ୍ତ ପୋଷ୍ଟାଲ ବାଲାଟ ଗଣତି ପାଇଁ ଜିଲ୍ଲାର ୩ ଗୋଟି ଓ ମୟୁରଭଜଂ କରଜିଂଆ ଗଣତି କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଢଙ୍ଗରେ ସଂସଦୀୟ କ୍ଷେତ୍ର ଓ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ର ଭୋଟ ଗଣତି ନିମନ୍ତେ ସମଦାୟ ନିଯୁକ୍ତ ୭୫୯ ଜଣ କର୍ମଚାରୀଙ୍କ ମଧରୁ ୨୪୦ ମାଇକ୍ରୋ ଅବଜରଭର, ୨୪୦ କାଉଟିଂ ସୁପରଭାଇଜର ଏବଂ ୨୭୯ କାଉଟିଂ ଆସିଷ୍ଟାଟଂ ଙ୍କୁ ସର୍ବୋତ୍କୃଷ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ୪ ଜଣ ପର୍ଯ୍ୟବେକ୍ଷକ ଇତିମଧରେ ଭୋଟ ଗଣତି ନିରୀକ୍ଷଣ କରୁଛନ୍ତି । ଉଭୟ ୦୪ – କେନ୍ଦୁଝର ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀ ର ଭୋଟ ଗଣତି ପାଇଁ ତେଲକୋଇ ଲାଗି ୨୩ ରାଉଣ୍ଡ , ଘଷିପୁରା ପାଇିଂ ୨୨ ରାଉଣ୍ଡ , ଆନନ୍ଦପୁର ପାଇଁ ୨୫ ରାଉଣ୍ଡ, ପାଟଣା ପାଇଁ ୨୦ ରାଉଣ୍ଡ , କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୧ ରାଉଣ୍ଡ, ଚମ୍ପୁଆ ପାଇଁ ୧୯ ରାଉଣ୍ଡ , ଓ କରଜିଂଆ ଲାଗି ୧୮ ରାଉଣ୍ଡ ଭୋଟ ଗଣତି କରାଯିବା ସ୍ଥିର କରାଯାଇଛି। ଏବଂ ଗଣମାଧମ ପ୍ରତିନିଧି ମାନଙ୍କୁ ଗଣତି ସମ୍ବନ୍ଧିତ ସୂଚନା ପ୍ରଦାନ କରାଯିବା ଲାଗି ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି ।

# ଭୋଟ୍ ଗଣତି ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୩/୬ (ନି.ପ୍ର): ଶାନ୍ତିପୂର୍ଣ୍ଣ ଭାବେ ଜିଲ୍ଲାରେ ସମାପ୍ତ ହୋଇଛି ଭୋଟ୍ ଗ୍ରହଣ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଆସନ୍ତାକାଲି ସକାଳ ୮ଘଟିକାରୁ ଆରମ୍ଭ ହେବ ଭୋଟ ଗଣତି। ପ୍ରତ୍ୟେକ ବିଧାନସଭା ପାଇଁ ୧୦ ଲେଖାଏଁ ଟେବୁଲ୍‌ର ଆୟୋଜନ କରାଯାଇଥିବା ବେଳେ ମୋଟ୍ ୫୦ଟି ଟେବୁଲ୍‌ରେ ୯୬-ପାଟକୁରା, ୯୭-କେନ୍ଦ୍ରାପଡ଼ା, ୯୮-ଆଳି, ୯୯-ରାଜନଗର, ୧୦୦-ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ଭୋଟ୍ ଗଣତି ହେବ। ସେହିପରି ଲୋକସଭାର ଭୋଟ୍ ଗଣତି ପାଇଁ ମୋଟ୍ ୫୦ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଟେବୁଲ୍‌ରେ ଜଣେ କାଉଂଟିଙ୍ଗ୍ ଆସିଷ୍ଟାଂଟ୍, ଜଣେ କାଉଂଟିଙ୍ଗ୍ ସୁପରଭାଇଜର୍ ଓ ଜଣେ ମାଇକ୍ରୋ ଅବଜରଭର ନିୟୋଜିତ ହୋଇଛନ୍ତି। ଏକାକାଳୀନ ପୋଷ୍ଟାଲ ବାଲାଟ୍ ଓ ଇଭିଏମ୍‌ର ଭୋଟ୍‌ଗଣତି ଆରମ୍ଭ କରାଯିବ। ପୋଷ୍ଟାଲ୍ ବାଲାଟ୍ ଲୋକସଭା ପାଇଁ ମୋଟ୍ ୨୪ଟି ଟେବୁଲ୍‌ର ଆୟୋଜନ କରାଯାଇ ଥିବା ବେଳେ ପ୍ରତ୍ୟେକ ବିଧାନସଭାମଣ୍ଡଳୀ ପାଇଁ ୪ଟି ଲେଖାଏଁ ଟେବୁଲ୍‌ର ଆୟୋଜନ ହୋଇଛି। ପାଟକୁରା ୩୧ ରାଉଣ୍ଡ, କେନ୍ଦ୍ରାପଡ଼ା ୨୫ ରାଉଣ୍ଡ, ଆଳି ୩୨ ରାଉଣ୍ଡ, ରାଜନଗର ୨୯ ରାଉଣ୍ଡ ଓ ମହାକାଳପଡ଼ା ବିଧାନସଭା କ୍ଷେତ୍ରର ଭୋଟଗଣତି ୨୯ ରାଉଣ୍ଡରେ ଶେଷ ହେବ। ଭୋଟଗଣତି ଶେଷରେ ନିର୍ବାଚନର ସ୍ୱଚ୍ଛତା ଓ ଇଭିଏମ୍ ମେସିନ୍ ଉପରେ ସାର୍ବଜନୀନ ବିଶ୍ୱାସ ପ୍ରକଟ କରିବା ପାଇଁ ସମସ୍ତ ପ୍ରାର୍ଥୀଙ୍କ ଉପସ୍ଥିତିରେ ଲଟେରୀ ପକାଯିବ। ର୍‌ୟାଣ୍ଡମ୍‌ଲି ୫ଟି ଲଟେରୀ ଉଠାଣ ହେବ। ଉଠାଣ ହେଇଥିବା ଲଟେରୀର କ୍ରମାନୁସାରେ ଭିଭିପାଟ୍ ସ୍ଲିପ୍ ଗଣତି କରାଯିବ। ଭିଭିପାଟ୍ ସ୍ଲିପ୍ ଓ ଇଭିଏମ୍ ମେସିନ୍‌ର ଭୋଟ୍ ସହ ଗଣତି ସମନ୍ୱୟ ହେଲେ ଇଭିଏମ୍‌ର ବିଶ୍ୱସନିୟତା ପ୍ରତିଷ୍ଠା ହେବ ଏବଂ ସବୁ ଦ୍ୱନ୍ଦ୍ୱ ଓ ଆଶଙ୍କାରେ ପୂର୍ଣ୍ଣଛେଦ ପଡ଼ିବ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀଙ୍କ ଉପସ୍ଥିତିରେ ରବିବାର ଦିନ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ସମସ୍ତ ଇଭିଏମ୍ ମେସିନ୍ ରଖାଯାଇ ଷ୍ଟ୍ରଙ୍ଗ୍‌ରୁମ୍ ସିଲ୍ କରାଯାଇ ଥିଲା। ଏହି ଷ୍ଟ୍ରଙ୍ଗ୍ ରୁମ୍ ଏବେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରହିଛି। ସିସିଟିଭି ସୁପରିଭିଜନ୍ ସହ ସଶସ୍ତ୍ର ସୁରକ୍ଷା ବାହିନୀ ଇଭିଏମ୍‌କୁ ଜଗି ରହିଛନ୍ତି। ପ୍ରାର୍ଥୀଙ୍କ ଏଜେଂଟ୍ ମାନେ ବାହାରେ ଏଲ୍‌ଇଡି ଡିସ୍‌ପ୍ଲେ ମାଧ୍ୟମରେ ସିସିଟିଭିର ଫୁଟେଜ୍‌କୁ ମଧ୍ୟ ଜଗି ରହିଛନ୍ତି। ୨ ପ୍ଲାଟୁନ୍ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ, ୪ ପ୍ଲାଟୁନ୍ ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀ ଏବଂ ଓଡ଼ିଶା ପୁଲିସ୍‌ର ୧୧ଜଣ ଡିଏସ୍‌ପି, ୨୦ଜଣ ଇନିସ୍‌ପେକ୍ଟର ଓ ଶତାଧିକ ପୁଲିସ୍ କର୍ମଚାରୀ ଇଭିଏମ୍ ମେସିନ୍‌ର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି। ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଭୋଟ ଗଣତି ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଜୟରାମ ରମେଶଙ୍କ ଅନୁରୋଧକୁ ମାନିଲେନି ନିର୍ବାଚନ କମିଶନ: ଆଜି ସୁଦ୍ଧା ପ୍ରମାଣଭିତ୍ତିକ ତଥ୍ୟ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩/୬ : ନୋଟିସ ଦିଆଯିବା ସହ କଂଗ୍ରେସ ବରିଷ୍ଠ ନେତା ଜୟରାମ ରମେଶଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କଲେ ମୁଖ୍ୟ ନିର୍ବାଚନ କମିଶନ । ଭିତିହୀନ ଦାବି, ଅଭିଯୋଗ ଦ୍ୱାରା ସହେନ୍ଦ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ।ଏଥିରୁ ଦୂରେଇ ରହିବାକୁ ଓ ଭାବି ବିଚାରି ଏଭଳି ବୟାନ ଦେବାକୁ ପରାମର୍ଶ ଦେଇଛନ୍ତି ଇସି । ଭୋଟଗଣତି ପୂର୍ବରୁ ଗୃହମନ୍ତ୍ରୀ ଅମିତ ଶାହା ପ୍ରାୟ ଦେଢ଼ଶହ ଜିଲ୍ଲାପାଳଙ୍କୁ ଫୋନ କରି ପ୍ରଭାବିତ କରୁଥିବା ଅଭିଯୋଗ କରିଛନ୍ତି ଜୟରାମ ରମେଶ । ଭୋଟ ଗଣତି ପୂର୍ବରୁ କଂଗ୍ରେସ-ବିଜେପି ବିବାଦ ମଧ୍ୟରେ ମୁଣ୍ଡ ପୁରାଇଛନ୍ତି ମୁଖ୍ୟ ନିର୍ବାଚନ କମିଶନ । ବିବାଦୀୟ ବୟାନକୁ ନେଇ କଂଗ୍ରେସ ନେତା ଜୟରାମ ରମେଶଙ୍କୁ ରବିବାର ନୋଟିସ୍ ଜାରି କରିଛି ନିର୍ବାଚନ କମିଶନ । ଅମିତ ଶାହା ୧୫୦ ଜିଲ୍ଲାପାଳଙ୍କୁ ଫୋନ କରି ପ୍ରଭାବିତ କରିବାକୁ ଚେଷ୍ଟା କରିଥିବା ଅଭିଯୋଗ ଆଣିଥିଲେ ଜୟରାମ । ଯାହା ଉପରେ ଜବାବ ମାଗିଛନ୍ତି ନିର୍ବାଚନ କମିଶନ । ଏହି ଅଭିଯୋଗ ସମ୍ପର୍କୀତ ପୁରା ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଇସି । ଏଥିସହ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ମଧ ପ୍ରତିକ୍ରିୟା ରଖିଛନ୍ତି । ଇସି ଜାରି କରିଥିବା ନୋଟିସ୍ କହିଛନ୍ତି, କୋଣସି ଜିଲ୍ଲାପାଳ ଅବା ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ କାହା ଦ୍ୱାରା ପ୍ରଭାବିତ ନୁହଁନ୍ତି । ଏକ ଜାତୀୟ ପାର୍ଟିର ବରିଷ୍ଠ ଏବଂ ଉତରଦାୟୀ ନେତା ଭାବେ ଜନସାଧାରଣ ଆଗରେ ଭୋଟ ଗଣତି ପୂର୍ବରୁ ଏହା ଉପରେ ତଥ୍ୟ ଦେବା ଆବଶ୍ୟକ । ଶନିବାର ଜୟରାମ କହିଥିଲେ ୧୫୦ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କୁ ଅମିତ ଶାହା ଫୋନ କରିଥିବା ଦାବି କରିଥିଲେ । ପରାଜୟ ଭୟରେ ବିଜେପି ହତାଶ ହୋଇପଡିଛି । ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉପରେ କଂଗ୍ରେସର ବରିଷ୍ଠ ନେତାଙ୍କ ସାଂଘାତିକ ଅଭିଯୋଗ ଏବେ ଚର୍ଚ୍ଚାରେ ରହିଛି । ସେପଟେ ନିର୍ବାଚନ କମିଶନ ଜୟରାମ ରମେଶଙ୍କୁ ଏଭଳି ଭିତିହୀନ ଅଭିଯୋଗରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି ।

## ଘର ସାମ୍ନାରୁ ପିକଅପ୍ ଚୋରି

ନୀଳଗିରି , ୩/୬ (ନି.ପ୍ର): ନୀଳଗିରି ସହରରେ ଘର ସାମ୍ନାରୁ ଜଣେ ବ୍ୟବସାୟୀଙ୍କ ପିକଅପ୍ ଚୋରି ହେବା ଘଟଣା ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି । ନୀଳଗିରି ତଳସଡ଼କ କଦମସାହିରେ ଥିବା ସାଇମାର୍ବଲ ପାଶ୍ୱର୍ରେ ପିକଅପଟି ଛିଡ଼ା ହୋଇଥିଲା । ଗତକାଲି ବିଳମ୍ୱିତ ରାତିରେ ୨ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ମାତ୍ର ୫ମିନିଟ ମଧ୍ୟରେ ପିକଅପକୁ ଚୋରି କରି ଚମ୍ପଟ ମାରିଛନ୍ତି । ଏହି ପିକଅପଟି ନୀଳଗିରିରୁ ସେରଗଡ଼ ରାସ୍ତାରେ ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି । ଏ ସମ୍ପର୍କରେ ଆଜି ସାଇମାର୍ବଲର ମାଲିକ ବୁନା ଜେନା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ପକ୍ଷରୁ ଏହି ଘଟଣାରେ ଖୋଳତାଡ଼ କରାଯାଉଥିଲେ ହେଁ ଏଯାବତ ଦୁର୍ବୃତ୍ତଙ୍କ ଖୋଜ ଖବର ମିଳି ନାହିଁ । ସେପଟେ କିଛିମାସ ପୂର୍ବରୁ ଉକ୍ତ ସାଇମାର୍ବଲ ଭିତରେ ପଶି କେତେକ ଦୁର୍ବୃତ୍ତ ଅଢ଼େଇ ଲକ୍ଷ ଟଙ୍କା ସହ ସିସି କ୍ୟାମେରାର ସର୍ଭରଟି ଚୋରି କରି ନେଇଥିଲେ ।

## ପାକିସ୍ତାନର ହାଇଦ୍ରାବାଦ ବିସ୍ଫୋରଣରେ ମୃତକଙ୍କ ସଂଖ୍ୟା ବୃଦ୍ଧି ୧୨ ହେଲା

ଇସଲମାବାଦ, ୩/୬ : ପାକିସ୍ତାନର ହାଇଦ୍ରାବାଦର ପ୍ରୀତାବାଦ ଅଂଚଳରେ ହୋଇଥିବା ବିସ୍ଫୋରଣରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ସୋମବାର ୧୨ ଛୁଇଁଛି । ଏହି ବିସ୍ଫୋରଣ ରବିବାର ତରଳ ପେଟ୍ରୋଲିୟମ ଗ୍ୟାସ ସିଲିଣ୍ଡର ଭରିବା ଦୋକାନରେ ହୋଇଥିଲା । ପାକିସ୍ତାନ ନ୍ୟୁଜ ଚ୍ୟାନେଲ ଅନୁସାରେ, ଏହି ଦୋକାନ ନୀରୁନକୋଟର ୟୁସି-୮ରେ ମୀର ନବି ବକ୍ସ ଟାଉନ ରୋଡ ନିକଟ ଜଚ୍ଚ-ବଚ୍ଚା ହସ୍ପିଟାଲ ଅଂଚଳର ଭୂତଳରେ ହୋଇଛି । ଗୁରୁତର ପୋଡି ହୋଇଯାଇଥିବା ୭ଜଣ ଲୋକଙ୍କୁ କରାଚୀ ସିଭିଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏହି ବିସ୍ଫୋରଣରେ ଅତି କମରେ ୬୦ଜଣ ପୋଡି ହୋଇଯାଇଛନ୍ତି ।ଏଥିରୁ ଅଧିକାଂଶ ପିଲା ଥିବା ଜଣାପଡିଛି । ଗୁରୁତର ପୋଡି ଯାଇଥିବା ଲୋକଙ୍କୁ ଲିୟାକତ ୟୁନିଭର୍ସିଟି ହସ୍ପିଟାଲରେ କରାଚୀ ସ୍ଥାନାନ୍ତର କରାଯାଇଛି ।

# ସେଲ ଆରଏସପିର ରିସର୍ଚ୍ଚ ଏବଂ କଣ୍ଟ୍ରୋଲ୍ ଲାବୋରେଟୋରୀର ଟେଷ୍ଟ ହାଉସ୍ ଦ୍ୱାରା ଏନଏବିଏଲଠାରୁ ସମ୍ମାନଜନକ ଆଇଏସଓ /ଆଇଇସି ୧୭୦୨୫ ସ୍ୱୀକୃତି ହାସଲ

ରାଉରକେଲା, ୩/୬ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ରିସର୍ଚ୍ଚ ଆଣ୍ଡ କଣ୍ଟ୍ରୋଲ୍ ଲାବୋରେଟୋରୀ (ଆରସିଏଲ)ର ଟେଷ୍ଟ ହାଉସ୍ ନ୍ୟାସନାଲ ଆକ୍ରିଡେସନ୍ ବୋର୍ଡ ଫର ଟେଷ୍ଟିଂ ଏବଂ କାଲିବ୍ରେସନ୍ ଲାବୋରେଟୋରୀ (ଏନଏବିଏଲ) ଠାରୁ ସମ୍ମାନଜନକ ଆଇଏସଓ / ଆଇଇସି ୧୭୦୨୫ ସ୍ୱୀକୃତି ପ୍ରମାଣପତ୍ର ଲାଭ କରିଛି । ୨୦୨୪ ଜୁନ ୩ ତାରିଖରେ 'ମନ୍ଥନ' ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଅତନୁ ଭୌମିକଙ୍କୁ ଗୁଣବତ୍ତା ବିଭାଗର ସିଜିଏମ ଶ୍ରୀ ଆତିଶ ଚନ୍ଦ୍ର ସରକାରଙ୍କ ନେତୃତ୍ୱରେ ଆରସିଏଲ ବିଭାଗୀୟ ଦଳ ଉକ୍ତ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ । ଏହି ଅବସରରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ସିଜିଏମ ଆଇରନ ତଥା ଆକ୍ଟିଙ୍ଗ ଇଡ଼ି ୱାର୍କ୍ସ ଶ୍ରୀ ବି ଆର ପଲାଇ, ବହୁ ମୁଖ୍ୟମହାପ୍ରବନ୍ଧକ ବିଭାଗ ମୁଖ୍ୟ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଡ଼ିଆଇସି ସହିତ ଏହି ପ୍ରମାଣପତ୍ର ହାସଲ ପ୍ରକ୍ରିୟା ସହ ଜଡିତ ଦଳକୁ ଅଭିନନ୍ଦନ ଜଣାଇ ଆଶାବ୍ୟକ୍ତ କରିଥିଲେ ଯେ ଗ୍ରାହକମାନଙ୍କ ଆବଶ୍ୟକୀୟ ମାନର ବ୍ୟାପକ ସ୍ପେକ୍ଟ୍ରମ୍ ପୂରଣ କରିବାରେ ଏହି ପ୍ରମାଣପତ୍ର ସାହାଯ୍ୟ କରିବ ତଥା ବିଭିନ୍ନ ଶିଳ୍ପ ଆବଶ୍ୟକତା ପାଇଁ ଲାବୋରେଟୋରୀର ସାମର୍ଥ୍ୟକୁ ସୁଦୃଢ଼ ଗଢିବ । ଏଥିପୂର୍ବରୁ ଶ୍ରୀ ଆତିଶ ଚନ୍ଦ୍ର ସରକାର ଏହି ସମ୍ମାନଜନକ ମାନ୍ୟତା ହାସଲ ବିଷୟରେ ବିସ୍ତୃତରେ ବର୍ଣ୍ଣନା କରିଥିଲେ । ଆରସିଏଲ ବିଭାଗର ଜିଏମ୍ ଶ୍ରୀ କୁନ୍ତଳ ପଟ୍ଟାରି ଉକ୍ତ ମାନକ ଏବଂ ପ୍ରମାଣପତ୍ର ହାସଲ ପ୍ରକ୍ରିୟା ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ । ସୂଚନାଯୋଗ୍ୟ ଯେ, ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱୟଂଶାସିତ ସଂସ୍ଥା ଏନଏବିଏଲ ସମଗ୍ର ଭାରତରେ ବୈଜ୍ଞାନିକ ଏବଂ ଶିଳ୍ପ ସମୂହରେ ଉତ୍କର୍ଷତା ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହାର ପ୍ରମାଣପତ୍ର ଏକ ଲାବୋରେଟୋରୀର ବୈଷୟିକ ସାମର୍ଥ୍ୟ ଏବଂ ଆନ୍ତର୍ଜାତୀୟ ମାନକ ଅନୁପାଳନର ଏକ ଆନୁଷ୍ଠାନିକ ସ୍ୱୀକୃତି ଯାହା ସଠିକ୍ ବୈଜ୍ଞାନିକ ଏବଂ ବିଶ୍ଳେଷଣାତ୍ମକ ସେବା ଉପରେ ନିର୍ଭରଶୀଳ ଶିଳ୍ପଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଉଲ୍ଲେଖଯୋଗ୍ୟ ଯେ, ଆରସିଏଲ ୨୦୨୩ ଜୁନ୍ ରେ ଏନଏବିଏଲ ସ୍ୱୀକୃତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା । ଆଇଏସଓ ୯୦୦୧ ଅଧୀନରେ ସାର୍ଟିଫିକେଟ୍ ପ୍ରାପ୍ତ ତଥା ଏପିଆଇ କ୍ୟୁ ୧ ଏବଂ ସିଇ ମାର୍କିଂ ପରି କଠୋର ଗୁଣବତ୍ତା ପରିଚାଳନା ବ୍ୟବସ୍ଥା ଅନୁପାଳନ କରୁଥିବା ଆରସିଏଲ ଆଇଏସଓ / ଆଇଇସି ୧୭୦୨୫ ସ୍ୱୀକୃତିର ବୈଷୟିକ ପରିମାପକତା ଆବଶ୍ୟକତା ହାସଲ ପାଇଁ ଲକ୍ଷ୍ୟ ରଖିଲା । ପରାମର୍ଶଦାତା ଏବଂ ତାଲିମ ପାଇଁ ଇଆକ୍ୟୁଏମ ପ୍ରାଇଭେଟ ଲିମିଟେଡ୍ କୁ ନିୟୋଜିତ କରାଯାଇଥିଲା ଏବଂ ୧୧ ଜଣ ଅଧିକାରୀଙ୍କ ପାଇଁ ୪ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଫେବୃଆରୀ ୨୪ ଓ ୨୫ ତାରିଖରେ ଏନଏବିଏଲ ଦ୍ୱାରା ନିଯୁକ୍ତ ଅଡିଟରଙ୍କ ଦ୍ୱାରା ସମ୍ପନ୍ନ ବିସ୍ତୃତ ଅଡିଟ୍, ଆରସିଏଲ ବିଭାଗର ସିଷ୍ଟମ୍, ପ୍ରକ୍ରିୟା ଏବଂ ଡକ୍ୟୁମେଣ୍ଟେସନ୍ ର କଠୋର ମୂଲ୍ୟାଙ୍କନ କରିଥିଲା । ଅଡିଟରମାନେ ଆରସିଏଲର ଦୃଢ଼ ଗୁଣବତ୍ତା ପରିଚାଳନା ବ୍ୟବସ୍ଥା ଉପରେ ଆସ୍ଥା ପ୍ରକଟ କରି ଲାବୋରେଟୋରୀକୁ ସ୍ୱୀକୃତି ପ୍ରଦାନ ପାଇଁ ସୁପାରିଶ କରିଥିଲେ । ଏନଏବିଏଲ ସ୍ୱୀକୃତି ଗ୍ରାହକ ଉଲ୍ଲାସ ଏବଂ ସନ୍ତୁଷ୍ଟିରେ ଉନ୍ନତି ଆଣିବ ତଥା ଆରଏସପିର ବଜାର ପ୍ରବେଶକୁ ବୃଦ୍ଧି କରିବ । ଅଧିକାଂଶ ଜଟିଳ ପ୍ରକଳ୍ପ ଆବଶ୍ୟକ କରୁଥିବା ଇସ୍ପାତ ପରି କଞ୍ଚାମାଲକୁ ଏନଏବିଏଲ ସ୍ୱୀକୃତିପ୍ରାପ୍ତ ଲାବୋରେଟୋରୀରେ ପରୀକ୍ଷାର ପ୍ରୟୋଜନ କରୁଥିବା ପରିପ୍ରେକ୍ଷୀରେ ପ୍ରତିଯୋଗିତାମୂଳକ ବଜାର ପାଇଁ ଏହି ସ୍ୱୀକୃତି ଏକାନ୍ତ ଆବଶ୍ୟକ ଅଟେ । ପୂର୍ବରୁ, ଏନଏବିଏଲ ସ୍ୱୀକୃତିର ଅଭାବ ଯୋଗୁଁ ତୃତୀୟ ପକ୍ଷ ଯାଞ୍ଚ ହେତୁ ବିଳମ୍ବ ଏବଂ ଜଟିଳତା ସୃଷ୍ଟି ହେଉଥିଲା । ନୂତନ ସ୍ୱୀକୃତି ଗ୍ରାହକଙ୍କ ଆତ୍ମବିଶ୍ୱାସ ବଢାଇବ ଏବଂ କମ୍ପାନୀର ବ୍ରାଣ୍ଡ ମୂଲ୍ୟରେ ବୃଦ୍ଧି ଆଣିବା ସହିତ ବରାଦ ଗୁଡିକର ସୁଗମ ରୂପେ ପୂରଣ ଏବଂ ବିତରଣକୁ ସୁନିଶ୍ଚିତ କରିବ ।



## ଗାର୍ଡ ସାହେବଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବର୍ତ୍ତିଗଲା ବଡ ଧରଣର ଟ୍ରେନ ଦୁର୍ଘଟଣା



ବସ୍ତା,୩।୬(ନିପ୍ର): ଦକ୍ଷିଣପୂର୍ବ ରେଳବାଇ ଅଧୀନ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବସ୍ତା ଷ୍ଟେସନ ରେ ଏକ ବଡ଼ ଧରଣର ଟ୍ରେନ ଦୁର୍ଘଟଣା କୁ ଏଡାଯାଇପାରିଛି ।ସୂଚନାରୁ ପ୍ରକାଶ ଯେ ସୋମବାର ଅପ ଲାଇନରେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନ ପାରାଦ୍ୱୀପ ଆଡକୁ ଯାଉଥିବା ବେଳେ ହଠାତ ଗୋଟିଏ ଡବା ରେ ନିଆଁ ଲାଗି ଯାଇଥିଲା । ଏହା ଦେଖି ଟ୍ରେନର ଗାର୍ଡ ସାହେବ ଷ୍ଟେସନ ମ୍ୟାନେଜରଙ୍କୁ ଜଣାଇଥିଲେ । ଷ୍ଟେସନ ମ୍ୟାନେଜର ସଙ୍ଗେ ସଙ୍ଗେ ଟ୍ରେନକୁ ୨ନଂ ରୁ ଏକ ନଂ ପ୍ଲାଟଫର୍ମକୁ ଆଣି ବସ୍ତା ଦମକଳ କେନ୍ଦ୍ରକୁ ଫୋନ କରିଥିଲେ ।ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଟ୍ରେନରୁ ନିଆଁ ଲିଭାଇଥିଲେ । ଫଳରେ ଟ୍ରେନ ଟି ଅଗ୍ନି ଦାଉରୁ ବର୍ତ୍ତି ଯାଇଥିଲା । ଏଥି ଯୋଗୁଁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି ।

## ଜାପାନର ଇଶିକାୱା ଅଂଚଳରେ ୫.୯ ତୀବ୍ରତାର ଭୂକମ୍ପ

ଟୋକିଓ, ୩/୬ : ଜାପାନର ଇଶିକାୱା ଅଂଚଳର ନୋଟୋ ପ୍ରାୟଦ୍ୱୀପରେ ସୋମବାର ସକାଳେ ୬.୩୧ ସମୟରେ ଭୂକମ୍ପ ଅନୁଭୂତ ହୋଇଛି । ଜାପାନ ପାଣିପାଗ ବିଜ୍ଞାନ କେନ୍ଦ୍ର ମୁତାବକ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୯ ରେକର୍ଡ ହୋଇଛି । ଭୂକମ୍ପ ଆସିବା ପରେ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ । ନୋଟା ସହର, ନାନାଓ ଓ ଅନାମିଜୁ ସହର ସମେତ ନିଗାଟା ଅଂଚଳର କିଛି ସ୍ଥାନରେ ଭୂକମ୍ପ ଅନୁଭୂତ ହୋଇଛି । ଏବେ ସୁଦ୍ଧା ସୁନାମୀର କୌଣସି ବିପଦ ସୂଚନା ନାହିଁ । ଆଜି ଅନୁଭୂତ ହୋଇଥିବା ଭୂକମ୍ପ ଯୋଗୁ ନୋଟୋ ପ୍ରାୟଦ୍ୱୀପର ଉତ୍ତରାଂଚଳ ନିକଟ ୱାଜିମା ଓ ସୁଜୁ ସହର ବିଶେଷ ଭାବେ ପ୍ରଭାବିତ ହୋଇଛି ।

## ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଦାବି ଜଣାଇଲେ ସାସାଂବେଡ଼ା, ସିଲିଗଡ଼ ଓ ବାଲିପୋଖରି ଗ୍ରାମବାସି



ଉଦଳା , ୩/୬ (ନି.ପ୍ର): ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ସାସାଂବେଡ଼ା, ସିଲିଗଡ଼ ଓ ବାଲିପୋଖରି ଗ୍ରାମବାସି ଗ୍ରାମରେ ନୂତନ ଅଙ୍ଗନୱାଡ଼ିକେନ୍ଦ୍ର ଟିଏ ସ୍ଥାପନ ପାଇଁ ଦାବି ଜଣାଇଛନ୍ତି । ପାଖରେ ଅଙ୍ଗନୱାଡ଼ିକେନ୍ଦ୍ର ନଥିବାରୁ ଏଠାରୁ ପ୍ରାୟ ୩କିମି ଦୂରରେ ଥିବା ଘୁଂଟିବଣି ଅଙ୍ଗନୱାଡ଼ିକେନ୍ଦ୍ର ଉପରେ ଆମକୁ ନିର୍ଭର କରିବାକୁ ପଡୁଛି ବୋଲି ଗ୍ରାମବାସି ଅଭିଯୋଗ କରିଛନ୍ତି । ବର୍ତମାନ ସାସାଂବେଡ଼ା ଗ୍ରାମର ୧୨ ଜଣ, ଶିଲିଗଡ଼ ଗ୍ରାମର ୭ ଜଣ ଓ ବାଲିପୋଖରି ଗ୍ରାମର ୭ ଜଣ, ମୋଟ ୨୬ ଜଣ ପିଲାଙ୍କର ଘୁଂଟିବଣି ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ରହିଛି । ଜାତାୟତ ପାଇଁ ନିୟମିତ ସୁବିଧାଜନକ ହେଉନଥିବାରୁ ଏହିଗ୍ରାମର ପିଲାମାନେ ଅଧିକାଂଶ ଦିନ ଅଙ୍ଗନୱାଡ଼ିକେନ୍ଦ୍ରରେ ଅନୁପସ୍ଥିତ ରୁହନ୍ତି । ବର୍ଷାଦିନ ହେଲେ ଏହିସବୁ ଗ୍ରାମର ପିଲାମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦୌ ଆସନ୍ତି ନାହିଁ । ସେହିପରି ଗର୍ଭବତି ଓ ପ୍ରସୂତି ମହିଳା ମାନେ ଅଙ୍ଗନୱାଡ଼ିକେନ୍ଦ୍ରର ସୁବିଧା ପାଇବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଗ୍ରାମର ବାସିନ୍ଦା ପୁଷ୍ପଲତା ସିଂ, ରାସମଣି ସିଂ, ଗୁରୁବାରି ସିଂ, ଚୁଡ଼ାମଣି ସିଂ, କାପୁରା ଟୁଡୁ ଓ ରଜନି ମାଝୀ ଗଣମାଧମକୁ ଜଣାଇଛନ୍ତି । କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ସୁନ୍ଦରଗଡ଼ ଓ ଝାରସୁଗୁଡାରୁ ଅଧିକ ହିଟୱେଭ ମାମଲା ଆସୁଛି: ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୩/୬ (ନି.ପ୍ର): ସୁନ୍ଦରଗଡ଼ ଓ ଝାରସୁଗୁଡାରୁ ଅଧିକ ହିଟୱେଭ ମାମଲା ଆସୁଛି । ରାଜ୍ୟର ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହା କହିଛନ୍ତି ।

ସେ କହିଛନ୍ତି ଯେ, ଚଳିତ ଥର ଗ୍ରୀଷ୍ମ ଋତୁରେ ଗତକାଲି ସୁଦ୍ଧା ୨୬ ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ସ୍ପଷ୍ଟ ହୋଇଛି । ଏଥିରୁ ୨୦ ମାମଲା ରାଉରକେଲାର । ସେମାନଙ୍କ ମଧ୍ୟରୁ ହସ୍ପିଟାଲ ଆସିବା ପୂର୍ବରୁ କିଛି ରୋଗୀଙ୍କ ମୃତ୍ୟୁ ହୋଇଛି । ଆଉ କିଛି ମୃତକଙ୍କ ପୋଷ୍ଟମର୍ଟମ ଚାଲିଛି । ଯୁଗ୍ମ ତଦନ୍ତ ଚାଲିଛି । ବର୍ଷା ପାଇଁ ହିଟୱେଭ ସାମାନ୍ୟ କମିଛି । ତେବେ ଏବେ କିଛି ଅଂଶୁଘାତ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

## ଚାରି ଦିନ ଧରି ଝୁଟ ଓ ଚିନାବାଦାମ ଗୋଦାମ ଜଳିଛି

### ବସ୍ତା ବାଲିଆପାଳ ଦମକଳ ବାହିନୀ ନିଆଁ ଲିଭାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି



ଲଙ୍ଗଳେଶ୍ୱର,୩/୬ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଇଡକୋ ହସ୍ପିଟାଲ ଅନତି ଦୂରରେ ଥିବା ସିମୁଳିଆ ଗ୍ରାମର ବିଜୟ ବିଶ୍ୱାଳଙ୍କ ଝୋଟ ଓ ଚିନା ବାଦାମ ଗୋଦାମରେ ଶୁକ୍ରବାର ଲାଗିଥିବା ନିଆଁ ସୋମବାର ଅପରାହ୍ନ ସୁଦ୍ଧା ଜଳୁଛି । ନିଆଁ ଲିଭିବା ନାଁ ଧରୁନି ।ବସ୍ତା ବାଲିଆପାଳ ଦମକଳ ବାହିନୀ ନିଆଁ ଲିଭାଇବା ପାଇଁ ଦିନ ରାତି ଉଦ୍ୟମ ଜାରି ରଖିଛନ୍ତି । ତେବେ ଏହି ନିଆଁ ଲାଗିବାର କାରଣ ବଜ୍ର ପାତ ଜନିତ ବୋଲି ଆଜି ବାଲିଆପାଳ ଦମକଳ ବାହିନୀର ଅଧିକାରୀ କାଶୀ ନାଥ ମାରାଣ୍ଡି ବିଭିନ୍ନ ଗଣ ମାଧ୍ୟମ ଅଗରେ କହିଛନ୍ତି । ତେବେ ୨୧୭ ଫିଟ ଲମ୍ବ ଓ ୯୭ ଫିଟ ଓସାର ର ବିରାଟ ଗୋଦାମ ଘରେ ଆନୁମାନିକ ୬ କୋଟିରୁ ଅଧିକ କୃଷି ଜାତ ଝୋଟ ଓ ଚିନାବଦ ମହଜୁଦ ଥିବା କଥା ବ୍ୟବସାୟୀ ଶ୍ରୀ ବିଶ୍ୱାଳ କହିବା ସହିତ ଅଧିକ ସଂଖ୍ୟକ ଦମକଳ ଯୋଗାଇ ଶୀଘ୍ର ନିଆଁ ଲିଭେଇ ବା ପାଇଁ ପ୍ରଶାସନ କୁ ନିବେଦନ କରିଛନ୍ତି ।


## ବିଜ୍ଞାପନ

# ମହାନ୍ତି ମେଗାମାର୍ଟ

ରେମୁଣା ଗୋଲେଇ, ବାଲେଶ୍ୱର

ପ୍ରୋ : ରାକେଶ ମହାନ୍ତି

ମୋ-୭୦୦୮୪୮୩୯୯୬

ଏତଦ୍ୱାରା ଜଣାଇ ଦିଅଯାଉଛିକି, ଆମ୍ଭ ଗାରମେଣ୍ଟ ସୋରୁମରେ ଷ୍ଟକ ଥିବା ୫୦ ଲକ୍ଷ ୯୦ ହଜାର ଟଙ୍କାର ବିଭିନ୍ନ ଫେସନ ଆଇଟମ୍, କିଡସ୍ ଆଇଟମ, ଶାଢ଼ି, ପ୍ୟାଣ୍ଟ, ସାର୍ଟକୁ ୧୧ ଲକ୍ଷ ଟଙ୍କାରେ ବିକ୍ରୟ କରାଯିବ । ଇଚ୍ଛୁକ ବ୍ୟବସାୟୀ ଦୋକାନୀ କିମ୍ବା ବ୍ୟକ୍ତିବିଶେଷ ସମସ୍ତ ଗାରମେଣ୍ଟକୁ କିଣିବାକୁ ଚାହିଁଲେ ଉପର ଲିଖିତ ଫୋନ୍ ନଂରେ ଯୋଗାଯୋଗ କରିପାରିବେ । ପ୍ରଥମ କେତ୍ରାଙ୍କୁ ଅଗ୍ରାଧିକାର ଦିଆଯିବ ।


## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୨ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୩/୬ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୨ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୭ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ।
ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

## ଜିଲ୍ଲା ବ୍ରାହ୍ମଣ ସମିତିରେ ବିଶ୍ୱ ବ୍ରାହ୍ମଣ ଦିବସ ପାଳନ





ବାଲେଶ୍ୱର, ୩/୬ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ସମିତି ପକ୍ଷରୁ ଦାମୋଦରପୁରସ୍ଥିତ ସମିତି କାର୍ଯ୍ୟାଳୟରେ ରବିବାର ଦିନ ପୂର୍ବାହ୍ନରେ ବିଶ୍ୱ ବ୍ରାହ୍ମଣ ଦିବସ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଡା. ଶ୍ରୀଶ କୁମାର ଦାଶ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସମିତିର ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ଓ ଶାନ୍ତିସ୍ୱରୂପ ମିଶ୍ର ବିଶ୍ୱ ବ୍ରାହ୍ମଣ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ମାନବ ସମାଜରେ ଶାନ୍ତି ଓ ସଦ୍ଭାବନା ପ୍ରତିଷ୍ଠା କରିବା ଦିଗରେ ବିଶ୍ୱବ୍ରାହ୍ମଣ ସମାଜର ଅବଦାନ ସଂପର୍କରେ ଡ. କ୍ଷିତିଶ୍ୱର ଦାଶ, ଚନ୍ଦ୍ରାଂଶୁ ବାନାର୍ଜୀ, କୃଷ୍ଣ ଚନ୍ଦ୍ର ପତ୍ରି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସରକାରୀ ଅନୁଦାନରେ ନିର୍ମାଣାଧିନ ଜିଲ୍ଲା କାର୍ଯ୍ୟାଳୟର ଅଗ୍ରଗତି ଓ ଆୟବ୍ୟୟର ହିସାବ ସଂପାଦକ ଓ କୋଷାଧକ୍ଷ ଉପସ୍ଥାପନ କରିଥିଲେ । ସଦସ୍ୟମାନଙ୍କ ସହାୟତା ଅର୍ଥରେ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ସଂପର୍କରେ ଓ ମଂଜୁରୀପ୍ରାପ୍ତ ଅର୍ଥ ସରକାରଙ୍କ ଠାରୁ ମିଳିନଥିବାରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନଥିବାର ଜଣାଗଲା । ତେଣୁ ସଂପୃକ୍ତ ବିଭାଗୀୟ ସରକାରୀ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ନିବେଦନ କରାଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ସାଂଗଠନିକ ସ୍ଥିତି ସଂପର୍କରେ ସାଧାରଣ ସଂପାଦକ ଶ୍ରୀ ଦାଶ, ଉପସଭାପତି ଡ. ଗୌରସାଧନ ମିଶ୍ର ଓ ରମାକାନ୍ତ ଦିକ୍ଷୀତ୍ ବୈଠକରେ ଆଲୋକପାତ କରିଥିଲେ । ଜିଲ୍ଲା ସଂଗଠନକୁ ଅଧିକ ଶୃଙ୍ଖଳିତ ଓ ସଂଗଠିତ କରିବାପାଇଁ ପଣ୍ଡିତ ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ପତ୍ରି ଓ ଗୌରାଙ୍ଗ ପାଣିଗ୍ରାହୀଙ୍କ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଓ ବେଦପାଠ ପରେ ନୀଳଗିରି ନଗର କମିଟିର ସଭାପତି ବିଜୟ ତ୍ରିପାଠୀଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଓ ବାହାନଗା ରେଳଦୁର୍ଘଟଣା ଆଜିର ଦିନରେ ଗତବର୍ଷ ଗତବର୍ଷ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଡ. କ୍ଷିତିଶ୍ୱର ଦାଶଙ୍କ ପିତୃ ଶ୍ରାଦ୍ଧ ଦିବସ ଅବସରରେ ସେ ଉପସ୍ଥିତ ବ୍ରାହ୍ମଣମାନଙ୍କୁ ଦକ୍ଷିଣା ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ନିରାକାର ଦାଶ, ନିରଞ୍ଜନ ମହାପାତ୍ର, ଅଭିମନ୍ୟୁ ପଣ୍ଡା, ବୀରେନ୍ଦ୍ର କୁମାର କର, ବୈଦ୍ୟନାଥ ଆଚାର୍ଯ୍ୟ, କ୍ଷିତିଶ ଚନ୍ଦ୍ର ପଣ୍ଡା, ପୁଣ୍ୟଶ୍ଳୋକ ନନ୍ଦ, ଲକ୍ଷ୍ମୀକାନ୍ତ ନନ୍ଦ, ରବୀନ୍ଦ୍ର ପାଣିଗ୍ରାହୀ, ରବି କୁମାର ପାଣିଗ୍ରାହୀ, ନାରାୟଣ କର ଓ ମାନସ କର ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଗୌର ସାଧନ ମିଶ୍ର ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo